# ଧରିତ୍ରୀ
DHARITRI

ବାଲେଶ୍ୱର, ରବିବାର,ଏପ୍ରିଲ ୨୧/୨୦୧୯ (୨୦ ପୃଷ୍ଠା) Balasore, Sunday, April 21/2019 (ଛୁଟିଦିନ ସହ) ★★★★

୪୪ଶ ଭାଗ ୧୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ଏମିତି ବିଜେପି
## ଏମିତି ତାଙ୍କ କେନ୍ଦ୍ର ମନ୍ତ୍ରୀ
## ଲୋକଙ୍କ ମୁହଁରୁ 'ଆହାର' ଛଡାନ୍ତି !


सत्यमेव जयते
भारत INDIA
INDIA NON JUDICIAL
ଓଡ଼ିଶା ओड़िशा ODISHA G 948714

MEMORANDUM OF UNDERTAKING

THIS MEMORANDUM OF UNDERSTANDING made and entered on 21th March, 2015 at Odisna Secretariat, Bhubaneswar.

BMC is engaging TSF to cook, transport and serve food (hereinafter referred to as the "Food") to the poor and needy people to alleviate hunger at various locations identified by BMC which shal' be consumed by the Beneficiaries (hereinafter referred to as the "Beneficiaries").

On recommendation of BMC, Nalco Foundation will release the cash Subsidy Contribution of Rs. 15 (Rupees Fifteen Only) excluding TDS, Service Tax, etc. if any, per meal to TSF.

...ndation C/o The Akshaya Patra Foundation ... Mouza


HUNDRED RUPEES
सत्यमेव जयते
भारत INDIA
INDIA NON JUDICIAL
ଓଡ଼ିଶା ओड़िशा ODISHA G 950989

MEMORANDUM OF UNDERSTANDING

THIS MEMORANDUM OF UNDERSTANDING made and entered on 21th March, 2015 at Odisha Secretariat, Bhubaneswar.

RMC is desirous of engaging TSF to cook, transport and serve food (hereinafter referred to as the "Food") to the poor and needy people to alleviate hunger at various locations identified by RMC which shall be consumed by the Beneficiaries (hereinafter referred to as the "Beneficiaries").

RMC through RSP shall provide Cash Subsidy Contribution of Rs.15 (Rupees Fifteen Only) excluding TDS, Service Tax, Etc if any per meal to TSF.

... of RMC. The number of beneficiaries can be increased from time to time based on the mutual consent of all the parties.

୨୦୧୫ ଉତ୍କଳ ଦିବସରୁ ସହରାଞ୍ଚଳର ଅଭାବୀ ଲୋକଙ୍କ ପାଇଁ ଆରମ୍ଭ ହେଲା 'ଆହାର' ।

ଏମ୍ ସି ଏଲ୍, ନାଲକୋ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଚୁକ୍ତିବଦ୍ଧ ହୋଇଥିଲେ ସମ୍ବଲପୁର, ଭୁବନେଶ୍ୱର ଏବଂ ରାଉରକେଲାରେ 'ଆହାର' କାର୍ଯ୍ୟକ୍ରମକୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ।

କିନ୍ତୁ କିଏ ସେ ଓଡ଼ିଆ କେନ୍ଦ୍ରମନ୍ତ୍ରୀ, ଯାହାଙ୍କ ପ୍ରଚ୍ଛନ୍ନ ନିର୍ଦ୍ଦେଶରେ ୩ଟି ଯାକ କେନ୍ଦ୍ରୀୟ ଉଦ୍ୟୋଗ ନିଜର ଅକ୍ଷମତା ପ୍ରକାଶ କରି ଓହରି ଗଲେ ଏହି କାର୍ଯ୍ୟକ୍ରମରୁ ?

ନବୀନ ପଟ୍ଟନାୟକଙ୍କ ଦୃଢତା ଯୋଗୁଁ କାହାରି ବିନା ସହଯୋଗରେ ଆରମ୍ଭ ହେଲା 'ଆହାର' । ଏବେ ଦୈନିକ ୧ ଲକ୍ଷ ଲୋକଙ୍କୁ ସହରରେ ମିଳୁଛି 'ଆହାର' ।

ଏ ପର୍ଯ୍ୟନ୍ତ ସହରାଞ୍ଚଳର ଅଭାବୀ ମହିଳା, ଶ୍ରମିକ, ଦିନ ମଜୁରିଆ ଏବଂ ଅଭାବୀ ଲୋକଙ୍କୁ ୮ କୋଟି ୨୦ ଲକ୍ଷରୁ ଅଧିକ ମିଲ୍ ଯୋଗାଇ ଦିଆଗଲାଣି ।
ଆମ ଓଡ଼ିଆ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ହୀନ ଚକ୍ରାନ୍ତ ସତ୍ତ୍ୱେ !






ବିଜୁ ଜନତା ଦଳ
ଲୋକଙ୍କ ସୁଖ ଦୁଃଖର ସାଥୀ



'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।



ଆତଙ୍କବାଦ ବିରୋଧୀ ଲଢ଼େଇକୁ କଂଗ୍ରେସ ଦୁର୍ବଳ କରିଦେଇଥିଲା।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



ଭୋପାଳ ଆସନର କଂଗ୍ରେସ ପ୍ରାର୍ଥୀ ଦିଗ୍‌ବିଜୟ ସିଂ ନାମାଙ୍କନପତ୍ର ଦାଖଲ ପୂର୍ବରୁ ସ୍ତ୍ରୀ ଅମ୍ରିତା ସିଂଙ୍କ ସହ ଆଶ୍ରମ ଯାଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କଠାରୁ ଆଶୀର୍ବାଦ ନେଉଛନ୍ତି।



ବେଗୁସରାଇ ନିର୍ବାଚନ ମଣ୍ଡଳୀର ସିପିଆଇ ପ୍ରାର୍ଥୀ କହ୍ନେୟା କୁମାର ଶନିବାର ପ୍ରଚାର ବେଳେ ଜଣେ ବୃଦ୍ଧାଙ୍କ ସହ କଥା ହେଉଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର ନଦିଆଠାରେ ରାଣାଘାଟ ନିର୍ବାଚନ ମଣ୍ଡଳୀର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରାର୍ଥୀ ରୂପାଲୀ ବିଶ୍ୱାସଙ୍କ ପାଇଁ ପ୍ରଚାର କରୁଛନ୍ତି।

## ସଂକ୍ଷେପରେ

### ହାଓଡା-ନୂଆଦିଲ୍ଲୀ ପୂର୍ବା ଏକ୍ସପ୍ରେସ୍ ଲାଇନଚ୍ୟୁତ



**କାନପୁର(ୟୁପି),୨୦।୪(ପି.ଟି):** ଶନିବାର ହାଓଡ-ନୂଆଦିଲ୍ଲୀ ପୂର୍ବା ଏକ୍ସପ୍ରେସର ୧୨ଟି ବଗି ଉତ୍ତରପ୍ରଦେଶର କାନପୁର ନିକଟରେ ଲାଇନଚ୍ୟୁତ ହେବାରୁ ୧୫ଜଣ ଲୋକ ଆହତ ହୋଇଛନ୍ତି। ଟ୍ରେନ୍‌ଟି ନୂଆଦିଲ୍ଲୀ ଅଭିମୁଖେ ଯାଉଥିବାବେଳେ ଏଠାରୁ ୨୦କି.ମି. ଦୂର ରୁମା ରେଲ୍‌ଷ୍ଟେଶନ ନିକଟରେ ପାଖାପାଖି ୧୨ଟା ୫୦ରେ ଏହା ଲାଇନଚ୍ୟୁତ ହୋଇଥିଲା। ୧୨ଟି ବଗି ମଧ୍ୟରୁ ୪ଟି ସମ୍ପୂର୍ଣ୍ଣ ଓଲଟି ପଡିଥିବା ନର୍ଥ ସେଣ୍ଟ୍ରାଲ ରେଲୱେର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅମିତ୍ ମାଲବୀୟ ସୂଚନା ଦେଇଛନ୍ତି। ଉକ୍ତ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରେଲୱେ ନିରାପତ୍ତା କମିଶନର ଏ.କେ. ଜୈନଙ୍କ ଦ୍ୱାରା ଉକ୍ତ ତଦନ୍ତ କାର୍ଯ୍ୟ ପରିଚାଳନା କରାଯିବ ବୋଲି ଜେନେରାଲ ମ୍ୟାନେଜର ରାଜୀବ ଚୌଧୁରୀ ପ୍ରକାଶ କରିଛନ୍ତି।

### ଦୁବାଇ ଏୟାରପୋର୍ଟରେ ଭାରତୀୟ ମହିଳା ସନ୍ତାନ ଜନ୍ମ



**ଦୁବାଇ,୨୦।୪(ପି.ଟି):** ଦୁବାଇ ଏୟାରପୋର୍ଟରେ ଜଣେ ଭାରତୀୟ ମହିଳା ପ୍ରସବ ଯନ୍ତ୍ରଣା ଅନୁଭବ କରିବା ସହିତ ଏକ ଶିଶୁ ଜନ୍ମ କରିଥିଲେ। ଏଥିରେ ଜଣେ ମହିଳା ଇନ୍ସପେକ୍ଟର ସହାୟତା କରିଥିଲେ। ଦୁବାଇ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ଟର୍ମିନାଲ୍ ୨ର ଏହି ଆସନ୍ନ ପ୍ରସବା ମହିଳାଙ୍କୁ ତୁରନ୍ତ ଏୟାରପୋର୍ଟର ଇନ୍ସପେକ୍ସନ୍ ରୁମ୍‌କୁ ନେଇଯାଇଥିଲେ ମହିଳା ଇନ୍ସପେକ୍ଟର କର୍ପୋରାଲ ହନାନ୍ ହୁସେନ ମହମ୍ମଦ। ନବଜାତ ଶିଶୁଟି ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ହନାନ ଆମ୍ବୁଲାନ୍ସ ଡାକି ମା' ଓ ଶିଶୁକୁ ଉକ୍ତ ନଗରୀର ଲତିଫା ହସ୍ପିଟାଲ୍‌କୁ ନେଇଯାଇଥିଲେ ଏବଂ ସବୁ ପ୍ରକାର ସହାୟତା କରିଥିଲେ। ଏହି ମହତ୍ କାର୍ଯ୍ୟ ପାଇଁ ଏୟାରପୋର୍ଟ ସିକ୍ୟୁରିଟିର ଜେନେରାଲ ଡିପାର୍ଟମେଣ୍ଟର ନିର୍ଦ୍ଦେଶକ ହାନାନଙ୍କୁ ସମ୍ମାନିତ କରିଛନ୍ତି।

### ଇତିହାସର ଆଇନାରେ
### ଏପ୍ରିଲ ୨୧ର ପ୍ରମୁଖ ଘଟଣା

୧୯୮୭ ଏପ୍ରିଲ ୨୧ରେ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ କାର ବୋମା ବିସ୍ଫୋରଣରେ ୧୦୬ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିପାଇଁ ଏଲଟିଟିଇକୁ ନିନ୍ଦା କରାଯାଇଥିଲା। କଲମ୍ବୋ ଦ୍ୱୀପରାଷ୍ଟ୍ରର ଆର୍ଥିକ କେନ୍ଦ୍ର ଏବଂ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ।

୨୦୦୪ ଏପ୍ରିଲ ୨୧ରେ ବାସ୍ରାର ଆଖପାଖ ଅଞ୍ଚଳରେ ୫ ଆତ୍ମଘାତୀ କାରବୋମା ବିସ୍ଫୋରଣ କରିବାରୁ ୭୪ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬୦ଜଣ ଆହତ ହୋଇଥିଲେ। ବାସ୍ରା ହେଉଛି କୁଏତ୍ ଏବଂ ଇରାନ୍ ମଧ୍ୟସ୍ଥ ଏକ ଇରାକୀ ନଗରୀ। ଏହା ମଧ୍ୟ ଇରାକ୍‌ର ମୁଖ୍ୟ ବନ୍ଦର। ଏହି ବନ୍ଦର ୬୩୬ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠା ହୋଇଥିଲା ଏବଂ ଇସଲାମିକ୍ ଇତିହାସରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା।

# ରାହୁଲଙ୍କ ନାଗରିକତ୍ୱକୁ ନେଇ ଉଠିଲା ପ୍ରଶ୍ନ

**ନୂଆଦିଲ୍ଲୀ,୨୦।୪(ପି.ଟି.)**



■ଶିକ୍ଷାଗତ ଯୋଗ୍ୟତା ବି ସନ୍ଦେହରେ
■ନାମାଙ୍କନପତ୍ର ଯାଞ୍ଚ ସ୍ଥଗିତ
■ଜବାବ ମାଗିଲେ ରିଟର୍ନିଂ ଅଫିସର
■କଂଗ୍ରେସ ଅଧ୍ୟକ୍ଷ ନିଜକୁ ସ୍ୱଚ୍ଛ ପ୍ରମାଣିତ କରନ୍ତୁ : ଭାଜପା

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନାଗରିକତା ଏବଂ ଶିକ୍ଷାଗତ ଯୋଗ୍ୟତାକୁ ନେଇ ପ୍ରଶ୍ନ ଉଠିଛି। ଏହି ପ୍ରସଙ୍ଗରେ ରାହୁଲ ନିଜକୁ ସ୍ୱଚ୍ଛ ପ୍ରମାଣିତ କରନ୍ତୁ ବୋଲି ଶନିବାର ଭାଜପା ପକ୍ଷରୁ ଦାବି କରାଯାଇଛି। ରାହୁଲଙ୍କ ନାଗରିକତ୍ୱ ଓ ଶିକ୍ଷାଗତ ଯୋଗ୍ୟତାକୁ ନେଇ ଅମେଠିର ରିଟର୍ନିଂ ଅଫିସରଙ୍କ ନିକଟରେ ଅଭିଯୋଗ ଦାଏର ହୋଇଛି। ଏହାର ଶୁଣାଣି ଆସନ୍ତା ସୋମବାର ହେବ। ତେବେ ରାହୁଲଙ୍କ ଓକିଲ ଜବାବ ଦାଖଲ କରିବା ଲାଗି ସମୟ ମାଗିବା ଆଶ୍ଚର୍ଯ୍ୟଜନକ ବୋଲି ଭାଜପା ମୁଖପାତ୍ର ଜି.ଭି.ଏଲ୍. ନରସିଂହ ରାଓ କହିଛନ୍ତି।

ରାହୁଲଙ୍କ ସତ୍ୟପାଠକୁ ନେଇ ରିଟର୍ନିଂ ଅଫିସର ରାମମନୋହର ମିଶ୍ରଙ୍କ ନିକଟରେ ୪ ଜଣ ଅଭିଯୋଗ କରିଥିଲେ। ଫଳରେ ଶନିବାର ସେ ରାହୁଲଙ୍କ ନାମାଙ୍କନପତ୍ର ଯାଞ୍ଚ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେବା ସହ ଏହା ଉପରେ ଜବାବ ମାଗିଛନ୍ତି। ଏହା ଅତି ଗୁରୁତର ଅଭିଯୋଗ। ରାହୁଲ ଭାରତୀୟ ନା ବ୍ରିଟିଶ ନାଗରିକ ତାହା ସେ ସ୍ପଷ୍ଟ କରିବା ଉଚିତ ବୋଲି ଭାଜପା ମୁଖପାତ୍ର କହିଛନ୍ତି। ତେବେ ଏହା ଉପରେ କଂଗ୍ରେସ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ରିଟର୍ନିଂ ଅଫିସର ଚୂଡ଼ାନ୍ତ କର୍ତ୍ତୃପକ୍ଷ ହୋଇଥିଲେ ମଧ୍ୟ ନିର୍ବାଚନ ସତ୍ୟପାଠରେ ଦିଆଯାଇଥିବା ତଥ୍ୟର ସତ୍ୟତାକୁ ଯାଞ୍ଚକରିବା ସମ୍ଭବ ନୁହେଁ ବୋଲି ନିର୍ବାଚନ କମିଶନ ସୂତ୍ରରୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ ୨୦୦୪ରେ ରାହୁଲ ବ୍ରିଟେନର ଏକ କମ୍ପାନୀରେ ପୁଞ୍ଜିନିବେଶ କଲାବେଳେ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଥିବା ଦସ୍ତାବିଜ୍‌ରେ ନିଜକୁ ବ୍ରିଟିଶ୍ ନାଗରିକ ବୋଲି ଉଲ୍ଲେଖ କରିଥିଲେ। ତେବେ ୨୦୦୪ରୁ ୨୦୧୪ ବିଭିନ୍ନ ନିର୍ବାଚନବେଳେ ସେ ସତ୍ୟପାଠରେ ଭୁଲ୍ ତଥ୍ୟ ଦେଇଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଡେଭେଲପ୍‌ମେଣ୍ଟ ଇକୋନୋମିକ୍ସରେ ଏମ୍.ଫିଲ୍ କରିଥିବା ପୂର୍ବରୁ କହିଥିବାବେଳେ ପରେ ସେ ଡେଭେଲପ୍‌ମେଣ୍ଟ ଷ୍ଟଡିଜ୍‌ରେ ଏମ୍.ଫିଲ୍ କରିଥିବା ଦାବି କରିଥିଲେ। ସେହିବର୍ଷ ରାହୁଲ ଗାନ୍ଧୀ ନୁହନ୍ତି ରାଉଲ ଭିନ୍ସି ଉକ୍ତ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଥିବା ତଦନ୍ତରୁ ଜଣାପଡିଛି। ବିଭିନ୍ନ ଦେଶରେ ରାହୁଲ ଭିନ୍ନ ନାମରେ ନାମିତ କି ବୋଲି ରାଓ ପ୍ରଶ୍ନ ଉଠାଇଛନ୍ତି। ପ୍ରତି ୫ ବର୍ଷରେ କଂଗ୍ରେସର ଇସ୍ତାହାର ବଦଳିବା ଭଳି ରାହୁଲଙ୍କ ଯୋଗ୍ୟତା ବଦଳୁଥିବା ଭାଜପା ମୁଖପାତ୍ର କହିଛନ୍ତି।

ଅମେଠିର ସ୍ୱାଧୀନ ପ୍ରାର୍ଥୀ ଧ୍ରୁବ ଲାଲ୍ ଉପରୋକ୍ତ ଅଭିଯୋଗ ଆଣି ରାହୁଲଙ୍କ ପ୍ରାର୍ଥୀତ୍ୱ ରଦ୍ଦ କରିବା ଲାଗି ଦାବି କରିଛନ୍ତି। ତାଙ୍କ ଓକିଲ ରବି ପ୍ରକାଶ କରିଥିବା ଅଭିଯୋଗ ଅନୁଯାୟୀ ବ୍ରିଟେନରେ ପଞ୍ଜୀକୃତ କମ୍ପାନୀର ଇନ୍‌କର୍ପୋରେଶନ ସାର୍ଟିଫିକେଟ୍‌ରେ ରାହୁଲ ନିଜକୁ ବ୍ରିଟିଶ ନାଗରିକ ଘୋଷଣା କରିଛନ୍ତି। ଜନପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ ଯିଏ ଭାରତର ନାଗରିକ ନୁହନ୍ତି ସେ ଦେଶରେ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ପ୍ରକାଶ କହିଛନ୍ତି। ସେ କିପରି ବ୍ରିଟିଶ ନାଗରିକ ହେଲେ ଏବଂ ଏବେ ଭାରତୀୟ ନାଗରିକତ୍ୱ ପାଇଛନ୍ତି, ତାହା ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ତାଙ୍କ ନାମାଙ୍କନପତ୍ର ଗ୍ରହଣ ନ କରିବାକୁ ସେ ରିଟର୍ନିଂ ଅଫିସରଙ୍କୁ ଅନୁରୋଧ କରିଛନ୍ତି। ଏହା ସହିତ ୨୦୦୩ରୁ ୨୦୦୯ ମଧ୍ୟରେ ବ୍ରିଟେନ କମ୍ପାନୀରେ ଥିବା ରାହୁଲଙ୍କ ସମ୍ପତ୍ତି ସମ୍ପର୍କରେ ସେ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି। ସେ କଲେଜରେ ତାଙ୍କ ନାଁ ରାଉଲ ଭିନ୍ସି ଲେଖିଛନ୍ତି। ରାହୁଲ ଗାନ୍ଧୀ ନାମରେ କୌଣସି ସାର୍ଟିଫିକେଟ ନାହିଁ। ରାଉଲ ଭିନ୍ସି ଓ ରାହୁଲ ଗାନ୍ଧୀ ସମାନ ବ୍ୟକ୍ତି କି ବୋଲି ପ୍ରକାଶ ପ୍ରଶ୍ନ କରିବା ସହ ଯଦି ସେମାନେ ସମାନ ନୁହନ୍ତି ତେବେ ଯାଞ୍ଚ ପାଇଁ ମୂଳ ପ୍ରମାଣପତ୍ର ଦାଖଲ କରନ୍ତୁ ବୋଲି ପ୍ରକାଶ ଦାବି କରିଛନ୍ତି।

# ମୋଦିଙ୍କ ୱେବ୍ ସିରିଜ୍ ଉପରେ ଇସି କଟକଣା

**ନୂଆଦିଲ୍ଲୀ,୨୦।୪(ପି.ଟି.)**

ଲୋକ ସଭା ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ୱେବ୍ ସିରିଜ ପ୍ରସାରଣ ତୁରନ୍ତ ବନ୍ଦ କରିବାକୁ ନିର୍ବାଚନ କମିଶନ (ଇସି) ଏରୋସ୍ ନାଓକୁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। 'ମୋଦି- ଜଣେ ସାଧାରଣ ବ୍ୟକ୍ତିର ଯାତ୍ରା' ଶୀର୍ଷକରେ ପ୍ରସ୍ତୁତ ହୋଇଥିବା ୫ ଅଧ୍ୟାୟ ବିଶିଷ୍ଟ ୱେବ୍ ସିରିଜ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କୁହାଯାଇଛି। ୱେବ୍ ସିରିଜ ମୋଦିଙ୍କ ପିଲାଦିନଠାରୁ ଜାତୀୟ ନେତା ହେବା ପର୍ଯ୍ୟନ୍ତ ଜୀବନୀ ଉପରେ ଆଧାରିତ ବୋଲି ଏହାର ଟ୍ରେଲର ଦେଖିବା ପରେ ଇସି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉପରେ ବାୟୋପିକ୍ ପ୍ରସାରଣ ନିର୍ବାଚନ ଶେଷ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ପୂର୍ବରୁ ଇସି ନିର୍ଦ୍ଦେଶ ଦେଇଥିଲେ।

# ଖୁବ୍‌ଶୀଘ୍ର ଯୁଦ୍ଧବିମାନ ଉଡ଼ାଇବେ ଅଭିନନ୍ଦନ

**ନୂଆଦିଲ୍ଲୀ,୨୦।୪**

ଭାରତୀୟ ବାୟୁସେନାର ୱିଂ କମାଣ୍ଡର ଅଭିନନ୍ଦନ ବର୍ତ୍ତମାନ ଖୁବ୍‌ଶୀଘ୍ର ଯୁଦ୍ଧବିମାନ ଉଡାଇପାରନ୍ତି ବୋଲି ସୂଚନା ମିଳିଛି। ଏଥିପାଇଁ ତାଙ୍କୁ ବେଙ୍ଗାଲୁରୁରେ ଥିବା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏରୋସ୍ପେସ୍ ମେଡିସିନ(ଆଇଏଏମ୍)ର ଅନୁମତି ନେବାକୁ ପଡିବ। ବାୟସେନା ଅଧିକାରୀଙ୍କ ସୂଚନା ଅନୁଯାୟୀ, ବେଙ୍ଗାଲୁରୁଠାରେ ଅଭିନନ୍ଦନଙ୍କୁ କେତେଗୁଡିଏ ପରୀକ୍ଷା ଦେବାକୁ ପଡ଼ିବ। ଏହାପରେ ତାଙ୍କୁ ଯୁଦ୍ଧ ବିମାନ ଉଡାଇବାକୁ ଅନୁମତି ମିଳିବ। ସୂଚନାଯୋଗ୍ୟ, ଗତ ଫେବୃୟାରୀରେ ପାକିସ୍ତାନର ବାଲାକୋଟରେ ଭାରତୀୟ ବାୟୁସେନା ଆକ୍ରମଣ କରିଥିଲା। ତା ପରଦିନ ଅଭିନନ୍ଦନ ପାକିସ୍ତାନୀ ଯୁଦ୍ଧବିମାନ ଏଫ୍-୧୬କୁ ଖସାଇ ଦେଇଥିଲେ। ଏହାର ଜବାବରେ ଅଭିନନ୍ଦନ ଚଳାଉଥିବା ମିଗ-୨୧କୁ ପାକିସ୍ତାନ ସେନା ଆକ୍ରମଣ କରି ଖସାଇ ଦେଇଥିଲା।

# କଂଗ୍ରେସ ସହ ମେଣ୍ଟ କରିବନି ଏଏପି

**ନୂଆଦିଲ୍ଲୀ,୨୦।୪(ପି.ଟି.)**



କଂଗ୍ରେସ ସହ ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ମେଣ୍ଟ ସମ୍ଭବ ନୁହେଁ ବୋଲି ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ କହିଛନ୍ତି। ଅନ୍ୟ ରାଜ୍ୟରେ ମଧ୍ୟ କଂଗ୍ରେସ ମେଣ୍ଟ କରିବାକୁ ଚାହୁଁନାହିଁ ବୋଲି ସେ କହିଛନ୍ତି। ଦିଲ୍ଲୀରେ ପ୍ରସ୍ତାବିତ ୪:୩ ଫର୍ମୁଲା ଉପରେ ପ୍ରଶ୍ନ ହେବାରୁ ସିସୋଦିଆ କହିଥିଲେ, କଂଗ୍ରେସକୁ ୩ଟି ଆସନ ଛାଡିବା ଅର୍ଥ ଏହାକୁ ଭାଜପାକୁ ଛାଡିଦେବା ସହ ସମାନ। ଦିଲ୍ଲୀରେ କଂଗ୍ରେସର ସ୍ଥିତି ନ ଥିବାବେଳେ ସେମାନେ ପାଖାପାଖି ଅଧା ଆସନ ଦାବି କରିବା ଅବାସ୍ତବ ବୋଲି ସିସୋଦିଆ କହିଛନ୍ତି। ହରିୟାଣାରେ କଂଗ୍ରେସ ଏଏପିକୁ ୬:୩:୧ ଆସନ ବୁଝାମଣା ଫର୍ମୁଲା ପ୍ରସ୍ତାବ ଦେଇଥିଲା। ଅର୍ଥାତ ସେଠାରେ କଂଗ୍ରେସ ୬ଟି ଆସନରେ ଲଢ଼ିଥାନ୍ତା ଓ ଜନନାୟକ ଜନତା ପାର୍ଟିକୁ ୩ଟି ଏବଂ ଏଏପିକୁ ଗୋଟିଏ ଆସନ ଛାଡିଥାନ୍ତା। ସେହିପରି ପଞ୍ଜାବରେ ଆସନ ବୁଝାମଣା ଲାଗି କଂଗ୍ରେସ ପ୍ରସ୍ତାବରେ ଏଏପି ରାଜି ହୋଇଥିଲେ ମଧ୍ୟ ଏହା ପଛଘୁଞ୍ଚା ଦେଇଥିଲା ବୋଲି ବରିଷ୍ଠ ନେତା ସଞ୍ଜୟ ସିଂ କହିଛନ୍ତି।

# ୟୁଏଇରେ ହିନ୍ଦୁ ମନ୍ଦିରର ଶିଳାନ୍ୟାସ

**ଆବୁ ଧାବି,୨୦।୪**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ରାଜଧାନୀ ଆବୁ ଧାବିରେ ପ୍ରଥମ ହିନ୍ଦୁ ମନ୍ଦିରର ଶିଳାନ୍ୟାସ ହୋଇଛି। ସ୍ୱାମୀନାରାୟଣନ ସଂସ୍ଥାର ମହନ୍ତ ସ୍ୱାମୀ ମହାରାଜ ଉପସ୍ଥିତ ରହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସାରା ବିଶ୍ୱରୁ ମନ୍ଦିର ନିର୍ମାଣକାରୀ ସାମାଜିକ ଓ ଆଧାତ୍ମିକ ବ୍ୟକ୍ତିମାନେ ଯୋଗଦେଇଥିଲେ। ମୋଦି ଉପସାଗରୀୟ ରାଷ୍ଟ୍ରର ଏହି ପଦକ୍ଷେପକୁ ପ୍ରଶଂସା କରି ଏକ ବାର୍ତ୍ତା ପଠାଇଥିଲେ। ୟୁଏଇର ଭାରତୀୟ ରାଷ୍ଟ୍ରଦୂତ ନବଦୀପ ସୂରି ଉକ୍ତ ବାର୍ତ୍ତା ପାଠ କରିଥିଲେ। ଏହି ମନ୍ଦିର ସମ୍ପୂର୍ଣ୍ଣ ହେଲେ ଏହା ସାର୍ବଜନୀନ ମାନବିକ ମୂଲ୍ୟବୋଧ ଏବଂ ଆଧାତ୍ମିକ ନୀତିର ପ୍ରତୀକ ବହନ କରିବ ଏବଂ ଉଭୟ ଭାରତ ଓ ଆରବ ରାଷ୍ଟ୍ରର ଐତିହ୍ୟକୁ ପ୍ରତିଫଳିତ କରିବ ବୋଲି ସୂରି ପ୍ରକାଶ କରିଥିଲେ।

# ଦିଦିଙ୍କ ନିଦ ହଜିଯାଇଛି: ମୋଦି

**ବୁନିଆଦପୁର,୨୦।୪(ପି.ଟି.)**

ଲୋକ ସଭା ନିର୍ବାଚନର ଦୁଇଟି ପର୍ଯ୍ୟାୟ ଶେଷ ହୋଇଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ (ସ୍ପିଡ୍ ବ୍ରେକର ଦିଦି)ଙ୍କ ନିଦ ହଜିଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି। ଦକ୍ଷିଣ ଦିନାଜପୁର ଜିଲାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମୋଦି କହିଥିଲେ, ତୃଣମୂଳ କଂଗ୍ରେସ ନେତ୍ରୀ ମା, ମାଟି ଓ ମାନୁଷ ସ୍ଲୋଗାନ ନାଁରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଦୁଇ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ଯେଉଁଭଳି ଖବର ପ୍ରକାଶ ପାଉଛି ତାହା ଦିଦିଙ୍କ ନିଦ ହଜାଇଦେଲାଣି। ବର୍ବରତା, ଲୋକଙ୍କ ଅର୍ଥ ହଡପ କରିବା ଏବଂ ବିକାଶକୁ ବାଧାଦେବାର ପରିଣାମ ମେ ୨୩ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ମମତା ଜାଣିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।




ଫୁଲପୁର ଆସନରୁ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ହୋଇଥିବା କିନ୍ନର ଆଖଡା ସଦସ୍ୟ ମହାମଣ୍ଡଳେଶ୍ୱର ଭବାନୀ ନାଥ ବାଲ୍ମୀକି ନାମାଙ୍କନପତ୍ର ଦାଖଲ କର ଫେରୁଛନ୍ତି।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୨ | ୧୮.୫ |
| ଚାନ୍ଦବାଲି | ୩୭.୨ | ୨୧.୦ |
| କଟକ | ୩୭.୦ | ୧୯.୫ |
| ପାରାଦ୍ୱୀପ | ୩୨.୫ | ୨୩.୭ |
| ଭୁବନେଶ୍ୱର | ୩୭.୭ | ୨୨.୧ |
| ଗୋପାଳପୁର | ୩୪.୦ | ୨୫.୦ |
| ପୁରୀ | ୩୧.୨ | ୨୨.୨ |
| ଅନୁଗୋଳ | --- | ୧୬.୬ |
| ବାରିପଦା | ୩୫.୬ | ୨୧.୫ |
| ଝାରସୁଗୁଡ଼ା | ୩୫.୮ | ୨୧.୩ |
| କେନ୍ଦୁଝର | ୩୫.୨ | ୧୭.୬ |
| ସମ୍ବଲପୁର | ୩୬.୪ | ୨୦.୦ |
| ସୁନ୍ଦରଗଡ଼ | --- | ୨୦.୦ |
| ହୀରାକୁଦ | ୩୫.୯ | ୨୨.୨ |
| ତାଳଚେର | --- | ୨୩.୪ |
| ଭବାନୀପାଟଣା | ୩୭.୦ | ୨୨.୫ |
| ବଲାଙ୍ଗୀର | ୩୬.୦ | ୧୯.୦ |
| କୋରାପୁଟ | ୩୫.୦ | ୨୦.୦ |
| ଫୁଲବାଣୀ | ୩୬.୦ | ୨୦.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୪୦.୦ | ୨୨.୪ |
| ସୋନପୁର | ୩୬.୦ | ୧୭.୪ |
| ଦାରିଙ୍ଗିବାଡ଼ି | ୩୨.୦ | ୧୭.୫ |

ଡିଗ୍ରୀ ସେଲ୍‌ସିୟସ୍

# ଭୋପାଳ ଗ୍ୟାସ୍ ଲିକ୍ ବିଂଶ ଶତାବ୍ଦୀର ସବୁଠୁ ବଡ଼ ଦୁଃଖଦ ଘଟଣା: ଜାତିସଂଘ

**ୱାଶିଂଟନ,୨୦।୪**




ମଧ୍ୟପ୍ରଦେଶର ଭୋପାଳରେ ୟୁନିୟନ୍ କାର୍ବାଇଡ୍ ପ୍ଲାଣ୍ଟରୁ ଗ୍ୟାସ୍‌ଲିକ ବିଂଶ ଶତାବ୍ଦୀର ସବୁଠୁ ବଡ଼ ଦୁଃଖଦ ଘଟଣା ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ୧୯୮୪ ଡିସେମ୍ବର ୨-୩ ତାରିଖ ରାତିରେ ଏହି ଦୁଃଖଦ ଘଟଣାରେ ୩,୭୮୭ ଲୋକଙ୍କ ମୃତ୍ୟୁ ଘଟିଥିବା କୁହାଯାଇଥିଲା। ଜାତିସଂଘର ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲ୍‌ଓ) ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି, ୧୯୮୪ରେ ୟୁନିୟନ କାର୍ବାଇଡ୍ କୀଟନାଶକ କାରଖାନାରୁ ପାଖାପାଖି ୩୦ ଟନ୍ ମିଥାଇଲ୍ ଆଇସୋସିଆନେଟ୍ ଗ୍ୟାସ୍ ନିର୍ଗତ ହୋଇଥିଲା। ଏହାଦ୍ୱାରା କାର୍ଯ୍ୟରତ ଶ୍ରମିକ ଏବଂ ଆଖପାଖ ଅଞ୍ଚଳର ବାସିନ୍ଦାଙ୍କୁ ମିଶାଇ ପାଖାପାଖି ୬ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଉକ୍ତ ଦୁର୍ଘଟଣା ଯୋଗୁ କିଛିବର୍ଷ ଧରି ଯେତେ ଲୋକଙ୍କ ମୃତ୍ୟୁ ଘଟିଥିଲା ସେମାନଙ୍କ ସଂଖ୍ୟା ୧୫,୦୦୦ ବୋଲି ସରକାରୀ ଆକଳନ କରାଯାଇଥିଲା। ବିଷାକ୍ତ ଗ୍ୟାସ ପ୍ରଭାବରେ ହଜାର ହଜାର ଲୋକ ଏବଂ ସେମାନଙ୍କ ପରବର୍ତ୍ତୀ ପିଢ଼ି ଶ୍ୱାସକ୍ରିୟାଜନିତ ରୋଗ ଭୋଗୁଛନ୍ତି। ଦୀର୍ଘ ୧୦୦ବର୍ଷ ମଧ୍ୟରେ ଭୋପାଳ ବିପର୍ଯ୍ୟୟ ଥିଲା ବିଶ୍ୱର ଅତି ବିପଜ୍ଜନକ ଶିଳ୍ପ ଦୁର୍ଘଟଣା। ପ୍ରତିବର୍ଷ ବିଭିନ୍ନ ଶିଳ୍ପସଂସ୍ଥାର ଦୁର୍ଘଟଣାରେ ୨.୭୮ ନିୟୁତରୁ ଅଧିକ କର୍ମଚାରୀଙ୍କ ମୃତ୍ୟୁ ଘଟୁଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି।

ଧରିତ୍ରୀ
DHARITRI
ବାଲେଶ୍ୱର, ରବିବାର,ଏପ୍ରିଲ ୨୧/୨୦୧୯ Balasore, Sunday, April 21/2019



# SUNDAY classifieds

## MATRIMONIAL

### BRIDE WANTED

Urgent bride requirement for Gudia groom. Qualification-IT, Age-34, Rasi- 5/2, Height- 5'.7". Contact: 9778124128. D-12184

Engineer boy, Age 41, second marriage, looking for Muslim girl from religious, poor or needy family. WhatsApp photo details: 9985784765. D-12228

Khandayat (Divorcee) boy 1978/ MBBS, PG (pediatrics) Doctor USA. 6372663936. D-66128

### GROOM WANTED

୨୩ ବୟସ୍କା ଛାଡ଼ପତ୍ରପ୍ରାପ୍ତ, ପୁଅ ସନ୍ତାନଥିବା ସୁନ୍ଦର ବ୍ରାହ୍ମଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ପାଇଁ ପୁଅ ଦରକାର। ୭୦୦୮୦୮୦୯୬୭. ଧ- ୬୦୮୨୯

Now Matrimonial ads. only on Wednesday & Sunday Book 1 Get 1 FREE

ଖଣ୍ଡାୟତ 47 ବର୍ଷ, Post Officeରେ SA, ଛାଡ଼ପତ୍ର ଥିବା ଝିଅ ପାଇଁ ସାଧାରଣ ଘରର ବରପାତ୍ର ଆବଶ୍ୟକ ଯେକୌଣସି ଜାତିର। 8895411143. D-63766

Wanted groom for 35yrs, State Govt. Employee Kaibarta girl. 8249993227. D-66439

Divorcee bride Lecturer 40, Clerk 43 (caste-no-bar). Contact. 7873374269. D-66440

## AUTOMOBILE SALE

6 months old- TATA SFC 407 Truck, No- OD02AY9463 for immediate sale. Interested person contact on 9439857250, 7008818470. D-66096

Ashok Leyland 36 seater AC bus model-II, Bolero pickup 2016 for sale. Contact: 8908213777. D-64957

Toyota Innova, Chevrolet Tavera 2014 Excellent condition for sale. 9937903098. D-12263

## REAL ESTATE SALE

Commercial plot Prime location. Laxmisagar and Hanspal square. Contact: 7992916484. D-12156

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040342066, 9437068666. D-12247

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

କଟକ-ଭୁବନେଶ୍ୱର **Twin city** ମଧ୍ୟରେ ନିର୍ମିତ ବୃହତ୍ତମ **commercial Hub (Grand bazar)** ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Chandrasekar: 9337060334.** D-66353

ଭୁବନେଶ୍ୱର AIIMS Medical, DOON School, NMIET College ନିକଟରେ Yellowzone Gharabari 30' road, electricity ଥାଇ boundary plot 1,500/- 9777553622. D-66125

Corner plot (5,200 Sq.ft App., sthitiban status) with newly constructed double storied building (total roof area 3,500 sq.ft App.) + outhouse (roof area 540 sq.ft App.) with compound wall having two separate entry for vehicles on both sides. Address: Puri Town (Odisha), near Railway level crossing Puri Konark road. Suitable for: Residence guest house, holiday home, office, nursing home, bank etc. Contact details: 9835532641, rajeshkrsarangi@gmail.com. D-63765

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Book 4BHK flat, near AIIMS square, NH5 1622 sqft. @ 65lac. 7978584549 (Broker not allowed). D-66097

Gharabari plot behind Hitech Plaza, beside 30' road with boundary wall- 490/-, Pradhan sahi mouza (SC plot) - 650/-, 9090008333, 9437357287. D-12089

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

2BHK flat near Garage Chhak Lewis Road, Bhubaneswar. Contact: 8328890345. D-65637

Bhubaneswar Infocity-II boundary କୁ ଲାଗି sqft.- 600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66345

Book 3BHK duplex having land area 1300 sqft. and construction area 1900 sqft. at Jagamara, Bhubaneswar. Price- 72 lakhs. 9078151122. D-66087

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12239

2BHK simplex 24,50,000/- finishing Hanspal, Gharabari plot Rangabazar, Atala: 9556261421. D-66431

ଭୁବନେଶ୍ୱର ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ ଘରବାରି ପ୍ଲଟ ମିଳୁଅଛି। 9556124345, 9437287595. D-12186

Yellowzone Gharabari plots BDA area Badagada canal road sqft. 2300/-. 7735738102. D-12167

2BHK simplex 1200 sqft. land 12,80,000/- 5km. from BJEM-II monthly Installment 10,000/-. 7735738102. D-12168

**1800 sqft. plot near main road Patia Big Bazar @ 5000/- sqft. only buyer to contact owner: 7682019937.** D-12207

Tamando ବଜାର ପଛପଟେ 30' ଥାଇ ଘରବାରି boundary plot ବିକ୍ରିହେବ। 9778556265. D-66346

2BHK simplex 24,50,000/- finishing Hanspal, gharabari plot- Ranga bazar, Atala: 8596859688. D-66434

KIIT University ନିକଟରେ 30ft. revenue road କୁ ଲାଗି yellowzone ସ୍ଥିତିବାନ 4ଟି ପ୍ଲଟ ବିକ୍ରିହେବ। Sqft. 800/- 9776866520. D- 66350

**BDAର Southcity IIT Arguଠାରେ Railway Stationରୁ ଅଳ୍ପ ଦୂରତାରେ ପିଚୁ ରାସ୍ତାର ସୁବିଧା ଥାଇ ଘରବାରି plot କିଣନ୍ତୁ। Pravakar: 8847825690.** D-66351

1260 gharabari boundary plot 30ft. road Ranga Bazar- 8,82,000/-. 8144998588. D-66356

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇପାଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66318

Book 4BHK/3BHK duplex with gated community at Gudiapokhari, Uttara. Land-1400, construction-1800. 7327043914. D-66083

2400 sft. GA plot sale at SUM Hospital, (Bharatpur), Bhubaneswar. Contact Deepak-9937329999 (Brokers excuse). D-66217

Sthitiban 5300 sqft. plot for sale near Kateni chhak BBSR. 9938019331. D-64958

Gharabari plot near to Bhubaneswar. Adjacent with Hospital college school just Rs. 599 only. 7978965052. D-65885

Ready to move 2BHK flats duplex for sale backside V2 showroom, Patrapada, Bhubaneswar. 9861037729, 9040337729. D-63945

A prime plot measuring 1750 sqft (50'x35') with boundary wall adjacent to NH very close to Gohira Chhak, near Tamando, Bhubaneswar infront of petrol pump for sale. Genuine Buyers only contact owner- 8144637121, 9437139721. D-66218

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12238

ଭୁବନେଶ୍ୱର କଣ୍ଟାବାଡ଼/ ଅନ୍ଧାରୁଆରେ (ପିତାପଲ୍ଲୀ କଟକ) NH bypass road sideରେ ଘରବାରି ପଙ୍କା plot- 9437971401 D-66126

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-12222

4BHK triplex at Balakati, Panchayat road. Land 1130 sqft. Construction 1520 sqft. Just 37.99 lakh. 8763244211. D-65884

Bhubaneswar ପାଖାପାଖି ହଂସପାଳ, ବାଲିଅନ୍ତା area କମ ମୂଲ୍ୟରେ ଘରବାରି plot କିଣନ୍ତୁ: 9439487505. D-12231

## LEASE

Land requires on basis of outright, sharing, marketing. 9583295832, 9437261587. D-12164

## PURCHASE

ଶ୍ୟାମପୁର, ନୂଆଗାଁ, ଗୋଠପାଟଣା locationରେ ବାସୋପଯୋଗୀ ସ୍ଥିତିବାନ ଘରବାରି ପ୍ଲଟ ଆବଶ୍ୟକ। 6371090682. D-12226

## CONSTRUCTION

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12240

Build home @ 1150/- with all branded materials, Tata rod, Ultratech/ACC cement, red bricks, all complete. 7637874306. D-66084

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

One Cooler, Freeze, Television, Computer as is where is basis. 8763449127. D-65640

Running parlour top location near Kalpana Bhubaneswar for sale. 9861061565. D-52895

## TO LET

High value Rentals BBSR Commercial/ Office space/ Plug n play office/ Service Apartment. For rent out/ Rent in. Call: 9437570020/ 9777170926. D-66436

At Raghunathpur, Patia 3BHK to 6BHK fully furnished flats with 6 toilets. For Corporate Guest-house/ Residence. Rent 25,000/- to 60,000/-. Call: 9437570020. D-66437

At BJB Nagar 1BR to 4BR fully furnished AC Rooms with attached toilets. For small Office or Residence corporate Guest-house/ Residence. Rent 15000/- to 60,000/-. Call: 9437570020. D-66438

160,000 sqft. vacant land with compound wall Tolet for godown, stock-yard & wire housing purpose at Totapada NH/16 near Khurdha. Contact: 9937033933. D-12125

5000 sqft. godown near Dhenkanal Rly station/ sliding previously cement godown. 9437023399. D-62093

Cold store size 15x12x10 near Rasulgarh Chaka, Bhubaneswar. 7377773777, 7377774777. D-12169

Three BHK near Kalinga Hospital Bhubaneswar, rent corporate office/ family. 7008295019. D-12210

3BHK flat, back side of Vishal (Venus Royal Hyde) Rasulgarh, available for rent. Contact: 9437010602. D-12208

**At Samanta Vihar near Kalinga Hospital chhaka first and second floor: garage, five big rooms, two halls, three toilets for office cum residence, clinic etc. Monthly rent- 35,000/- 9938373823, 9861119281.** D-66219

Rent for office at Esplanade mall, Rasulgarh. Contact: 9861037729, 9040337729. D-68943

1500 sqft. A/C hall suitable for tutorials or restaurant near DLF Patia. Contact: 9437068052. D-12229

A/C saloon 4 seater, near DLF Patia. Contact: 9437068052. D-12230

3BHK semi furnished modern flat at mainroad Unit-8, Soubhagya Nagar. 9000004523. D-64959

3BHK flat with Garage, Golap Tower, Jagamara near ITER College. Contact: 9556781464. D-12248

**4000 sqft. godown for rent at BJB Nagar, Kalpana, Bhubaneswar. 9040071079** D-65882

To Let 2200 sft. vacant land for rent for all commercial purpose, NH-316 bypass road, Lingipur. Contact: 9437110900. D-12249

## HEALTHCARE

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Physiotherapy, full body massage by trained Ladies/ Gents Therapist: 7008773793. D-66432

Herbal full body massage with refreshment by well trained therapist. 7381239385, 0674-2540855. D-66090

Experience full body massage with us by experts. Enquiry- 0674-2597822, 7377048581. D-66091

Herbal full body massage by smart/expert therapist. Contact: 8338067247. D-66092

Newly opening ayurvedic body massage smart therapist Shree herbal. 7750020754. D-66093

Summer special mesmerizing offer expert therapeutic refreshing massage appointment. 9668374480. D-66094

Sai solution ayurvedic full body massage ladies/ gents. Contact: 8117033493. D-65886

## EDUCATION

Join computer teacher's, training course earn stipend and placement- 7077280492. D-63944

## AFFIDAVIT

By virtue an affidavit before Executive Magistrate, Karanjia, Mayurbhanj. My name is mentioned as 'Tasefin khan' in birth certificate but I changed from Bushra Khan in all purposes, that Tasefin Khan and Bushra Khan is same and one person. D-12264

## ନିରୁଦ୍ଦିଷ୍ଟ



**ଇନ୍ଦ୍ରମଣି ସାହୁ**

(୮୦), ଗାଡ଼କଣ, ମଞ୍ଚେଶ୍ୱର ଗତ ୧୯.୩.୧୯ ଠାରୁ ପୁରୀରୁ ନିଖୋଜ ଅଛନ୍ତି। ସନ୍ଧାନ ମିଳିଲେ ନିକଟସ୍ଥ ଥାନା କିମ୍ବା 9861040675ରେ ଜଣାନ୍ତୁ। ଧ-୧୨୨୪୬

## ଜନ୍ମଦିନ ଶୁଭେଚ୍ଛା



**ବିଭାବରୀ ଦ୍ୱିବେଦୀ**

ବଳରାମପୁର, କେନ୍ଦ୍ରାପଡ଼ା

ଆଜି ତୋର ୧୬ତମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଠାକୁର ତୋର ଭବିଷ୍ୟତ ଉଜ୍ଜଳମୟ କରନ୍ତୁ।

**ଶୁଭେଚ୍ଛା ସହ**

ବାପା-ବିଶ୍ୱରଞ୍ଜନ ଦ୍ୱିବେଦୀ, ମା- ଭାଗ୍ୟଲକ୍ଷ୍ମୀ ଦ୍ୱିବେଦୀ, ଅଜା- ଗୋପବନ୍ଧୁ ପତି, ଆଇ- ବାସନ୍ତୀ ପତି, ନଟବର ଦାଶ, ଦୀପ୍ତିମୟୀ ଦାଶ, ବନ୍ଧୁ ଓ ପରିବାରବର୍ଗ। ଧ-୫୬୧୭୧

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ପରିବାର କର୍ମକ୍ଷେତ୍ର, ବାଣିଜ୍ୟ, ବ୍ୟବସାୟ ଯାତ୍ରା ଓ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। କୌଣସି ବିଜାତୀୟ ବ୍ୟକ୍ତିଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହର ଆଶଙ୍କା ରହିଛି। ମୁଖଭାବସ୍ଥ ମଙ୍ଗଳ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଆଇନ ,ଅଦାଲତ ଓ ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବ।

**ବୃଷ** ଉଚ୍ଚଚିନ୍ତା ଓ ମନ ନେଇ କାମ କଲେ ମଧ୍ୟ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ମାନସିକ ସ୍ଥିତି ଭଲ ରହି ନ ପାରେ। ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାଧାରଣ କଥାରେ ମତାନ୍ତରର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ଆକସ୍ମିକ ଖର୍ଚ୍ଚ ପରିମାଣ ବୃଦ୍ଧି ଦୁଃଚିନ୍ତାକୁ ବଢ଼ାଇ ଦେବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ମିଥୁନ** ରବି ଓ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ଉଚ୍ଚବର୍ଗରୁ ସହାୟତା ପ୍ରାପ୍ତ କରାଇବ। ଏଣେ କର୍ମକ୍ଷେତ୍ରରେ ନୂତନ ଉତ୍ସାହ ନେଇ କାମ କରିବେ ଏବଂ ପାରିବାରିକ ଜୀବନ ମଧ୍ୟ ମନ୍ଦ ହେବନି। ବିବାଦୀୟ ପରିସ୍ଥିତିରେ,କର୍ମକ୍ଷେତ୍ରରେ କିମ୍ବା ବ୍ୟବସାୟରେ ହିତୈଷୀଙ୍କ ପରାମର୍ଶକୁ ଗ୍ରହଣକରିବା ଭଲ ହେବ। ପରିବହନ କ୍ଷେତ୍ରରେ, ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ ।

**କର୍କଟ** ଆଜିର ଗ୍ରହସ୍ଥିତି ଏକ ପ୍ରକାର ଭଲ କହିଲେ ଚଳେ କାରଣ କୌଣସି କାମ ଅଟକି ରହିବ ନାହିଁ। ଅଫିସ୍ କାମରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ । କଳା, ସାହିତ୍ୟ, ସଙ୍ଗୀତ ତଥା ବାଣିଜ୍ୟ,ବ୍ୟବସାୟରେ ପ୍ରତିଦ୍ୱନ୍ଦିତା ବଢ଼ିପାରେ। ହଠାତ୍ ଆଶା କରୁଥିବା ଶୁଭ ସମ୍ବାଦ ଅସମର୍ଥିତ ସୂତ୍ରରୁ ଶୁଣି ଖୁସି ହେବେ ।

**ସିଂହ** ରାଶ୍ୟାଧିପତି ଉଚ୍ଚସ୍ଥ ଯୋଗୁଁ ଆନୁସଙ୍ଗିକ ସାହାଯ୍ୟ,ସହଯୋଗ ଲାଭ କରି କାମ ହାସଲ କରିବେ। ପରିବାର ସକାଶେ ସମସ୍ତ ପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କରିବା ଦିଗରେ ସମସ୍ତ ଶ୍ରମ ଓ ସମୟ ବିନିଯୋଗ କରିବେ। ନିଜେ ରହୁଥିବା ସ୍ଥାନର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଦୀର୍ଘ ଦିନରୁ ହଜି ଯାଇଥିବା କିମ୍ବା ଖୋଜୁଥିବା ଜିନିଷର ସୂଚନା ପାଇପାରନ୍ତି।

**କନ୍ୟା** ଶୁକ୍ରଙ୍କ ସହାବସ୍ଥାନ ରାଶ୍ୟାଧିପତି ନିଜ ରାଶିକୁ ଅବଲୋକନ କରୁଥିବାରୁ ଆପଣଙ୍କ ଆଶା ଓ ଆକାଂକ୍ଷା ନିର୍ବିଘ୍ନରେ ପୂରଣ ହୋଇପାରିବ। ବୃହସ୍ପତିଙ୍କ ସୁପ୍ରଭାବରେ ନୂତନ ପ୍ରକଳ୍ପ, ପ୍ରଶାସନ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବାର ସମ୍ଭାବନା ରହିଛି। ଗୃହସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା** ସାମଗ୍ରୀକ ଦୃଷ୍ଟିକୋଣରୁ ଆଜିର ଦିନଚର୍ଯ୍ୟା ପ୍ରୀତିଦାୟକ ରହିବ। ତଥାପି ପାପଗ୍ରହ ଯୁକ୍ତ ବୃହସ୍ପତିଙ୍କ ଯୋଗୁ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। ଶନିଙ୍କ ସ୍ଥିତିକୁ ନେଇ ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଦୀର୍ଘଦିନର ଆଶା ପୂରଣ କ୍ଷେତ୍ରରେ ନିକଟତମ କୌଣସି ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। କିନ୍ତୁ ପ୍ରଶାସନ, ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ସହକର୍ମୀଙ୍କ ସହ ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** ଏକାଧାରରେ ତିନୋଟି ପାପପ୍ରଭାବଯୁକ୍ତ ଗ୍ରହ ରାଶିରେ ଅବସ୍ଥାନ କରୁଥିବାରୁ ଦ୍ୱନ୍ଦ୍ୱ ମଧ୍ୟରେ ସମୟ ଅତିବାହିତ ହେବ। କିନ୍ତୁ ଶେୟାର ବଜାର, ଆମଦାନୀ କାରବାର, ପନିପରିବା ଦୋକାନୀ, ହୋଟେଲ ମାଲିକମାନେ ନିଜ ନିଜର ସ୍ଥାନରେ ବେଶ ଖୁସୀ ରହିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ଜନ କଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର** ଆଜିର ଗ୍ରହସ୍ଥିତି ମଧ୍ୟମ ପ୍ରକାରର ହେତୁ ଜୀବନଯାତ୍ରା ସ୍ୱାଭାବିକ ରହିବ। ବିଶେଷ ଲାଭ ନ ହେଲେ ମଧ୍ୟ କୌଣସି କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି ଉତ୍ପନ୍ନ ହେବନାହିଁ। ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ଶିକ୍ଷା, ପରୀକ୍ଷା, ଆଲୋଚନା, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରେ ସୁଫଳ ପାଇବେ।

**କୁମ୍ଭ** ଆଜିର ଗ୍ରହ ପ୍ରଭାବରେ ନୂତନ କର୍ମାରମ୍ଭ,ଯାତ୍ରା, ବାଣିଜ୍ୟ, ପରିବହନ ପ୍ରଭୃତି ସନ୍ତୋଷଜନକ ରହିବ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକ ହଟିଯିବା ସଙ୍ଗକୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ଆଶା କରୁଥିବା ଜିନିଷ ଓ କାର୍ଯ୍ୟ ହାସଲ କରି ଏକପ୍ରକାର ଆନନ୍ଦ ଅନୁଭବ କରିବେ। କିନ୍ତୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ କିମ୍ବା ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ** ଆପଣଙ୍କ ଉନ୍ନତ ଚିନ୍ତାଧାରା ଓ ସୁସଂଯମ କାର୍ଯ୍ୟଶୈଳୀ ପ୍ରତ୍ୟେକ ସ୍ତରରେ ଅଆଦରଣୀୟ ହେବ। ପାରିବାରିକ ସ୍ତରରେ ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ। ନିଜର କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା ଆଲୋଚନା କ୍ଷେତ୍ରରେ ସୁଫଳ ପାଇବେ।

ଆଜି ବୈଶାଖ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ରବିବାର, ଶ୍ରୀମନ୍ଦିରରେ ରାବଣବଧ ପ୍ରସ୍ତାବ, ଭାରତୀୟ ପ୍ରଶାସନିକ ସେବା ଦିବସ, ସଚିବ ଦିବସ,ଏପ୍ରିଲ ୨୧ ତାରିଖ, ରାଶି ନକ୍ଷତ୍ର-ବିଶାଖା/ତୁଳା, ଦିବା ଘ୧୧ ।୫୭ମି. ପରେ ବିଛା ଚନ୍ଦ୍ର, ମେଷ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ପାର୍ବଣ ଶ୍ରାଦ୍ଧ, ଦିବା ଘ୬ ।୫୭ମି. ଗତେ ଘ୮ ।୩୨ମି. ମଧ୍ୟେ, ଘ୧୦ ।୦୭ମି. ଗତେ, ଘ୧୧ ।୪୨ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୩୨ମି. ଗତେ ଘ୧୦ ।୦୭ମି. ମଧ୍ୟେ, ଘ୧ ।୧୭ମି. ଗତେ ଘ୨ ।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪ ।୨୮ମି. ଗତେ ଘ୬ ।୦୩ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ବାଲେଶ୍ୱର, ରବିବାର,ଏପ୍ରିଲ ୨୧/୨୦୧୯ | Balasore, Sunday, April 21/2019 | ପୃଷ୍ଠା-୧



ଫିଲ୍ମରେ ପରିବର୍ତ୍ତନ ଆଣିବ ଦର୍ଶକଙ୍କ ଚାହିଦା:ୟାମୀ

ଦର୍ଶକ ଚାହିଦାକୁ ଗୁରୁତ୍ୱ ଦେଲେ ଫିଲ୍ମରେ ପରିବର୍ତ୍ତନ ଅଣାଯାଇପାରିବ ବୋଲି ଅଭିନେତ୍ରୀ ୟାମୀ ଗୌତମ ପ୍ରକାଶ କରିଛନ୍ତି।

୦୪

୧୬

ସ୍ମିଥ୍ ରାଜସ୍ଥାନ ରୟାଲ୍ସ ଅଧିନାୟକ

ଅଜିଙ୍କ୍ୟ ରାହାନେଙ୍କ ସ୍ଥାନରେ ଷ୍ଟିଭ୍ ସ୍ମିଥ୍ ଆଇପିଏଲ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସର ଅଧିନାୟକ ହୋଇଛନ୍ତି।








# ସିଜେଆଇଙ୍କ ନାଁରେ ଯୌନ ଶୋଷଣ ଅଭିଯୋଗ

- ଅଭିଯୋଗ ଆଣିଲେ ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ
- ନ୍ୟାୟପାଳିକା ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରାଯାଉଛି: ସିଜେଆଇ



ନୂଆଦିଲ୍ଲୀ,୨୦।୪(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ସୁପ୍ରିମକୋର୍ଟର ଜଣେ ପୂର୍ବତନ ମହିଳା କର୍ମଚାରୀ ତାଙ୍କ ନାଁରେ ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି। ସିଜେଆଇ ଗୋଗୋଇ ଏହାକୁ ଖଣ୍ଡନ କରି କହିଛନ୍ତି, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ବିଶ୍ୱାସଯୋଗ୍ୟ ନୁହେଁ। ଏଥିସହ ଶନିବାର ଏହା ଉପରେ ସୁପ୍ରିମକୋର୍ଟରେ ସେ ସ୍ୱତନ୍ତ୍ର ଶୁଣାଣି କରିଥିଲେ। ଏହା ପଛରେ ବଡ଼ଧରଣର ଷଡ଼ଯନ୍ତ୍ର ଥିବା ଶୁଣାଣିବେଳେ ସିଜେଆଇ କହିଛନ୍ତି। ଅଭିଯୋଗର ତ୍ୱରିତ ବିଚାର ଉପରେ ଗୁରୁତ୍ୱ ଦେବା ସହ ନ୍ୟାୟପାଳିକାର ସ୍ୱାଧୀନତା ଯେପରି ପ୍ରଭାବିତ ନ ହୁଏ, ସେଥିପାଇଁ ସଂଯମ ହେବା ଗଣମାଧ୍ୟମର ଦାୟିତ୍ୱ ବୋଲି ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

ସିଜେଆଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ କେତେକ ନ୍ୟୁଜ୍ ପୋର୍ଟାଲରେ ପ୍ରକାଶ ପାଇଛି। ୩୦ ମିନିଟର ଶୁଣାଣି ବେଳେ ଅଦାଲତ କହିଛନ୍ତି, ନ୍ୟାୟପାଳିକାର ସ୍ୱାଧୀନତା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ଦେଶରେ ସାଧାରଣ ନିର୍ବାଚନ ଚାଲିଥିବା ଏବଂ ଆଗାମୀ ସପ୍ତାହରେ କେତେକ ସମ୍ବେଦନଶୀଳ ମାମଲାର ଶୁଣାଣି ପ୍ରଧାନ ବିଚାରପତିଙ୍କ ଖଣ୍ଡପୀଠରେ ହେବାକୁ ଅଛି। ଏଭଳି ସମୟରେ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଅଣାଯିବା ପଛରେ ତାଙ୍କ କାର୍ଯ୍ୟାଳୟକୁ ନିଷ୍କ୍ରିୟ କରିଦେବାକୁ କୌଣସି 'ବଡ଼ ଶକ୍ତି' ଉଦ୍ୟମ କରୁଥିବା ଅଦାଲତ ଆଶଙ୍କା ବ୍ୟକ୍ତ କରିଛନ୍ତି। ନ୍ୟାୟପାଳିକାକୁ 'ବଳିବୋଦା' କରାଯାଇପାରିବ ନାହିଁ। ତେଣୁ ଗଣମାଧ୍ୟମ କୌଣସି ମହିଳାଙ୍କ ଅଭିଯୋଗ ପ୍ରକାଶ କରିବା ପୂର୍ବରୁ ଏହାର ସତ୍ୟତାକୁ ଯାଞ୍ଚ କରିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ ଅରୁଣ ମିଶ୍ର ଏବଂ ସଞ୍ଜୀବ ଖାନ୍ନା ଥିଲେ। ଏହା ଉପରେ ନ୍ୟାୟିକ ନିର୍ଦ୍ଦେଶନାମା ପ୍ରଦାନ ଦାୟିତ୍ୱ ସିଜେଆଇ ଜଷ୍ଟିସ୍ ମିଶ୍ରଙ୍କ ଉପରେ ଛାଡିଦେଇଥିଲେ। ବର୍ତ୍ତମାନ ସମୟରେ କୌଣସି ନିର୍ଦ୍ଦେଶନାମା ଜାରି ନ କରି କ'ଣ ପ୍ରକାଶ କରାଯାଇପାରିବ ଏବଂ କିଭଳି ସଂଯମତା ଅବଲମ୍ବନ କରାଯିବ ଜଷ୍ଟିସ୍ ମିଶ୍ର ତାହା ଗଣମାଧ୍ୟମର ବିଜ୍ଞତା ଉପରେ ଛାଡିଦେଇଛନ୍ତି।

ଅଭିଯୋଗକାରୀ ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ଶୁକ୍ରବାର ତାଙ୍କ ଅଭିଯୋଗ ଉପରେ ଏକ ସତ୍ୟପାଠ ସମସ୍ତ ବିଚାରପତିଙ୍କ ନିକଟକୁ ପଠାଇଥିଲେ। ମହିଳା ଜଣକ ଜଷ୍ଟିସ୍ ଗୋଗୋଇଙ୍କ ନିକଟରେ ୨୦୧୬ ଅକ୍ଟୋବରରୁ ୨୦୧୮ ଅକ୍ଟୋବର ପର୍ଯ୍ୟନ୍ତ ଜୁନିୟର କୋର୍ଟ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ଗତବର୍ଷ ଅକ୍ଟୋବର ୧୧ରେ ଗୋଗୋଇ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହା ପରେ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା ଓ ତାଙ୍କ ଜୀବନ ଦୁର୍ବିଷହ ହୋଇପଡିଥିଲା ବୋଲି ମହିଳା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଦିଲ୍ଲୀ ପୋଲିସରେ ଚାକିରି କରିଥିବା ତାଙ୍କ ସ୍ୱାମୀ ଓ ଦିଅରଙ୍କୁ ମଧ୍ୟ ମିଥ୍ୟା ଅଭିଯୋଗରେ ନିଲମ୍ବନ କରାଯାଇଥିଲା। ଏହା ପରେ ତଳ କୋର୍ଟରେ ଆଟେଣ୍ଡାଣ୍ଟ ଥିବା ତାଙ୍କର ଆଉ ଜଣେ ଦିଅରଙ୍କୁ ବିନା କାରଣରେ ବରଖାସ୍ତ କରାଯାଇଥିଲା। ଶେଷରେ ଅଭିଯୁକ୍ତା ମହିଳାଙ୍କୁ ଗତ ମାର୍ଚ୍ଚ ମାସରେ ଲାଞ୍ଚ ନେବା ଅଭିଯୋଗରେ ମିଥ୍ୟା ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିଲା ବୋଲି ସତ୍ୟପାଠରେ ଉଲ୍ଲେଖ ଅଛି। ଏବେ ସେ ଜାମିନରେ ଅଛନ୍ତି ଏବଂ ଲାଞ୍ଚ ମାମଲା ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚ୍‌କୁ ଦିଆଯାଇଛି। ଅଭିଯୋଗ ସମ୍ପର୍କରେ ଜଷ୍ଟିସ୍ ଗୋଗୋଇଙ୍କ ସହ ଯୋଗାଯୋଗ କରିବାକୁ ଚାହିଁଥିବା ଖବରଦାତାମାନଙ୍କୁ ସୁପ୍ରିମକୋର୍ଟର ସେକ୍ରେଟାରୀ ଜେନେରାଲ ଇ-ମେଲ୍ ପଠାଇ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିବା ସହ ଏହାକୁ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ସିଜେଆଇ ଗୋଗୋଇ କହିଛନ୍ତି, ନ୍ୟାୟପାଳିକାରେ ଦୀର୍ଘ ୨୦ ବର୍ଷର ନିସ୍ୱାର୍ଥପର ସେବା କରିବା ପରେ ତାଙ୍କ ବ୍ୟାଙ୍କ ଖାତାରେ ୬ ଲକ୍ଷ ୮୦ ହଜାର ଟଙ୍କା ଏବଂ ପ୍ରୋଭିଡେଣ୍ଟ ଫଣ୍ଡରେ ୪୦ ଲକ୍ଷ ଟଙ୍କା ରହିଛି। ଷଡ଼ଯନ୍ତ୍ରକାରୀ ଶକ୍ତି ତାଙ୍କ ବିରୋଧରେ ଅନ୍ୟକିଛି ନ ପାଇ ଜଣେ ମିଥ୍ୟାବାଦୀ ମହିଳାଙ୍କ ଦ୍ୱାରା ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି।

## ଅଭିନନ୍ଦନଙ୍କୁ ମିଳିବ ବୀର ଚକ୍ର



ନୂଆଦିଲ୍ଲୀ,୨୦।୪

ପାକିସ୍ତାନର ଲଢୁଆ ବିମାନ ଏଫ୍-୧୬କୁ ଖସାଇଥିବା ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଯୁଦ୍ଧ ସମୟର ବୀରତା ପୁରସ୍କାର 'ବୀର ଚକ୍ର' ପ୍ରଦାନ କରାଯିବ। ତାଙ୍କୁ ଏହି ସମ୍ମାନ ଦେବା ପାଇଁ ଭାରତୀୟ ବାୟୁସେନା ସୁପାରିସ କରିଛି। 'ପରମ ବୀରଚକ୍ର', 'ମହାବୀର ଚକ୍ର' ପରେ 'ବୀର ଚକ୍ର' ହେଉଛି ଯୁଦ୍ଧ ସମୟର ତୃତୀୟ ସର୍ବୋଚ୍ଚ ବୀରତା ସମ୍ମାନ। ଗତ ଫେବୃୟାରୀ ୨୭ରେ ପାକିସ୍ତାନୀ ଯୁଦ୍ଧବିମାନକୁ ନିଜର ମିଗ୍-୨୧ ବିମାନରେ ପିଛା କରି ☞ପୃଷ୍ଠା-୪



ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ଭାଷଣ ଓ ଭୋଟ

### ଆଜିର ମନ୍ତବ୍ୟ

"ଭାରତର ଅର୍ଥନୀତି ପାଇଁ ପେଟ୍ରୋଲ ଭଳି କାମ କରିବ 'ନ୍ୟାୟ' ଯୋଜନା।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

## ତୃତୀୟ ପର୍ଯ୍ୟାୟ ନିର୍ବାଚନ

# ପିନାକୀ, ବବି ସବୁଠୁ ଧନୀ

**ଏଡିଆର୍-ଇଲେକ୍ସନ ୱାଚ୍ ରିପୋର୍ଟ**

- ୪୨ ବିଧାନସଭା ଆସନର ୧୧୯ ପ୍ରାର୍ଥୀଙ୍କ ନାଁରେ ଫୌଜଦାରି ମାମଲା
- ୧୦୧ଜଣଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା
- ୬ ଲୋକ ସଭାର ୧୦ ପ୍ରାର୍ଥୀଙ୍କ ନାମରେ ସଙ୍ଗିନ ମାମଲା
- ବିଧାନସଭାରେ ୧୦୩, ଲୋକ ସଭାରେ ୧୬ ପ୍ରାର୍ଥୀ କୋଟିପତି



ପିନାକୀ ମିଶ୍ର



ବବି ମହାନ୍ତି

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ଆସନ୍ତା ୨୩ ତାରିଖରେ ରାଜ୍ୟର ୬ ଲୋକ ସଭା ଏବଂ ୪୨ଟି ବିଧାନସଭା ଆସନରେ ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏହି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳରୁ ଓ ସ୍ୱାଧୀନ ଭାବେ ୩୫୬ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ବିଧାନସଭା ଆସନରେ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୧୯ ଜଣଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ୧୦୧ ଜଣଙ୍କ ନାମରେ ରହିଛି ସଙ୍ଗିନ ଆପରାଧିକ ମାମଲା। କେବଳ ସେତିକି ନୁହେଁ ୩୫୪ ପ୍ରାର୍ଥୀଙ୍କ ମଧ୍ୟରୁ ୧୦୩ ଜଣ ହେଉଛନ୍ତି କୋଟିପତି। ସେହିଭଳି ୬ଟି ଲୋକ ସଭା ଆସନରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୬୧ ପ୍ରାର୍ଥୀଙ୍କ ମଧ୍ୟରୁ ୧୫ ଜଣଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ଜଣଙ୍କ ନାମରେ ରହିଛି ସଙ୍ଗିନ ଆପରାଧିକ ମାମଲା। ସେହିପରି ଲୋକ ସଭା ପ୍ରାର୍ଥୀଙ୍କ ମଧ୍ୟରେ ପୁରୀର ବିଜେଡି ପ୍ରାର୍ଥୀ ପିନାକୀ ମିଶ୍ର ସବୁଠାରୁ ଧନୀ ହୋଇଥିବାବେଳେ ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରେ କଂଗ୍ରେସର ବଡମ୍ବା ବିଧାନସଭା ପ୍ରାର୍ଥୀ ବବି ମହାନ୍ତି ସବୁଠୁ ଧନୀ। ପିନାକୀଙ୍କ ସମ୍ପତ୍ତିର ମୂଲ୍ୟ ୧୧୭ କୋଟି ହୋଇଥିବାବେଳେ ବବିଙ୍କ ସମ୍ପତ୍ତିର ମୂଲ୍ୟ ୧୦୬ କୋଟି ୩୨ ଲକ୍ଷ ୬୬ ହଜାର ୦୯୪ ଟଙ୍କା। ଉକ୍ତ ପ୍ରାର୍ଥୀମାନଙ୍କ ସତ୍ୟପାଠକୁ ଅନୁଶୀଳନ କରି ☞ପୃଷ୍ଠା-୪

# ବେଦପ୍ରକାଶ ଅଗ୍ରୱାଲଙ୍କ ବିୟୋଗ



- ମୁଖ୍ୟମନ୍ତ୍ରୀ, ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ
- ପାଟକୁରା ବିଧାନସଭା ପ୍ରାର୍ଥୀ ଥିଲେ



ବେଦପ୍ରକାଶଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର(ବ୍ୟୁରୋ)/ କେନ୍ଦ୍ରାପଡ଼ା ଅଫିସ/ ପାଟକୁରା/ ଡେରାବିଶ, ୨୦।୪ (ଡି.ଏନ.ଏ.)

ବରିଷ୍ଠ ବିଜେଡି ନେତା ତଥା ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ଥିଲେ। କିଛି ସପ୍ତାହ ପୂର୍ବେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଆସିଥିଲା। କେନ୍ଦ୍ରାପଡା ଜିଲା ପାଟକୁରା ବିଧାନସଭା କ୍ଷେତ୍ରରୁ ବେଦପ୍ରକାଶ ବିଜେଡି ପକ୍ଷରୁ ନାମାଙ୍କନପତ୍ର ଦାଖଲ କରି ପ୍ରାର୍ଥୀ ହୋଇଥିଲେ। ଏହା ପରେ ପୁନର୍ବାର ଚଳିତ ମାସ ୧୩ରେ ତାଙ୍କୁ ରାଜଧାନୀସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବଡଧରଣର ଅବନତି ଦେଖାଦେଇଥିଲା। ଶନିବାର ସେ ଆଖି ବୁଜି ଦେଇଛନ୍ତି। ବେଦପ୍ରକାଶଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲା ତଥା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ଦଳମତ ନିର୍ବିଶେଷରେ ତାଙ୍କ ପାଇଁ ସମସ୍ତଙ୍କ ସ୍ୱତନ୍ତ୍ର ସମ୍ମାନ ରହିଥିଲା, ଯାହା ତାଙ୍କ ମୃତ୍ୟୁ ପରେ ପ୍ରମାଣିତ ହୋଇଛି। ତାଙ୍କ ପାର୍ଥିବ ଶରୀରକୁ ଅପରାହ୍ନରେ ବିଜେଡି ରାଜ୍ୟ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ବେଦପ୍ରକାଶଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ତାଙ୍କ ମରଶରୀର କେନ୍ଦ୍ରାପଡା ନିଆଯିବା ସହ ବିଳମ୍ବିତ ରାତିରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ନିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଟୁଇଟ୍ ଏବଂ ବାର୍ତ୍ତା ଜରିଆରେ ବେଦପ୍ରକାଶଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ☞ପୃଷ୍ଠା-୪

## ବେଦୁଙ୍କ ପ୍ରତି ନ୍ୟାୟ କରାଯାଇନି: ବିଜୟ

କେନ୍ଦ୍ରାପଡା ଅଫିସ, ୨୦।୪

ପାଟକୁରା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ପରଲୋକ ଘଟଣାରେ ସେଠାକାର ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଶୋକପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି ଯେ, ବେଦପ୍ରକାଶଙ୍କ ସହ ତାଙ୍କର ପାରିବାରିକ ସମ୍ପର୍କ ରହିଛି। ଗୋଟିଏ ଦଳରେ ରହି ଏକାଠି କାମ କରିଥିଲେ, ତାଙ୍କ ବିୟୋଗରେ ସେ ମର୍ମାହତ। ତେବେ ଶାରୀରିକ ଅସୁସ୍ଥତା କାରଣରୁ ବେଦପ୍ରକାଶ ଶଯ୍ୟାଶାୟୀ ଥିବାବେଳେ ତାଙ୍କୁ ଟିକେଟ ଦିଆଯାଇଥିବାରୁ ତାଙ୍କ ପ୍ରତି ନ୍ୟାୟ କରାଯାଇ ନାହିଁ ବୋଲି ବିଜୟ କହିଛନ୍ତି। ଅପରପକ୍ଷରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ସମୟରେ ବେଦପ୍ରକାଶଙ୍କ ଦେହାନ୍ତ ହୋଇଛି। ଏବେ ନିର୍ବାଚନ ପ୍ରକ୍ରିୟା କ'ଣ ହେବ ଭାରତର ନିର୍ବାଚନ କମିଶନ(ଇସିଆଇ) ତାହା ନିଷ୍ପତ୍ତି ନେବେ ବୋଲି ବିଜୟ କହିଛନ୍ତି।

ସୂଚନାଥାଉ କି, ବରିଷ୍ଠ ନେତା ବିଜୟ ରାଜନୀତିରେ ସକ୍ରିୟ ଥିଲେ ମଧ୍ୟ ଗତ ୧୯ ବର୍ଷ ଧରି ବିଧାନସଭା ଗୃହକୁ ନିର୍ବାଚିତ ହୋଇପାରିନାହାନ୍ତି। ୨୦୦୦ରେ ସେ ବିଜେଡିରୁ ଟିକେଟ ପାଇଥିବା ବେଳେ ଶେଷ ମୁହୂର୍ତ୍ତରେ ତାଙ୍କ ଟିକେଟ କାଟି ଦିଆଯାଇଥିଲା। ଏହାପରେ ସେ ଓଡ଼ିଶା ଗଣ ପରିଷଦ ଗଠନ କରିଥିଲେ। ପରବର୍ତ୍ତୀ ସମୟରେ ଏନ୍‌ସିପିରେ ଯୋଗ ଦେଇଥିଲେ। ୨୦୦୯ ନିର୍ବାଚନ ପୂର୍ବରୁ ସେ ଭାଜପାରେ ରହିଆସିଥିବାବେଳେ ଗତ ନଭେମ୍ବରରେ ଦଳର ଅଧ୍ୟକ୍ଷଙ୍କୁ ନିଜର ଇସ୍ତଫାପତ୍ର ପଠାଇଥିଲେ। ପରବର୍ତ୍ତୀ ସମୟରେ ପୁଣି ଭାଜପାକୁ ଫେରି ସେ ପାଟକୁରାର ବିଧାୟକ ପ୍ରାର୍ଥୀ ହୋଇଛନ୍ତି।

ଅନିବାର୍ଯ୍ୟ କାରଣରୁ ଏ ସପ୍ତାହରେ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁ ନାହିଁ।

### କିଛି ତଥ୍ୟ

୨୦୧୮-୧୯ରେ ଦେଶର ୨୫ ବୀମା କମ୍ପାନୀ ଜେନେରାଲ ଇନସ୍ୟୁରାନ୍ସ ବାବଦକୁ ମିଳିତ ଭାବେ ୧.୫ ଲକ୍ଷ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରିଛନ୍ତି। - ଆଇଆର୍‌ଡିଏଆଇ


NECC NATIONAL EGG CO-ORDINATION COMMITTEE 20.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 93 | 149 | 159 |
| CTC | 93 | 149 | 159 |
| DKL | 92 | 148 | 158 |
| BDK | 95 | 152 | 162 |
| BLS | 96 | 153 | 163 |
| ANG | 93 | 149 | 159 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


# ବ୍ୟବସାୟୀଙ୍କୁ ଭୁଜାଲି ମାଡ଼



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ପ୍ରଶାନ୍ତ।

**ପୂର୍ବଶତ୍ରୁତା ସନ୍ଦେହ**

ବାଲେଶ୍ୱର ଅଫିସ, ୨୦।୪

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଲେଶ୍ୱର ଜିଲା ସୋର ଥାନା ଉପଆଡ଼ିଆ ଗ୍ରାମର ପ୍ରଶାନ୍ତ ବାରିକ ନାମକ ଜଣେ ବ୍ୟବସାୟୀଙ୍କୁ ଭୁଜାଲିରେ ଆକ୍ରମଣ କରାଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ☞ପୃଷ୍ଠା-୪

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ଭାଷଣ ଓ ଭୋଟ



ଆକାର ପଟେଲ

କୋଡ଼ିଏ ବର୍ଷ ତଳେ ମହାତ୍ମା ଗାନ୍ଧୀଙ୍କ ଅଣନାତି ତୁଷାର ଗାନ୍ଧୀ ମୁମ୍ବାଇରେ ନିର୍ବାଚନ ଲଢୁଥିଲେ। ସମାଜବାଦୀ ପାର୍ଟି ଟିକେଟରେ ଠିଆହୋଇ ସେ ଶିବସେନା ନେତା ତଥା ବାନ୍ଦ୍ରା ଇଷ୍ଟର ବିଧାୟକ ମଧୁକର ସାର୍ପୋଟଦାରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ୨୦୧୦ରେ ପରଲୋକ ଗମନ କରିଥିବା ସାର୍ପୋଟଦାର ବାବ୍ରି ମସ୍‌ଜିଦ ଭଙ୍ଗା ଘଟଣା ପରେ ମୁସଲମାନ-ବିରୋଧୀ ଦଙ୍ଗାରେ ସକ୍ରିୟ ଥିଲେ। ସେ ଦୁଇଥର ଗିରଫ ହୋଇଥିଲେ ଏବଂ ତାଙ୍କୁ ହାତରେ ବନ୍ଧୁକ ଥିବା ଅବସ୍ଥାରେ ଧରାଯାଇଥିଲା। ଗାନ୍ଧୀ ପାଦରେ ଚାଲି ଚାଲି ନିର୍ବାଚନ ପ୍ରଚାର କରୁଥିଲେ ଏବଂ ସେତେବେଳେ ମୁଁ ଜଣେ ରିପୋର୍ଟର ହିସାବରେ ତାଙ୍କ ପଛେ ପଛେ ଚାଲୁଥିଲି।

ମୁଁ ତାଙ୍କୁ ପଚାରିଥିଲି ର୍‍ୟାଲିରେ ଉଦ୍‌ବୋଧନ ଦେବାବେଳେ ସେ କ'ଣ କହିବେ ବୋଲି ପ୍ରସ୍ତୁତ ହୋଇ ଆସିଛନ୍ତି। ସେ କହିଲେ ଯେ ବିକାଶ ପ୍ରସଙ୍ଗ କିଛି କାମ କରୁନାହିଁ। ସେ ବସ୍ତି ଅଞ୍ଚଳକୁ ଯାଇ ସେଠାରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଲୋକେ ବିଭିନ୍ନ ସେବା ଯଥା ପାଣି, ବିଦ୍ୟୁତ୍, ରାସ୍ତା, ନିଯୁକ୍ତି ଆଦି ସୁବିଧା ପାଉଛନ୍ତି କି ନାହିଁ, ସେ ବିଷୟରେ ସେମାନଙ୍କ ସହ ଆଲୋଚନା କରିଛନ୍ତି। ସେ ପୁଣି କହିଲେ ଯେ, ଏଗୁଡ଼ାକ ବି କିଛି ନୂଆ କଥା ନୁହେଁ। ସବୁ ଦଳ ଉଣା-ଅଧିକେ ସେଇ କଥା କହୁଛନ୍ତି। ତେଣୁ ଏହାଦ୍ୱାରା ଭୋଟରମାନଙ୍କୁ ଆକର୍ଷିତ କରିହେବ ନାହିଁ। ତେବେ ନିର୍ବାଚନୀ ସଭାରେ ଭାଷଣ ଦେବାବେଳେ କରତାଳି ମାଧ୍ୟମରେ ଲୋକଙ୍କ ଉତ୍ସାହ ଦେଖି କେଉଁ କଥା ଶୁଣିବାକୁ ସେମାନେ ଆଗ୍ରହ ପ୍ରକାଶ କରୁଛନ୍ତି, ତାହା ମୁଁ ବୁଝିପାରୁଛି। ଯେତେବେଳେ ମୁଁ ବିରୋଧୀଙ୍କୁ ବାକ୍ୟବାଣରେ ଆକ୍ରମଣ କରେ ବା କିଛି ହାସ୍ୟପରିହାସପୂର୍ଣ୍ଣ କଥା କହେ ସେତେବେଳେ ଶ୍ରୋତାମାନେ ଖୁବ୍ ଉତ୍ସାହିତ ହେବାର ଦେଖେ। ସେ ମୋତେ ଗୋଟିଏ ଉଦାହରଣ ଦେଲେ। ସାର୍ପୋଟଦାର ସବୁବେଳେ କହୁଥିଲେ ଯେ ସେ ଫ୍ରଣ୍ଟ ଫୁଟ୍‌ରେ ଖେଳିବାକୁ ପସନ୍ଦ କରନ୍ତି। ଏଇ କଥାକୁ ନେଇ ସଭାରେ ଗାନ୍ଧୀ କହନ୍ତି, ଯେଉଁମାନେ ଫ୍ରଣ୍ଟ ଫୁଟ୍‌ରେ ଖେଳନ୍ତି, ସେମାନେ ସହଜରେ ଆଉଟ୍ ହୋଇଯିବାର ଭୟ ଥାଏ। ଯେଉଁ ରାଜନେତାମାନେ ନିୟମିତ ବଡ଼ ବଡ଼ ଜନସଭାରେ ଭାଷଣ ଦିଅନ୍ତି, ସେମାନେ କେଉଁ ପ୍ରସଙ୍ଗକୁ ତୋଳି ଧରିଲେ ଲୋକ ପସନ୍ଦ କରିବେ, ସେ ବିଷୟରେ ସଚେତନ ଥାନ୍ତି। ସାମ୍ବାଦିକମାନେ ମଧ୍ୟ କିଛି ପରିମାଣରେ ଏ ବିଷୟରେ ସଚେତନ ଥାନ୍ତି, ବିଶେଷତଃ ଟିଭି ଓ ଇଣ୍ଟରନେଟ୍ ସାମ୍ବାଦିକମାନେ। କେଉଁ ପ୍ରସଙ୍ଗକୁ ଲୋକେ ପସନ୍ଦ କରୁଛନ୍ତି ବା କରୁନାହାନ୍ତି, ଟିଆର୍‌ପି ମାଧ୍ୟମରେ ସେମାନେ ତ୍ୱରିତ ପ୍ରତିକ୍ରିୟା ପାଇଯାନ୍ତି। ଖବରକାଗଜ ସାମ୍ବାଦିକମାନେ ଟିକିଏ ଡେରିରେ ପ୍ରତିକ୍ରିୟା ପାଆନ୍ତି। କିଛିଦିନ ତଳେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ବିହାରରେ ଥିଲେ। ଏକ ରିପୋର୍ଟ ଅନୁସାରେ ପ୍ରଥମ ର୍‍ୟାଲିରେ ସେ ପାଞ୍ଚବର୍ଷ ଭିତରେ ନରେନ୍ଦ୍ର ମୋଦି ସରକାର କ'ଣ କରିଛନ୍ତି, ସେ ବିଷୟରେ କହିଲେ। ତା'ପରେ ସେ ଭାରତରେ ଦାରିଦ୍ର୍ୟ ହ୍ରାସ ପାଇଛି ବୋଲି ପ୍ରମାଣିତ କରିବା ପାଇଁ ଏକ ଆମେରିକୀୟ ସଂସ୍ଥାର ରିପୋର୍ଟ ଉପସ୍ଥାପନ କଲେ। ଏଥିରେ ଲୋକଙ୍କ ଭିତରେ ବେଶି କିଛି ଉତ୍ସାହ ଦେଖିବାକୁ ମିଳିଲା ନାହିଁ। ତା'ପରେ ରାଜନାଥ କହିଲେ, ''ଭାରତ କିସିକୋ ଛେଡ଼ତା ନହିଁ, ଲେକିନ ଜୋ ଛେଡ଼ତା ହୈ, ଉସ୍‌କୋ ଛୋଡ଼େଗା ନହିଁ।'' ଏହାପରେ ଲୋକଙ୍କ ଭିତରେ ଖୁବ୍ ଉତ୍ସାହ ଦେଖିବାକୁ ମିଳିଲା। ପରବର୍ତ୍ତୀ ଚାରୋଟି ର୍‍ୟାଲିରେ ସେ ବାଙ୍କା, ପୂର୍ଣ୍ଣିଆ, ଆରାରିଆ ଓ ମାଧେପୁରାରେ ଉଦ୍‌ବୋଧନ ଦେଇଥିଲେ। ଏହିସବୁ ର୍‍ୟାଲିରେ ସେ ତାଙ୍କ ଭାଷଣର କ୍ରମ ବଦଳାଇଦେଲେ। ସେ ପୁଲଓ୍ୱାମା ଆକ୍ରମଣ କଥା କହି ଭାରତୀୟ ସେନା କିପରି ୧୨ ଦିନ ଭିତରେ ପାକିସ୍ତାନ ଭିତରେ ପଶି ଏହାର ଜବାବ ଦେଇଥିଲା ତାହା ବର୍ଣ୍ଣନା କରିଥିଲେ।

ଆମେ ଏଥିରୁ ଭୋଟର କ'ଣ ଚାହାନ୍ତି ବୋଲି ବୁଝିବା? ନେତାମାନେ କ'ଣ ଏହା ବୁଝିପାରି ସେହି ଜିନିଷ ଉପରେ ଫୋକସ୍ କରିପାରନ୍ତି? ଉତ୍ତର ଏତେ ସହଜ ନୁହେଁ। ସତ କଥା ହେଲା ଅଧିକାଂଶ ଲୋକ ର୍‍ୟାଲିକୁ ଯାଆନ୍ତି, ସେଥିରୁ କିଛି ମନୋରଞ୍ଜନ ପାଇବା ପାଇଁ। ସବୁଦିନିଆ ପୁରୁଣା କଥା ଶୁଣି ଶୁଣି ସେମାନେ ବୋର୍ ହେବାକୁ ଚାହାନ୍ତି ନାହିଁ। ଅବଶ୍ୟ ସେମାନେ ଜଳ, ବିଦ୍ୟୁତ୍ ଓ ନିଯୁକ୍ତି ବି ଚାହାନ୍ତି। କିନ୍ତୁ ସେମାନେ କେବଳ ସେଇ କଥା ଶୁଣିବାକୁ ର୍‍ୟାଲିକୁ ଆସି ନ ଥାନ୍ତି। ଲୋକଙ୍କ ମନୋଭାବ ଠଉରେଇବା ସବୁ ରାଜନେତାଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଅନ୍ୟପକ୍ଷରେ ଭାରତର ରାଜନୀତି ଜାତି, ଧର୍ମ ଓ ସମ୍ପ୍ରଦାୟ-ଭିତ୍ତିକ ହୋଇଥିବାରୁ ଜଣେ ଭଲ ଭାଷଣ ଦେଲେ ଯେ ସଫଳ ରାଜନେତା ହୋଇଯିବ, ସେ କଥା ନୁହେଁ। ଆମ ଦେଶରେ ଭଲ ବକ୍ତାଙ୍କ ଭିତରେ ଅଛନ୍ତି ଲାଲୁ, ଥାକରେ, ମୋଦି, ମମତା, ଓ୍ୱାଇସି ଓ ଆଉ ଅଳ୍ପ କେତଜଣ। ମାୟାବତୀ ଓ ନବୀନ ପଟ୍ଟନାୟକଙ୍କ ପରି ନେତା ଲୋକପ୍ରିୟ ଓ ସଫଳ ରାଜନେତା ହେବା ପାଇଁ ଭାଷଣ ଉପରେ ନିର୍ଭର କରନ୍ତି ନାହିଁ। ତେଣୁ ର୍‍ୟାଲି ମାଧ୍ୟମରେ ସେମାନେ ଲୋକଙ୍କ ପ୍ରାଥମିକ ପ୍ରତିକ୍ରିୟା ଜାଣିପାରନ୍ତି ନାହିଁ। ଆଜିକାର ଟିଭି ଓ ଇଣ୍ଟରନେଟ୍ ଯୁଗରେ ର୍‍ୟାଲିର ଭୂମିକା ବେଶି ଗୁରୁତ୍ୱପୂର୍ଣ୍ଣ ନୁହେଁ।

ମୁଁ ଭାବୁଛି ଶାସକ ଦଳ ଯେଉଁ ପୁଲ୍‌ଓ୍ୱାମା ଘଟଣାକୁ ନିର୍ବାଚନୀ ପ୍ରସଙ୍ଗ କରିଛି, ତାହା ଫଳପ୍ରଦ ନୁହେଁ। ମୋଦି ଓ ଭାଜପା ଏହି ଘଟଣାକୁ ଲୋକଙ୍କ ଆଗରେ ଥୋଇ ଓ ବିରୋଧୀଙ୍କୁ ପାକିସ୍ତାନୀ ଏଜେଣ୍ଟ ବୋଲି କହି ବେଶି ଭୋଟ ପାଇବେ ବୋଲି ମୁଁ ଭାବୁନାହିଁ। ଯେତେବେଳେ କୃଷକମାନେ ଦୁର୍ଗତି ଭିତରେ ଶଢୁଛନ୍ତି ଏବଂ ନିଯୁକ୍ତିର ଘୋର ଅଭାବ ଯୋଗୁ ବେକାରି ବଢୁଛି, ସେତେବେଳେ ଅର୍ଥନୈତିକ ପ୍ରଗତି ବିଷୟରେ କିଛି କହିବା ଭାଜପା ପକ୍ଷେ ସମ୍ଭବ ନୁହେଁ। ସେଥିପାଇଁ ପ୍ରଧାନମନ୍ତ୍ରୀ ସର୍ଜିକାଲ ଷ୍ଟ୍ରାଇକ୍‌ର ଯାଦୁ ଓ ବିରୋଧୀଙ୍କ ବିଶ୍ୱାସଘାତକତା କଥା ବେଶି କହୁଛନ୍ତି। ଏହା ଶ୍ରୋତାଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇପାରେ, ମାତ୍ର ଏହା ଭୋଟରେ ପରିଣତ ହେବ ବୋଲି କହିହେବ ନାହିଁ। ଉକ୍ତ ନିର୍ବାଚନ ପ୍ରଚାର ଅବସରରେ ତୁଷାର ଗାନ୍ଧୀ ଲୋକଙ୍କର ଢେର ମନୋରଞ୍ଜନ କରାଇଥିଲେ ଓ ତାଳିମାଡ଼ ବି ପାଇଥିଲେ। ମାତ୍ର ସେ କେବଳ ଉକ୍ତ ନିର୍ବାଚନ ହାରି ନ ଥିଲେ ବରଂ ମୋର ଯାହା ମନେପଡ଼େ ସେ ଉକ୍ତ ନିର୍ବାଚନରେ ଅମାନତ ବି ହରାଇଥିଲେ।

Email: aakar.patel@gmail.com

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | B | | 0 | 1 | | | C | | | | | | |
| | | | | | | 7 | 2 | | | | | | | |
| | | | | | 8 | | | 9 | | | | | | |
| | | 3 | B | | | 0 | 6 | E | 1 | | C | | | |
| | | 2 | | 3 | | | D | 1 | 9 | 0 | | | | 8 |
| | | A | | 2 | D | | C | | 4 | 7 | | | 8 | |
| 7 | C | | 1 | | | | | B | | 9 | | D | 6 | 0 |
| 8 | | | | 6 | 3 | | | | | | B | | 2 | A |
| | | 9 | | | | | | 2 | 8 | | 5 | 3 | | |
| | | | A | | | 9 | E | | | | | | | |
| C | | | | | B | | 1 | | 7 | 4 | | | A | |
| E | 2 | | 0 | | | 4 | 9 | | B | | | | | D |
| | | | | | 7 | | | 3 | 0 | | | | | |
| 1 | | | | A | 4 | 2 | B | | | | | 8 | 7 | |
| | | 5 | D | 1 | 9 | 8 | A | | | 3 | | | B | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 1 | A | 7 | 9 | E | 0 | C | D | 6 | 4 | 2 | B | 5 | 8 |
| D | C | 7 | 3 | B | 2 | A | 5 | E | 8 | 9 | 1 | 6 | 4 | 0 |
| 2 | B | 0 | A | 6 | 4 | 8 | 9 | 1 | 5 | 3 | E | D | 7 | C |
| 9 | 6 | E | 8 | 0 | 5 | 4 | B | 7 | C | A | D | 2 | 3 | 1 |
| 8 | 5 | 4 | C | D | 1 | 6 | 3 | 2 | 0 | B | 7 | E | 9 | A |
| E | 7 | 6 | 4 | 1 | D | 2 | 8 | C | B | 5 | 0 | 3 | A | 9 |
| C | 8 | D | 0 | A | B | 1 | 4 | 3 | E | 7 | 9 | 5 | 2 | 6 |
| A | 9 | 1 | 5 | 7 | 8 | E | 0 | B | 2 | 6 | 3 | 4 | C | D |
| 5 | 3 | B | 6 | 2 | C | D | A | 9 | 4 | 1 | 8 | 0 | E | 7 |
| 4 | 0 | 2 | 9 | E | 3 | 7 | 6 | 5 | A | D | C | 8 | 1 | B |
| 6 | 4 | 9 | E | C | 0 | 3 | D | 8 | 7 | 2 | A | 1 | B | 5 |
| B | E | C | 1 | 8 | A | 5 | 2 | 4 | 9 | 0 | 6 | 7 | D | 3 |
| 7 | 2 | 3 | D | 5 | 9 | C | E | 0 | 1 | 8 | B | A | 6 | 4 |
| 1 | D | 8 | 2 | 4 | 6 | B | 7 | A | 3 | C | 5 | 9 | 0 | E |
| 0 | A | 5 | B | 3 | 7 | 9 | 1 | 6 | D | E | 4 | C | 8 | 2 |

ଗତକାଲି ପ୍ରକାଶିତ ଉତ୍ତର



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

# ପ୍ରତିଶ୍ରୁତି ଓ ପ୍ରତାରଣାର ଖେଳ

ପ୍ରଥମରୁ ସପ୍ତମ ଯାଏ ପ୍ରାୟ ଦୁଇମାସ ଧରି ଚାଲିଛି ବିଶ୍ୱର ବୃହତ୍ତମ ଗଣତନ୍ତ୍ରର ସବୁଠୁଁ ମହତ୍ତ୍ୱପୂର୍ଣ୍ଣ ଉତ୍ସବ। ଭାରତ ଭଳିଏକବିଶାଳ ଗଣତନ୍ତ୍ରର ଭାଗ୍ୟ ଡୋରି ହାତକୁ ନେବା ପାଇଁ ଏଇ ବଳ କଷାକଷିର ପର୍ବ ଆରମ୍ଭ ହୋଇଗଲାଣି କେବେଠୁଁ। ନିର୍ବାଚନରେ ଭୋଟ ଦେବା ଭଳି ନାଗରିକର ପବିତ୍ର କର୍ତ୍ତବ୍ୟ ସମ୍ପାଦନ କରି ପାଞ୍ଚବର୍ଷ ହେଲା ନିଘୋଡ ନିଦରେ ଶୋଇ ପଡିଥିବା ଜନତା ଉଠିପଡି ପୁଣି ଥରେ ଭୋଟ କେନ୍ଦ୍ରର ଧାଡିରେ ଛିଡା ହେଲେଣି। ଆଉ ଥରେ ଭୋଟ ଦେଇ ପୁଣି ପାଞ୍ଚବର୍ଷ କାଳ ଶୋଇଯିବା ପାଇଁ।

ନିର୍ବାଚନ ଆସିଲେ ଦେଶର ତ ରଙ୍ଗ ବଦଳିଯାଏ। ତା' ସହ ବଦଳିଯାଏ ଦେଶବାସୀଙ୍କ ଚରିତ୍ର। ଘର ପରିବାରଠୁ ହାଟ ବଜାର ଯାଏ, ପୁଣି କାର୍ଯ୍ୟକ୍ଷେତ୍ର, କୃଷିକ୍ଷେତ୍ର ବା କ୍ରୀଡାକ୍ଷେତ୍ରରୁ ରଣକ୍ଷେତ୍ର ଯାଏ, ସବୁଠି ସଭିଏଁ ନିର୍ବାଚନସମ୍ପର୍କିତ ଆଲୋଚନାରେ ନିମଗ୍ନ ରହନ୍ତି। କାନ୍ଥବାଡର ରଙ୍ଗବେରଙ୍ଗ ପ୍ରଚାରପତ୍ର, ବାଇକ ରାଲି, ରୋଡଶୋ'ର ପଟୁଆର ସହ ଡିଜେ ଭଳି ପ୍ରଚାର ଯନ୍ତ୍ରରୁ ଭାସି ଆସୁଥିବା ନିର୍ବାଚନୀ ପ୍ରଚାର ସଙ୍ଗୀତର ଗୁରୁ ଗର୍ଜନ ପ୍ରଚଣ୍ଡ ରୌଦ୍ରତାପର ଦହନକୁ ମଧ୍ୟ ପଛରେ ପକାଇଦିଏ। ଅଥଚ ଟିକେ ନିରେଖି ଚାହିଁଲେ ସ୍ପଷ୍ଟରୂପେ ଜଣାଯାଏ ଯେ ଏ ସବୁ ଉଦ୍ଦୀପନା ଓ ଉନ୍ମାଦନା କେବଳ ସେଇମାନଙ୍କର ଯେଉଁମାନେ ନିର୍ବାଚନରେ ନେତା ହୋଇ ନିଜର ଭାଗ୍ୟ ପରୀକ୍ଷା କରୁଥାନ୍ତି ଅବା ସେମାନଙ୍କ ସମର୍ଥକଙ୍କର, ଯେଉଁମାନେ ନିଜ ନେତାଙ୍କ ପାଇଁ ନର୍କକୁ ବି ଯିବା ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି। ବାକି ସାଧାରଣ ଭୋଟରଙ୍କ ପାଇଁ ଏହି ସାମ୍ବିଧାନିକ ପର୍ବଟି ଯେମିତି ଅନୁଭବଶୂନ୍ୟ।

ଭୋଟରଙ୍କୁ ସାଧାରଣ କହିଲେ ସେମାନଙ୍କ ମହତ୍ତ୍ୱର ଅପମାନ ହେବ। ଅନ୍ୟ ବେଳେ ଯେତେ ସାଧାରଣ ହେଲେ ବି ନିର୍ବାଚନ ବେଳେ ଭୋଟରଟିଏ ଅତ୍ୟନ୍ତ ଅସାଧାରଣ। ଏହି ସମୟରେ ତା' ମୁଣ୍ଡର ମୂଲ୍ୟ ଅସମ୍ଭବ ଭାବେ ବଢି ଯାଇଥାଏ। ଦୁର୍ମୂଲ୍ୟ ହୀରାନୀଳାଠୁଁ ବି ଶତଗୁଣ ଅଧିକ ହୋଇଯାଏ। ଯଦିଓ ଥରେ ନିର୍ବାଚନ ସରିଗଲେ ଅନ୍ୟ ନିର୍ବାଚନ ନ ଆସିଲାଯାଏ ତା'ର ମୂଲ୍ୟ କାଣିକଉଡିଠୁ ବି ହୀନ ହୋଇଯାଏ। ବଡ଼ ବିଚିତ୍ର ଏଇ ଭୋଟରଟିର ଭାଗ୍ୟ। ବଡ଼ ବଡ଼ ପ୍ରତିଶ୍ରୁତି ଦେଇ ସ୍ୱପ୍ନର ସୌଦାଗରମାନେ ତା' ପାଇଁ ସୁନାର ସୌଧ ଓ ମୁକ୍ତାର ମହଲ ତିଆରି ଦିଅନ୍ତି। ତାକୁ ରାଜସିଂହାସନରେ ବସାଇ ନିଜେ ଆଣ୍ଠୁ ମାଡି କାକୁସ୍ଥ କିଙ୍କରଙ୍କ ପରି ଆଦେଶ ଅପେକ୍ଷାରେ ରହନ୍ତି। ଅଥଚ ଥରେ ନିର୍ବାଚନ ସରିଗଲେ ପ୍ରତିଶ୍ରୁତି ବଦଳରେ ପ୍ରତିଭାତ ହୁଏ ଭୟଙ୍କର ପ୍ରତାରଣା। ତା' ଭାଗ୍ୟ ଏମିତି ଯେ ପ୍ରତି ପାଞ୍ଚବର୍ଷରେ ଥରେ ଏଇ ପ୍ରତିଶ୍ରୁତି ଓ ପ୍ରତାରଣାର ବିଷମ ଖେଳରେ ସେ ସାମିଲ ହୁଏ ବାଧ୍ୟବାଧକତାରେ। ସେ କରନ୍ତା ବା କ'ଣ! ନିଜ ନାଗରିକ ଅଧିକାର ସାବ୍ୟସ୍ତ କରିବାର ପବିତ୍ର ପର୍ବରେ ସାମିଲ ନ ହେଲେ ସେ ଯଦି ପ୍ରତାରଣାରୁ ବର୍ତ୍ତିଯାଇ ପାରନ୍ତା, ତା' ହେଲେ ହୁଏତ ଭୋଟର ହେବାକୁ ସେ କେବେ ମନ ବଳାନ୍ତା ନାହିଁ!

ପ୍ରତ୍ୟେକ ନିର୍ବାଚନ ଆସେ ରାମରାଜ୍ୟର ପ୍ରତିଶ୍ରୁତି ନେଇ। ଅଥଚ ନିର୍ବାଚନ ସରିଗଲା ପରେ ରାମ ବୋଲି ସେଇ ପୁଣ୍ୟ ପୁରୁଷ ଜଣକ ନିର୍ବାସନରେ ଚାଲିଯାନ୍ତି ଓ ବଦଳରେ ପ୍ରତିଭାତ ହୁଅନ୍ତି ରକ୍ତଶୋଷା ରାବଣଗଣ। ହେଉ, ନିର୍ବାଚନ ପରେ କଳ୍ପିତ ରାମମାନେ ରାବଣ ପାଲଟି ଯାଆନ୍ତୁ। ପ୍ରତିଜ୍ଞା, ପ୍ରତିଶ୍ରୁତି ଓ ପ୍ରତାରଣା ମଧ୍ୟରେ ତଥାପି ବଞ୍ଚି ରହିଥାଉ ଆମ ଗଣତନ୍ତ୍ର। ମାତ୍ର ନିର୍ବାଚନ ପରେ ନୁହେଁ, ପୂର୍ବରୁ ବି ଯଦି ପ୍ରତାରଣା ତା'ର କାୟା ବିସ୍ତାରକରେ, ତେବେ କେମିତି ହେବ ଆମ ଗଣତନ୍ତ୍ରର ଏ ଅନୁଭବ।

ଏଥର ନିର୍ବାଚନ ତିଥି ଘୋଷିତ ହେବା ପୂର୍ବରୁ ଓ ପରେ ପରେ ସଂଘଟିତ ହୋଇଚାଲିଛି ଗୋଟିଏ ପରେ ଗୋଟିଏ ପ୍ରତାରଣାର ପର୍ବ। ଗୋଟିଏ ଦଳ ସହ ଦୀର୍ଘବର୍ଷ ସଂପୃକ୍ତ ରହି, ସେହି ଦଳର ବିଜୟ ବାନା ହାତରେ ଧରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସାରିଲା ପରେ ଆପଣାର ବ୍ୟକ୍ତି ସ୍ୱାର୍ଥ ପାଇଁ ସେହି ଦଳ ବିରୋଧରେ ବିଷୋଦ୍‌ଗାର କରିବାର ନାମ ପ୍ରତାରଣା ନୁହେଁ କି? କାଲିଯାଏଁ ନେତା ଜଣେ ଗୋଟିଏ ଦଳରେ ରହି ସେହି ଦଳର ଆଦର୍ଶରେ ଅଭିମଣ୍ଡିତ କରିଥିବେ ନିଜକୁ। ଉକ୍ତ ଦଳର ଜୟଗାନ ତାଙ୍କ ପାଇଁ ପାଲଟିଯାଇଥିବ ସନ୍ଧ୍ୟା ସକାଳର ପ୍ରାର୍ଥନା ସଙ୍ଗୀତ। ସେଇ ଦଳର ପରିଚୟରେ କ୍ଷମତା ଭୋଗିଥିବେ, ପ୍ରସିଦ୍ଧି ଅର୍ଜିଥିବେ ଦୀର୍ଘକାଳ। ଅଥଚ ତହିଁରୁ ଟିକେଟ ନ ମିଳିଲେ ନିର୍ବାଚନ ଲଢିବା ପାଇଁ ରାତାରାତି ବିପକ୍ଷ ଦଳରେ ଯୋଗଦେଇ ସେ ପାଲଟିଯିବେ ତାଙ୍କ ମୂଳ ଦଳର ସବୁଠୁଁ ପ୍ରଗଲ୍‌ଭ ନିନ୍ଦୁକ। କାଲିଯାଏ ସ୍ୱର୍ଗ ପରି ପ୍ରତୀୟମାନ ହେଉଥିବା ଦଳ ଆଜି ପାଲଟିଯିବ ନର୍କଠାରୁ ଆହୁରି ନିକୃଷ୍ଟତର! ପ୍ରତାରଣା ଆଉ କାହାକୁ କହନ୍ତି କି?

ନେତା ହେବା ପାଇଁ କାହିଁକି ଏତେ ପ୍ରବଣତା। ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ କାହିଁକି ଏତେ ପାଗଳ ପ୍ରତିଯୋଗିତା। ନେତୃତ୍ୱରେ ଏମିତି କି ଅମୃତ ଅଛି ଯେ ଯାହାକୁ ପାଇବା ପାଇଁ ପ୍ରଖ୍ୟାତ ଅଭିନେତ୍ରୀ, ଅଭିନେତାମାନେ ସେମାନଙ୍କ ପରୀରାଇଜ ଛାଡି ନିର୍ବାଚନ ଦୌଡ଼ରେ ଯୋଗ ଦେଉଛନ୍ତି। ପ୍ରଶାସକମାନେ ଅବସର ନେଇ ଦଳୀୟ ପତାକା ତଳେ ନିଜର ପରିଚୟ ଲୋଡୁଛନ୍ତି। ଏ.ସି. କକ୍ଷର ଶୀତଳ ପରିବେଶରେ ବି ଯେଉଁଠି ସୁକୁମାର ଶରୀରକୁ ତଥାପି କଷ୍ଟ ହେଉଥିଲା, ସେଠି ବୈଶାଖର ଉତ୍ତପ୍ତ ନିଦାଘରେ ବି ଘଣ୍ଟା ଘଣ୍ଟା ଧରି ଭୋଟର ବାପୁଡାଙ୍କୁ ପ୍ରଭାବିତ କରିବାକୁ ପଡୁଛି। ଫୁଙ୍ଗୁଳା ଦେହର ସିଙ୍ଗାଣିନାକି କାଳୀକୋତରୀ ଇତର ଝିଅଟାକୁ ଆଣି କୋଳେଇବାକୁ ପଡୁଛି। କ'ଣ ମିଳେ ଏଥିରୁ। ଦେଶ ଗଠନ, ଲୋକ କଲ୍ୟାଣ ନା ନିଜ ସ୍ୱାର୍ଥ ସାଧନ।

ନେତା, ନେତୃତ୍ୱ ଓ ନିର୍ବାଚନର ଏ ପ୍ରହେଳିକା ମଧ୍ୟରେ ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ଅର୍ଥ। ସମଗ୍ର ଦେଶରେ ପୁଳା ପୁଳା ଟଙ୍କା ବିଭିନ୍ନ ସ୍ଥାନରୁ ଜବତ ହୋଇଥିବା ଘଟଣା ଆମ ନିର୍ବାଚନର ତଥାକଥିତ ପବିତ୍ରତାର ପ୍ରମାଣ। କ'ଣ କାମରେ ଆସେ ଏ ଟଙ୍କା। ନିଜ ଭୋଟଟିର ମୂଲ୍ୟ ବୁଝି ନ ଥିବା ଭୋଟରକୁ ଟଙ୍କା, ମଦମାଂସ ଓ ଅନ୍ୟ କିଛି ଉପାଦାନ ଦ୍ୱାରା ପ୍ରଲୋଭିତ କରିବା ପାଇଁ ଏହା ଶେଷ ଅସ୍ତ୍ର ଭାବେ କାମରେ ଆସିଥାଏ। ଏଥିସହିତ ମୋଟା ଅଙ୍କର ଅର୍ଥ ବିନିମୟରେ ବଲିଉଡ ବା ଓଲିଉଡରୁ ଆମଦାନୀ ହୋଇଥାନ୍ତି କିଛି ରଙ୍ଗ ହରାଇ ବସିଥିବା ଅଭିନେତ୍ରୀ ବା ଅଭିନେତା। ଏ କଥା ବୁଝି ବି ବୁଝି ହୁଏନା ଯେ ସେଇ ଅଭିନେତ୍ରୀ, ଅଭିନେତାମାନଙ୍କୁ ପ୍ରଚାର ପଟୁଆରରେ ସାମିଲ କରାଇ ପ୍ରାର୍ଥୀ ଜଣେ କି ବାର୍ତ୍ତା ଦେବାକୁ ଚାହାନ୍ତି। ନିଜ ନେତୃତ୍ୱ ନେବାର ସାମର୍ଥ୍ୟକୁ କେମିତି ପ୍ରତିଷ୍ଠିତ କରିପାରେ ସେଇ ରଙ୍ଗିଲାମାନଙ୍କ ଉପସ୍ଥିତି!

ଅର୍ଥର ଆସୁରିକ ପ୍ରଭାବରେ କଳୁଷିତ ହେଉଥିବା ଆମ ନିର୍ବାଚନକୁ ଯଥାସମ୍ଭବ ମୁକ୍ତ ରଖିବାକୁ ନିର୍ବାଚନ କମିଶନଙ୍କ ପ୍ରାଣମୟ ପ୍ରଚେଷ୍ଟାକୁ ସାଧୁବାଦ ଜଣାଇବା ସହ ଏ କଥା କିନ୍ତୁ ସ୍ପଷ୍ଟ ଭାବେ କୁହାଯାଇପାରେ ଯେ ପାଞ୍ଚଶହ କି ହଜାରେ ଟଙ୍କା ଓ କିଛି ମଦ ମାଂସ ବିନିମୟରେ ନିଜକୁ ବିକ୍ରି କରି ଦେଉଥିବା ଭୋଟରମାନେ ହିଁ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଅସୁସ୍ଥ ବିଡମ୍ବନା। ତଥାପି ମଦନ ଭଳି ଏକ ଉଜ୍ଜ୍ୱଳ ବ୍ୟତିକ୍ରମ ନିଜ ଆଚରଣ ଓ ଉଚ୍ଚାରଣରେ ଭିନ୍ନ ବାର୍ତ୍ତାଟିଏ ଦେଇ ଗଣତନ୍ତ୍ରର ଅସୁସ୍ଥ ଶରୀର ଉପରେ ଶୀତଳ ଚନ୍ଦନର ସ୍ପର୍ଶ ଦେଇପାରେ। ପ୍ରଥମ ଦଫାର ନିର୍ବାଚନ ନିର୍ଘଣ୍ଟରେ ନିଜ ଅଞ୍ଚଳରେ ଭୋଟ ଦେଇ ରାଜଧାନୀକୁ ଫେରି ଆସିଥିବା ମଦନ ପ୍ରକୃତରେ ଏକ ବୀରସୁଲଭ କାର୍ଯ୍ୟ କରିଥିଲା ବୋଲି ଏ ଲେଖକର ମତ।

ଏକ ଅନୌପଚାରିକ ଆଳାପରେ ମଦନ କହୁଥିଲା, ''ନିର୍ବାଚନର ଦୁଇଦିନ ପୂର୍ବରୁ ମାଂସ ଭାତର ଭୋଜି ସହ ମିଳିଥିଲା ହଜାରେ ଟଙ୍କା। ତା' ସହ ଠାକୁର ଫଟୋ ଛୁଇଁ ନିୟମ କରିବାକୁ ପଡିଥିଲା ଏସବୁର ଦାତାଙ୍କୁ ଭୋଟ ଦେବା ପାଇଁ। ଭୋଜି ଖାଇଲି, ଟଙ୍କା ନେଇ ପକେଟ ଭରିଲି ଓ ଫଟୋ ଛୁଇଁ ନିୟମ କଲି। କିନ୍ତୁ ଭୋଟ ଦିନ ତାଙ୍କୁ ନ ଦେଇ ଆଉ ଜଣେ ଭଲ ପ୍ରାର୍ଥୀଙ୍କୁ ମୋ ଭୋଟ ଦେଲି।'' ଆଶ୍ଚର୍ଯ୍ୟ ହୋଇ ଏ ଲେଖକ ପଚାରିଥିଲା, ''ଇଏ କି ଅନ୍ୟାୟ କଥା। ଜଣଙ୍କଠୁ ଟଙ୍କା ନେଇ ଆଉ ଜଣଙ୍କୁ ଭୋଟ ଦେବା ତ ଅସାଧୁତା।'' ରାଜଧାନୀରେ ଗ୍ୟାରେଜ ମେକାନିକ ଥିବା ମଦନର କୈଫିୟତ ଶୁଭୁଥିଲା ଜଣେ ପ୍ରାଜ୍ଞ ପୁରୁଷଙ୍କ ପ୍ରବଚନ ପରି। ସେ କହିଲା, ''ଲକ୍ଷ ଲକ୍ଷ ଟଙ୍କା ଦେଇ ଭୋଟ କିଣୁଥିବା ପ୍ରାର୍ଥୀଙ୍କଠାରୁ ହଜାରେ ଟଙ୍କା ଠକିନେବା କ'ଣ ବଡ଼ ଅସାଧୁତା ବାବୁ। ବରଂ ଆପଣ ମୋତେ ସାବାସୀ ଦେବା କଥା, ମୁଁ ସେଭଳି ଅସାଧୁ ନେତାକୁ ଭୋଟ ଦେଇ ନାହିଁ ବୋଲି!'' ମଦନର ପିଠି ଥାପୁଡାଇ ଦେଇଥିଲା ସେଦିନ ଏ ଲେଖକ। ମଦନମାନଙ୍କ ସଂଖ୍ୟା ବଢାଇ ଏ ଗଣତନ୍ତ୍ରକୁ ରକ୍ଷା କରିବାକୁ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲା।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣୀ,
ଭୁବନେଶ୍ୱର,
ମୋ-୮୮୯୫୬୨୪୧୦୫

# 'ଦି ଓଭରଷ୍ଟୋରି' ଔପନ୍ୟାସିକ

ବ୍ୟକ୍ତିତ୍ୱ



ରିଚାର୍ଡ ପାଓ୍ୱାର୍ସ

ଆମେରିକାରେ ଖବରକାଗଜ, ପତ୍ରିକା, ଅନ୍‌ଲାଇନ୍ ସାମ୍ବାଦିକତା, ସାହିତ୍ୟ ଏବଂ ସଙ୍ଗୀତ ରଚନା କ୍ଷେତ୍ରରେ ଉତ୍କର୍ଷ ଲାଭ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ପୁଲିଜର ପୁରସ୍କାର ପ୍ରଦାନ କରାଯାଇଥାଏ। ହଙ୍ଗେରି ଜନ୍ମିତ ଆମେରିକୀୟ ଯୋଶେଫ୍ ପୁଲିଜର ୧୯୧୭ରେ ଏହି ସମ୍ମାନ ପ୍ରତିଷ୍ଠା କରିଥିଲେ। ପ୍ରତିବର୍ଷ ୨୧ଟି କ୍ଷେତ୍ରରେ ଏହି ମର୍ଯ୍ୟାଦାଜନକ ପୁରସ୍କାର ଦିଆଯାଇ ଆସୁଥିବାରୁ ନୂଆ ବିଜେତାଙ୍କ ଉପରେ ସମସ୍ତଙ୍କ ଲକ୍ଷ୍ୟ ଥାଏ। ଚଳିତବର୍ଷ ସାହିତ୍ୟ କ୍ଷେତ୍ରରେ ରିଚାର୍ଡ ପାଓ୍ୱାର୍ସ ତାଙ୍କ ଦ୍ୱାଦଶ ଉପନ୍ୟାସ 'ଦି ଓଭରଷ୍ଟୋରି' ପାଇଁ ପୁଲିଜର ସମ୍ମାନ ପାଇଛନ୍ତି।

ଆମେରିକାର ଇଲିନୟ ପ୍ରଦେଶର ଇଭାନ୍‌ଷ୍ଟନ୍‌ଠାରେ ୧୮ ଜୁନ୍ ୧୯୫୭ରେ ରିଚାର୍ଡ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ଥାନୀୟ ଅଞ୍ଚଳର ଏକ ସ୍କୁଲରେ ଅଧ୍ୟକ୍ଷ ଥିଲେ। ଯେତେବେଳେ ରିଚାର୍ଡଙ୍କୁ ୧୧ ବର୍ଷ ହୋଇଥିଲା, ସେତେବେଳେ ତାଙ୍କ ପିତା ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ର ଏକ ଅନ୍ତର୍ଜାତୀୟ ସ୍କୁଲରେ ଚାକିରି କରିବା ପାଇଁ ଚାଲିଯାଇଥିଲେ। ଫଳରେ ସେହିଠାରେ ରିଚାର୍ଡଙ୍କ ପ୍ରାରମ୍ଭିକ ଶିକ୍ଷା ହୋଇଥିଲା। ସେହି ସମୟରେ ସେ ଗିଟାର, ସେଲୋ, ସାକ୍ସୋଫୋନ୍ ଭଳି ବାଦ୍ୟଯନ୍ତ୍ର ସହ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ। ଏଥିସହିତ ଇଲିଆଡ୍, ଓଡେଶୀ ଭଳି ଶାସ୍ତ୍ରୀୟ ସାହିତ୍ୟ ପଢ଼ିବାକୁ ଲାଗିଲେ। ୧୯୭୫ରେ ରିଚାର୍ଡଙ୍କ ପରିବାର ପୁଣି ଆମେରିକା ଫେରିଆସିଥିଲେ। ସେହିବର୍ଷ ସେ ଇଲିନୟର ଡିକାଲ୍‌ବ ହାଇସ୍କୁଲରେ ସ୍ନାତକ ଶ୍ରେଣୀରେ ନାମ ଲେଖାଇଥିଲେ। ୧୯୭୮ରେ ସ୍ନାତକ ଶେଷ କରିବା ପରେ ୧୯୮୦ରେ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ହେଲେ ଛାତ୍ରୀଛାତ୍ର ଓ ପ୍ରଫେସରଙ୍କ ମଧ୍ୟରେ ବହି ପଢ଼ିବା ଓ ଲେଖିବା ଅଭ୍ୟାସ କମିଯାଉଥିବା ସେ ଲକ୍ଷ୍ୟ କରିଥିଲେ। ତେଣୁ ସାହିତ୍ୟ ରଚନା କ୍ଷେତ୍ରରେ ନୂଆ କିଛି କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ନିଜେ ଏହି ଧାରାରେ ସାମିଲ ହେବାକୁ ଯାଇ ୨୦୧୦ରୁ ୨୦୧୩ ଯାଏ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଭିଜିଟିଂ ରାଇଟର ଭାବେ ଯୋଗଦେଇଥିଲେ। ୨୨ ଅଗଷ୍ଟ ୨୦୧୩ରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗରେ ସେ ସୃଜନଶୀଳ ଲେଖା ପାଇଁ ମର୍ଯ୍ୟାଦାଜନକ ଫିଲ୍ ଆଣ୍ଡ ପେନି ନାଇଟ୍ ପ୍ରଫେସର ହେବାର ଗୌରବ ଅର୍ଜନ କରିଥିଲେ।

ରିଚାର୍ଡଙ୍କ ସୃଜନ ଯାତ୍ରା ୧୯୮୦ରୁ ଆରମ୍ଭ ହୋଇଥିଲା। ବୋଷ୍ଟନ୍‌ଠାରେ ଜଣେ ପ୍ରୋଗ୍ରାମର ଭାବେ କାର୍ଯ୍ୟ କରୁଥିବା ବେଳେ ଅଗଷ୍ଟ ସାଣ୍ଡରଙ୍କ ଦ୍ୱାରା ଅଙ୍କିତ ୧୯୧୪ ମସିହାର ଏକ ଫଟୋଗ୍ରାଫ୍ ଉପରେ ତାଙ୍କ ନଜର ପଡ଼ିଥିଲା। ଉକ୍ତ ଫଟୋ ତାଙ୍କୁ ଏତେ ପ୍ରଭାବିତ କରିଥିଲା ଯେ, ସେ ଚାକିରି ଛାଡ଼ି ଲେଖାଲେଖିରେ ମନୋନିବେଶ କରିଥିଲେ। ଏବଂ ପ୍ରଥମ ବହି 'ଥ୍ରୀ ଫାର୍ମର୍ସ ଅନ୍ ଦେୟାର ଓ୍ୱେ ଟୁ ଏ ଡ୍ୟାନ୍ସ' ଲେଖିବା ପାଇଁ ତାଙ୍କୁ ଦୁଇ ବର୍ଷ ଲାଗିଯାଇଥିଲା। ୧୯୮୫ରେ ଓ୍ୱିଲିୟମ୍ ମାରୋଙ୍କ ଦ୍ୱାରା ଏହା ପ୍ରକାଶିତ ହୋଇଥିଲା। ସେବେଠାରୁ ରିଚାର୍ଡ ପଛକୁ ଫେରି ଚାହିଁ ନାହାନ୍ତି। ଏହି ରଚନା ପରେ ସେ ନେଦରଲାଣ୍ଡସ୍ ଚାଲିଯାଇ ସେଠାରେ 'ପ୍ରିଜନର୍ସ ଡିଲେମା' ଲେଖିଥିଲେ। ଏହା ପରେ ୧୯୯୩ରେ 'ଅପରେଶନ ଓ୍ୱାଣ୍ଡରିଂ ସୋଅଲ', ୧୯୯୫ରେ 'ଗାଲାଟି', ୧୯୯୮ରେ 'ଗେନ୍', ୨୦୦୦ ମସିହାରେ 'ପ୍ଲେୟିଂ ଦି ଡାର୍କ', ୨୦୦୩ରେ 'ଦି ଟାଇମ୍ ଅଫ୍ ଆଓ୍ୱାର ସିଙ୍ଗିଙ୍ଗ' ଏବଂ ଏହିପରି ଭାବେ ୨୦୦୬ରେ ରିଚାର୍ଡଙ୍କ ନବମ ଉପନ୍ୟାସ 'ଦି ଇକୋ ମେକର' ପ୍ରକାଶ ଲାଭ କରିଥିଲା। 'ଦି ଇକୋ ମେକର' ମଧ୍ୟ ନ୍ୟାଶନାଲ ବୁକ୍ ଆଓ୍ୱାର୍ଡ ପାଇବା ସହ କାଳ୍ପନିକ ଲେଖା (ଫିକ୍ସନ) ବର୍ଗ ପାଇଁ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିଲା। ତାଙ୍କ ଦଶମ ଉପନ୍ୟାସ 'ଜେନେରୋସିଟି' ଏବଂ 'ଓର୍ଫେଓ' ନାମରେ ଏକାଦଶ ସୃଜନଶୀଳତା ପ୍ରକାଶ ପାଇଥିଲା। ତେବେ ଦ୍ୱାଦଶ ଉପନ୍ୟାସ 'ଦି ଓଭରଷ୍ଟୋରି' ପୂର୍ବ ରଚନାଠାରୁ ଉତ୍କର୍ଷ ଲାଭ କରିବା ପରେ ଏବେ ପୁଲିଜର ସମ୍ମାନ ପାଇପାରିଛି। ୨୦୧୮ରେ ଏହି ଉପନ୍ୟାସ ଡବ୍ଲ୍ୟୁ.ଡବ୍ଲ୍ୟୁ. ନୋର୍ଟନଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। ଏଥିରେ ୯ ଜଣ ଆମେରିକୀୟଙ୍କ ଗଛ ସହ ଥିବା ଅନନ୍ୟ ଅଭିଜ୍ଞତାକୁ ବର୍ଣ୍ଣନା କରାଯାଇଛି। ଏହି ନାଗରିକମାନେ ଜଙ୍ଗଲ ଧ୍ୱଂସ ରୋକିବା ଲାଗି ଦେଇଥିବା ଆହ୍ୱାନକୁ ଉପନ୍ୟାସ ଥିମ୍‌ରେ ରିଚାର୍ଡ ସ୍ଥାନ ଦେଇଛନ୍ତି। ଏଥିସହିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବା ବେଳେ ସେ ବୃହତ୍ ରେଡ୍‌ଉଡ୍ ସଂସ୍ପର୍ଶରେ ଆସିଥିବା ବେଳର ଅନୁଭୂତିକୁ ଉପନ୍ୟାସରେ ଅନ୍ତର୍ଭୁକ୍ତ କରିଛନ୍ତି। ୨୦୧୮ ମ୍ୟାନ୍ ବୁକର ପୁରସ୍କାର ଲାଗି 'ଦି ଓଭରଷ୍ଟୋରି' ଶ୍ରେଷ୍ଠ ପୁସ୍ତକ ତାଲିକାରେ ମଧ୍ୟ ସ୍ଥାନ ପାଇଥିଲା। ତେବେ ପୁଲିଜର ପୁରସ୍କାର ତାଙ୍କ ସୃଜନଶୀଳତାକୁ ନବଦିଗନ୍ତ ଦେଇଛି ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଅଙ୍ଗଦାନ ମହାପୁଣ୍ୟ। ଜଣଙ୍କ ମୃତ୍ୟୁ ପରେ ତା'ର ବିଭିନ୍ନ ଅଙ୍ଗ ଦାନ କରାଯାଇପାରିବ। ତେଣୁ କୌଣସି ବ୍ୟକ୍ତି ମୃତ୍ୟୁ ପୂର୍ବରୁ ଅଙ୍ଗଦାନ ପାଇଁ ଶପଥ ନେଇଥିଲେ ଏହା ସମ୍ଭବ ହୋଇପାରିବ। ଜଣଙ୍କର କିଡ୍‌ନୀ, ଚକ୍ଷୁ, ହୃତ୍‌ପିଣ୍ଡ ଭଳି ବିଭିନ୍ନ ଅଙ୍ଗ ଏକାଧିକ ଲୋକଙ୍କଠାରେ ପ୍ରତିରୋପଣ କରାଯାଇପାରେ। ତେବେ ଏ ନେଇ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି। ଏହି ମର୍ମରେ ଛତିଶଗଡ଼ ଭିଲାଇରେ ଏକ ବିବାହ ଉତ୍ସବରେ ଯୋଗଦେଇଥିବା ୬ଶହ ଅତିଥି ନେତ୍ରଦାନ ପାଇଁ ଶପଥ ନେଇଛନ୍ତି। ସ୍ଥାନୀୟ ସେକ୍ଟର-୭ ବାସିନ୍ଦା ସଞ୍ଜୟ ପାଣ୍ଡେ ନିଜ ସାନଝିଅ ଶ୍ରଦ୍ଧାର ବିବାହ ଉତ୍ସବରେ ଏଭଳି ଶପଥପାଠ ଉତ୍ସବ କରାଇଥିଲେ। ଶ୍ରଦ୍ଧାଙ୍କ ବିବାହ ଉତ୍ସବରେ କୌଣସି ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର କରାଯାଇ ନାହିଁ। ଏହି ନିଆରା ବିବାହ ଉତ୍ସବ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ଚିରନ୍ତନୀ

''ନିର୍ମଳ ସେ ପୂତ ଜଳେ
ଅନ୍ତର ବେଦନା ତୋର ଲିପ
''ଜୀବନ ମନ୍ଦିର ଚୂଳେ
ଜଳି ଉଠୁ ଆଶା ମହାଦୀପ!     (ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୧ ଏପ୍ରିଲ ୧୯୯୪

- ଆମେରିକା ଚାପରେ 'ଅଗ୍ନି' କ୍ଷେପଣାସ୍ତ୍ର ପରୀକ୍ଷା ସ୍ଥଗିତ ରଖିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି।
- ବେଆଇନ ଘୋଷିତ ଏଲଟିଟିଇ ଉପରେ ଥିବା ନିଷେଧାଜ୍ଞାକୁ ଆଉ ଦୁଇବର୍ଷ ବୃଦ୍ଧି କରିବାକୁ ତାମିଲନାଡୁ ବିଧାନସଭାରେ ଏକ ପ୍ରସ୍ତାବ ଗୃହୀତ।

## ପାଠକ ଶ୍ରେଷ୍ଠ ବିଚାରକ

### ଦୁଇଟି ଦୁର୍ଲଭ ଦୃଷ୍ଟାନ୍ତ

ମହାଶୟ,

ଧରିତ୍ରୀରୁ ନିରଞ୍ଜନ ବାବୁଙ୍କ ପ୍ରବନ୍ଧ 'ଦୁଇଟି ଦୁର୍ଲଭ ଦୃଷ୍ଟାନ୍ତ' ପଢ଼ି ଖୁସି ଲାଗିଲା। ସତ କହିବାକୁ ଗଲେ ଭଲ ମଣିଷ ଏବେ ବି ଖୋଜା ଚାଲିଛି। ଅଟୋ ଡ୍ରାଇଭର ଶରତ ଆଉ ପ୍ରଶାସକ ରାଜନ ବାବୁ ନିଜ କର୍ମ ଦ୍ୱାରା ପ୍ରଶଂସାର ପାତ୍ର। ପ୍ରତ୍ୟେକ ମଣିଷ ମଲା ପର୍ଯ୍ୟନ୍ତ ବଞ୍ଚିଥାନ୍ତି। କେବଳ ପରୋପକାରୀ ହିଁ ମଲାପରେ ବଞ୍ଚି ରହନ୍ତି ଜନମାନସରେ, ଠିକ୍ ଧର୍ମପଦ ପରି। ବାରଶ ବଢ଼େଇଙ୍କ ପାଇଁ ପ୍ରାଣବଳି ଦେଇଥିବା ମହାନ୍ ଶିଳ୍ପୀର ପ୍ରତିମୂର୍ତ୍ତିଟିଏ ନିର୍ମାଣ ହେବାର ଶୁଣି ଉଲ୍ଲସିତ। 'ମଣିଷ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ'; 'ପରୋପକାରଃ ସ୍ୱର୍ଗାୟ ପାପାୟ ପରପୀଡ଼ନମ୍'। ପ୍ରବନ୍ଧ ପାଇଁ ପ୍ରାବନ୍ଧିକଙ୍କୁ ଅନ୍ତରର ସାଧୁବାଦ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ସୃଜନ ଇଚ୍ଛା ମନୁଷ୍ୟର ଚିତ୍ ଶକ୍ତିର ବୈଶିଷ୍ଟ୍ୟ

ଭାଷା ଆମକୁ ଅଭିବ୍ୟକ୍ତିର ଶକ୍ତି ପ୍ରଦାନ କରିଛି। ଆମ ଭାଷା ତଳେ ବହୁ ଅନୁଭବର ଗନ୍ତାଘର ରହିଛି। ଅନନୁଭୂତ ପଦାର୍ଥ କଳ୍ପନା ଦ୍ୱାରା ହିଁ ଅନୁଭବଗମ୍ୟ ହୋଇପାରେ। ଆମ ପିତୃପୁରୁଷଙ୍କ ବିଚାର ଓ ସ୍ମୃତି ସେମାନଙ୍କ ଜୀବନଧାରାର ବୈଚିତ୍ର୍ୟ ଆମ ଭାଷାକୁ ପରମ୍ପରା ସହିତ ଯୋଡ଼ି ରଖିଛି। ମନୁଷ୍ୟ ନୃତ୍ୟ, ସଙ୍ଗୀତ, ମୂର୍ତ୍ତିକଳା, କାବ୍ୟକଳା ଓ ଚିତ୍ରକଳା ମାଧ୍ୟମରେ ନିଜର କଳାତ୍ମକତା ପରିପ୍ରକାଶ କରିଥାଏ। ଏ ସମସ୍ତ ଅଭିବ୍ୟକ୍ତିର ମାଧ୍ୟମ ପ୍ରତ୍ୟେକ ଏକ ଏକ ପ୍ରକାର ଭାଷା। ନୂତନ ଭାବ ସନ୍ତୁଳନକୁ ନେଇ ଭାଷା ବିନ୍ୟାସ ମଧ୍ୟ ଆଧୁନିକ ହୋଇଯାଉଛି। ଭାଷା ଶବ୍ଦମାନଙ୍କୁ ଜୀବନ ସହିତ ସମ୍ପର୍କିତ କରେ। ମଣିଷ ନିଜର ଅଭିବ୍ୟକ୍ତିକୁ ଭାଷା ମାଧ୍ୟମରେ ପ୍ରକାଶ କରିପାରେ। ସୃଜନ ଇଚ୍ଛା ମନୁଷ୍ୟର ଚିତ୍ ଶକ୍ତିର ବୈଶିଷ୍ଟ୍ୟ। ପିଲାମାନଙ୍କ ଆମର ଭାଷା, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ କରିବାକୁ ପଡିବ। ଭାଷା ହେଉଛି ଆମର ପରିଚୟ। ପିଲାମାନଙ୍କ ମଧ୍ୟରେ ମାତୃଭାଷା ପ୍ରତି ମମତା ସୃଷ୍ଟି ହେବା ଆବଶ୍ୟକ।

ଦେବତିକ୍ତ ମିଶ୍ର, ଦେବ ଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ମିଠା ଫଳ ଓ ବିଷ ମଞ୍ଜି

ଧରିତ୍ରୀ (୧୫।୪)ରେ ପ୍ରକାଶିତ ଉପେନ୍ଦ୍ର ବିଶ୍ୱାଳଙ୍କ ଲିଖିତ 'ମିଠାଫଳ ଓ ବିଷ ମଞ୍ଜି' ଲେଖାଟି ଏକ ଉପାଦେୟ ଲେଖା। ସମୟ ଆସିଛି ଆମେ ପ୍ରତ୍ୟେକ ନାଗରିକ ଭୋଟ ଦେବା ପୂର୍ବରୁ ନିଜକୁ ପଚାରିବା ଦରକାର ଯେ ଆମେ ଭୋଟ ଦେଇ ଦେଶ ପ୍ରତି ବିଶ୍ୱାସଘାତକ ହେଉନାହୁଁ ତ। କାରଣ ଆମର ଗୋଟିଏ ଭୋଟ ଦ୍ୱାରା ଯେଉଁ ସରକାର ଗଢା ହେବ, ସେ ଯେମିତି ନିଃସ୍ୱାର୍ଥପର, ସଚ୍ଚୋଟ ଓ ଦେଶଭକ୍ତ ହୋଇଥିବା ଦରକାର। ଆମ ଚାରିପଟେ ଥିବା ଶତ୍ରୁ ଦେଶମାନେ ଆମ ଦେଶକୁ ଭୟ କରୁଥିବା ଦରକାର। ନଚେତ୍ ଆମର ଦୁର୍ବଳ ସରକାର ଶତ୍ରୁ ଦେଶ ପାଖରେ ବିକ୍ରି ହୋଇଯାଇଥିବ ଓ ଆମେ ସବୁ ପରାଧୀନ ହୋଇ ଗୋଲାମ ହୋଇଯାଇଥିବା। ତେଣୁ କି ହିନ୍ଦୁ କି ମୁସଲମାନ ସମସ୍ତଙ୍କୁ ମୋର ନିବେଦନ ଯେ ଆମ ଭୋଟ ଏମିତି ଦଳକୁ ଜିତାଉ ଯେପରି ସେ ଦଳ ସରକାର ଗଢିଲେ ଆଗ ଦେଶ ରକ୍ଷା ହେବ। ଆମେ ସମସ୍ତେ ଶାନ୍ତିରେ ନିଃଶ୍ୱାସ ମାରିପାରିବା। ତା' ପରେ ଯେ ଯାହାର ମନ୍ଦିରକୁ ଯାଆନ୍ତୁ କି ମସଜିଦକୁ ଯାଆନ୍ତୁ। ନଚେତ୍ ଶତ୍ରୁ ଦେଶ ଦ୍ୱାରା କବଳିତ ହେଲେ ନା ଆମେ ମନ୍ଦିରରେ ଶାନ୍ତି ପାଇବା ନା ମସଜିଦରେ ଶାନ୍ତିରେ ରହିପାରିବା।

ଅଜିତ ଚୌଧୁରୀ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବିଚାରାଧୀନ କଏଦୀ ଡାକ୍ତରଖାନାରୁ ଚମ୍ପଟ

**ମାଲକାନଗିରି,୨୦।୪ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସବ୍‌ଜେଲରୁ ଜଣେ ବିଚାରାଧୀନ କଏଦୀ ସ୍ୱାସ୍ଥ୍ୟ ଖରାପ ହେତୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ବେଳେ ଶନିବାର ଡାକ୍ତରଖାନା ନିକଟରୁ ଚମ୍ପଟ ମାରିଛନ୍ତି। ତାଙ୍କ ନାମ ରାଜୁ ବାରୋଇ (୩୫)। ଗତ ଡିସେମ୍ବର ମାସରୁ ଜଣେ ବିଚାରାଧୀନ କଏଦୀ ଭାବେ ସେ ଜେଲରେ ଥିଲେ। ଶନିବାର ସକାଳେ ତାଙ୍କ ଛାତିରେ ଯନ୍ତ୍ରଣା ହେଉଥିବା ସେ ଜେଲ କର୍ତ୍ତୃପକ୍ଷଙ୍କୁ କହିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଳୟ ଗେଟ ଭିତରେ ପ୍ରବେଶ କରିବା ସମୟରେ ସେ ଗାଡିରୁ ଡେଇଁ ଚମ୍ପଟ ମାରିଥିଲେ। ଘଟଣା ପରେ ଜେଲ ଅଧୀକ୍ଷକ ସଂଗ୍ରାମ ନାୟକଙ୍କ ସହ ପୋଲିସ କର୍ମଚାରୀମାନେ ଡାକ୍ତରଖାନା ପରିସର ଏବଂ ଆଖପାଖ ଅଞ୍ଚଳରେ ତଲାସି କରିଥିଲେ ମଧ୍ୟ ପାଇ ନ ଥିଲେ।




# ୩ ବର୍ଷର ଶିଶୁକନ୍ୟାକୁ ବଳାତ୍କାର

- ୧୪ ବର୍ଷର ନାବାଳକ ବିରୋଧରେ ଅଭିଯୋଗ
- ପୀଡିତା ଶିଶୁକନ୍ୟା ଡାକ୍ତରଖାନାରେ ଭର୍ତ୍ତି
- ବିଳମ୍ବରେ ହେଲା ଡାକ୍ତରୀ ମାଇନା
- ଚାଇଲ୍ଡ ଲାଇନ୍, ସଦର ପୋଲିସ ଟିମ୍‌ର ତଦନ୍ତ

**ବଲାଙ୍ଗୀର ଅଫିସ, ୨୦।୪**

ବଲାଙ୍ଗୀର ଜିଲାରେ ଶନିବାର ଘଟିଛି ଏକ ଚିନ୍ତା ଉଦ୍ରେକକାରୀ ଲଜ୍ଜାଜନକ ଘଟଣା। ଏକ ୩ ବର୍ଷର ଶିଶୁକନ୍ୟାକୁ ଜଣେ ୧୪ବର୍ଷର ନାବାଳକ ବଳାତ୍କାର କରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି। ପୀଡିତା ଶିଶୁକନ୍ୟାକୁ ପରିବାର ଲୋକେ ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଡାକ୍ତରଖାନାକୁ ଆଣି ଚିକିତ୍ସା କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇବା ପରେ ଚାଇଲ୍ଡ ଲାଇନ୍ ଓ ପୋଲିସ ଟିମ୍ ଡାକ୍ତରଖାନାରେ ପହଞ୍ଚି ପୀଡିତା ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଏହି ଘଟଣାକୁ ନେଇ ପୀଡିତାଙ୍କ ପରିବାର ଲୋକ ଗଭୀର ମାନସିକ ଆଘାତ ପାଇଥିବା ଅଭିଯୋଗ କରିଛନ୍ତି।

ବଲାଙ୍ଗୀର ସଦର ଥାନା ଅଞ୍ଚଳର ଜଣେ ୩ ବର୍ଷର ଶିଶୁକନ୍ୟା ଶନିବାର ଦିନ ପ୍ରାୟ ଗୋଟାଏ ବେଳେ ଘର ନିକଟରେ ନିଜ ସାଙ୍ଗମାନଙ୍କ ସହ ଖେଳୁଥିଲା। ଏହି ସମୟରେ ପଡୋଶୀ ଘରର ଜଣେ ୧୪ବର୍ଷର ନାବାଳକ ସମ୍ପୃକ୍ତ ଶିଶୁକନ୍ୟାକୁ ନିଜ ପାଇଖାନାକୁ ଟେକି ନେଇ ସେଠାରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଶିଶୁକନ୍ୟାଟି ଘରକୁ ଫେରି ତାଙ୍କ ମା'ଙ୍କୁ ତାଙ୍କ ଯୌନାଙ୍ଗରୁ ରକ୍ତ ବାହାରିବା ଦେଖାଇବା ସହ ଘଟଣା ସମ୍ପର୍କରେ କହିଥିଲେ। ଝିଅଠାରୁ ଏଭଳି କଥା ଶୁଣିବା ପରେ ତାଙ୍କ ମା' ସେହି ନାବାଳକଙ୍କ ଘରକୁ ଯାଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ନାବାଳକଙ୍କ ମା' ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ପୀଡିତାଙ୍କ ମା' ଅଭିଯୋଗ କରିଛନ୍ତି। ଏହାପରେ ସେଠାରୁ ପୀଡିତା ଶିଶୁକନ୍ୟାକୁ ଚିକିତ୍ସା ପାଇଁ ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ହସ୍‌ପିଟାଲକୁ ଆଣିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୨ଟାରୁ ଡାକ୍ତରଖାନାକୁ ପୀଡିତା ଓ ତାଙ୍କ ପରିବାର ଲୋକେ ପହଞ୍ଚିଥିଲେ ମଧ୍ୟ ସନ୍ଧ୍ୟା ୭ଟାରେ ତାଙ୍କ ଚିକିତ୍ସା ତଥା ଡାକ୍ତରୀ ମାଇନା ହୋଇଥିଲା। ପୀଡିତା ଓ ତାଙ୍କ ପରିବାର ଲୋକଙ୍କୁ ହସ୍‌ପିଟାଲର କାଜୁଆଲିଟି ଓ ଶିଶୁ ବିଭାଗକୁ ବାରମ୍ବାର ଯିବାକୁ କହି ହଇରାଣ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଜଣାପଡିବା ପରେ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ସଦସ୍ୟା ସୁନିତା ତ୍ରିପାଠୀ ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ଅପରାହ୍ଣ ପ୍ରାୟ ୫ଟାରେ ଚାଇଲ୍ଡ ଲାଇନ୍ ସଦସ୍ୟ ଓ ସଦର ପୋଲିସ ଟିମ୍ ହସପିଟାଲରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଟିମ୍ ଅଭିଯୁକ୍ତ ନାବାଳକକୁ ଗାଁରୁ ବଲାଙ୍ଗୀର ଆଣି ପଚରାଉଚରା କରୁଛି।




# ସମୁଦ୍ରରେ ସ୍ନାନବେଳେ ୨ ନିଖୋଜ

**ପୁରୀ ଅଫିସ,୨୦।୪**

ପୁରୀ ସମୁଦ୍ରରେ ସ୍ନାନ କରିବା ସମୟରେ ୨ଜଣ ଭାସି ନିଖୋଜ ହୋଇଯାଇଥିବାବେଳେ ୨ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ୭ଜଣ ପର୍ଯ୍ୟଟକ ଆହତ ହୋଇଛନ୍ତି। ନିଖୋଜ ଦ୍ୱୟ ହେଲେ ବିହାରର ସିପେଟ୍ ଇଞ୍ଜିନିୟରିଂ କଲେଜର ପ୍ଲାଷ୍ଟିକ ଇଞ୍ଜିନିୟରିଂ ବିଭାଗ ଛାତ୍ର କ୍ରିଷ୍ଣା କୁମାର (୧୮) ଏବଂ ପଶ୍ଚିମବଙ୍ଗ ନଦିଆର ପ୍ରଦୀପ ମଣ୍ଡଳ(୧୬)। ସୂଚନା ଅନୁଯାୟୀ, ବିହାରର ୩ଜଣ ଇଞ୍ଜିନିୟରିଂ ଛାତ୍ର ପୁରୀ ବୁଲିବାକୁ ଆସିଥିଲେ। ସେମାନେ ଶନିବାର ଅପରାହ୍ଣରେ ହୋଟେଲ ମହୋଦଧି ନିବାସ ନିକଟ ସମୁଦ୍ରରେ ଗାଧୋଉଥିବାବେଳେ ଭାସିଯାଇଥିଲେ। ସେଠାରେ ମୁତୟନ ଥିବା ଲାଇଫ ଗାର୍ଡମାନେ ୨ଜଣଙ୍କୁ ଉଦ୍ଧାର କରିଥିଲେ। ମାତ୍ର କ୍ରିଷ୍ଣା କୁମାରଙ୍କୁ ଉଦ୍ଧାର କରିପାରି ନ ଥିଲେ। ଉଦ୍ଧାର ଛାତ୍ରଦ୍ୱୟଙ୍କ ପରିଚୟ ମିଳିପାରିନାହିଁ। ସେହିପରି ସମୁଦ୍ର ସ୍ନାନବେଳେ ଲହଡ଼ି ମାଡରେ ୭ଜଣ ପର୍ଯ୍ୟଟକ ଆହତ ହୋଇଛନ୍ତି। ସମସ୍ତଙ୍କ ଗୋଡ଼ ଓ ହାତରେ ଶକ୍ତ ଆଘାତ ଲାଗିଛି। ସେମାନେ ହେଲେ ଯାଜପୁରର ଯଦୁମଣି ବିଶ୍ୱାଳ(୩୫), ରାଜସ୍ଥାନର ସାରିକା ବିଜୟ(୩୪), ସୁନ୍ଦରଗଡ଼ର ସୁପ୍ରିୟା(୩୨), କୋଲକାତାର ଗଙ୍ଗାଧର ଘୋଷ(୫୨), ବାଦଲ ଦାଶ, ବର୍ଷାଣୀ କର(୪୧) ଏବଂ ଛତିଶଗଡର ବିଦ୍ୟାଦେବୀ ସୋନୀ(୭୦)। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ରାତିରେ ବଳିଆପଣ୍ଡାରେ ସମୁଦ୍ରେ ସ୍ନାନବେଳେ ପ୍ରଦୀପ ମଣ୍ଡଳ ଭାସିଯାଇଥିବା ନେଇ ପରିବାର ଲୋକେ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଅନୁସନ୍ଧାନ ଜାରି ରଖିଛି।

## କାଳବୈଶାଖୀ: ଘର ଉପରେ ଗଛ ପଡ଼ିଲା
# ମା' ଝିଅ ମୃତ, ବାପା ଗୁରୁତର


କାଳବୈଶାଖୀରେ ଗଛ ପଡିବାରୁ କାନ୍ଥ ଭୁଶୁଡି ପଡିଛି।

**ନୂଆପଡ଼ା ଅଫିସ,୨୦।୪**

ନୂଆପଡ଼ା ଜିଲା ଜୋଙ୍କ ଥାନା ଅନ୍ତର୍ଗତ ଭଏଁଷାଟାଲ ଗ୍ରାମପଞ୍ଚାୟତ ଭଣ୍ଡାରପୁରୀ ଗାଁ ମଝିରେ ଥିବା ଏକ ବୃହଦାକାୟ ପିପଲ ଗଛ କାଳ ବୈଶାଖୀ ପ୍ରଭାବରେ ଭାଙ୍ଗି ପଡି ଘର ଉପରେ ପଡିବାରୁ ମା'ଝିଅଙ୍କ ମୃତ୍ୟୁ ଘଟିଛି। ବାପା ପୁନିତରାମ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ଗଣେଶୀବାଇ ତାଣ୍ଡି(୪୫) ଓ ଝିଅ ତୁଲସୀ ତାଣ୍ଡି(୧୫)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ କାଳ ବୈଶାଖୀ ଯୋଗୁ ପ୍ରବଳ ଝଡତୋଫାନ ହୋଇଥିଲା। ଭଣ୍ଡାରପୁରୀ ଗାଁ ମଝିରେ ଥିବା ପିପଲ ଗଛ ହଠାତ୍ ଉପୁଡ଼ି ପଡି ପୁନିତରାମଙ୍କ ଦୁଇଟି ଇନ୍ଦିରାଆବାସ ଘର ଉପରେ ପଡିଥିଲା। ଫଳରେ ଘର ଦୁଇଟି ଭାଙ୍ଗି ପଡିଥିଲା। ଗୋଟିଏ ଘରେ ଶୋଇଥିବା ପୁନିତଙ୍କ ସ୍ତ୍ରୀ ଗଣେଶୀ ବାଇ ଏବଂ ତାଙ୍କ ଝିଅ ତୁଲସୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଏକ ଘରେ ଶୋଇଥିବା ପୁନିତ ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ଜୋଙ୍କ ପୋଲିସ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଦୁଇଟିକୁ ଉଦ୍ଧାର କରି ନୂଆପଡାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଆହତ ପୁନିତଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଏହାକୁ ନେଇ ଏକ ଅପମୃତ୍ୟୁ(୧୦/୧୯) ମାମଲା ରୁଜୁ କରିଛି। ପୋଲିସ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ପୁନିତ ଏବଂ ତାଙ୍କ ପୁଅ ମତିରାମ କାର୍ଯ୍ୟାଦେଶ ପାଇ ଦୁଇଟି ଇନ୍ଦିରାଆବାସ ନିର୍ମାଣ କରିଥିଲେ। ହେଲେ କିଛି ଦିନ ହେଲା ମତିରାମ ନିଜ ଶ୍ୱଶୁର ଘର ପରକୋଡରେ ରହୁଥିଲେ। ଗତ ୪ ମାସ ହେବ ପୁନିତରାମ ନିଜ ପରିବାର ସହ ଏହି ଦୁଇ ଇନ୍ଦିରାଆବାସରେ ରହୁଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।






ପ୍ରଥମ ପୃଷ୍ଠାରୁ...

## ପିନାକୀ, ବବି...

ଓଡିଶା ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଉଭୟ ସଂସ୍ଥା ପକ୍ଷରୁ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ, ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୧୧୯ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ୧୦୧ ଜଣଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ବିଚାରାଧୀନ ଅଛି। ପ୍ରମୁଖ ରାଜନୈତିକ ଦଳ ଭାଜପାରେ ସର୍ବାଧିକ ୩୦ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୨୫ ଜଣଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଛି। ସେହିପରି ବିଜେଡିର ୨୦ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ୧୩ ଜଣଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା, କଂଗ୍ରେସର ୧୯ ଜଣଙ୍କ ମଧ୍ୟରୁ ୧୮ ଜଣଙ୍କ ନାମରେ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ୫ ପ୍ରାର୍ଥୀଙ୍କ ମଧ୍ୟରୁ ୫ ଜଣଙ୍କ ନାମରେ ରହିଛି ସଙ୍ଗିନ ଆପରାଧିକ ମାମଲା ରହିଛି। ଅର୍ଥାତ୍ ଚଳିତ ନିର୍ବାଚନରେ ଭାଜପାର ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରୁ ୭୧% ପ୍ରାର୍ଥୀଙ୍କ ନାମରେ ଆପରାଧିକ ରେକର୍ଡ ରହିଥିବାବେଳେ ୬୦ ପ୍ରତିଶତଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ସେହିପରି ବିଜେଡିର ୪୮ ପ୍ରତିଶତ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ୩୧ ପ୍ରତିଶତଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରୁ ୪୬%ଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ୪୪%ଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଛି।

ସେହିପରି ୬ଟି ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୬୧ ପ୍ରାର୍ଥୀଙ୍କ ମଧ୍ୟରୁ ୧୫ ଜଣ ସତ୍ୟପାଠରେ ଫୌଜଦାରି ମାମଲା ଥିବା ଘୋଷଣା କରିଥିବାବେଳେ ୧୦ ଜଣ ସେମାନଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ରହିଥିବା ଦର୍ଶାଇଛନ୍ତି। ଏପରି କି ନିର୍ବାଚନ ଲଢୁଥିବା ନେତାମାନେ ଧନ ସମ୍ପତ୍ତି ଆୟ କରିବାରେ ମଧ୍ୟ ପଛରେ ନାହାନ୍ତି। ବିଧାନସଭା ଆସନରେ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୦୩ ଜଣ କୋଟିପତି। ସତ୍ୟାପଠ ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୩୨ ଜଣ ପ୍ରାର୍ଥୀଙ୍କର ସମ୍ପତ୍ତିର ମୂଲ୍ୟ ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ୩୪ ଜଣ ୨ରୁ ୫ କୋଟି, ୮୧ ଜଣ ୫୦ ଲକ୍ଷରୁ ୨ କୋଟି, ୮୩ ଜଣ ୧୦ ଲକ୍ଷରୁ ୫୦ ଲକ୍ଷ ଏବଂ ୧୨୪ ଜଣ ୧୦ ଲକ୍ଷରୁ କମ୍ ଟଙ୍କାର ମାଲିକ। ଘସିପୁରାରୁ କଂଗ୍ରେସ ଟିକେଟରେ ଲଢୁଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମ୍ପତ୍ତିର ମୂଲ୍ୟ ୬୦ କୋଟି ୩୪ ଲକ୍ଷ, ୭୭ ହଜାର ଟଙ୍କା ହୋଇଥିବାବେଳେ ଚମ୍ପୁଆରୁ ସ୍ୱାଧୀନ ଭାବେ ନିର୍ବାଚନକୁ ଓହ୍ଲାଇଥିବା ଶ୍ରୀମନ୍ତ ତ୍ରିପାଠୀଙ୍କ ସମ୍ପତ୍ତିର ମୂଲ୍ୟ ୪୬ କୋଟି ୩୮ ଲକ୍ଷ ୬୨ ହଜାର ୩୧୫ ଟଙ୍କା। ଦଳୀୟ ପ୍ରାର୍ଥୀମାନଙ୍କୁ ଦେଖିଲେ ବିଜେଡିରେ ସର୍ବାଧିକ ୭୨% ପ୍ରାର୍ଥୀ କୋଟିପତି ହୋଇଥିବାବେଳେ ଭାଜପାରେ ୫୭ ଓ କଂଗ୍ରେସରେ ୫୬ ପ୍ରତିଶତ ପ୍ରାର୍ଥୀ କୋଟିପତି ତାଲିକାରେ ରହିଛନ୍ତି।

ବିଧାନସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ନିଜର ଶିକ୍ଷାଗତ ଯୋଗ୍ୟତା ଦର୍ଶାଇ ନ ଥିବା ବେଳେ ଜଣେ ଖାଲି ନାଁ ଦସ୍ତଖତ ଶିଖିଛନ୍ତି। ୧୩୭ ଜଣ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ଯାଏ ପାଠ ପଢିଥିବାବେଳେ ୨୦୨ ଜଣ ଗ୍ରାଜୁଏଟ ଓ ତା'ଠାରୁ ଅଧିକ ପାଠ ପଢିଛନ୍ତି। ସେହିପରି ପ୍ରାର୍ଥୀମାନଙ୍କର ବୟସକୁ ଯଦି ଦେଖାଯାଏ ତେବେ ୪୧ ଜଣଙ୍କର ବୟସ ୬୧ରୁ ୮୦, ୧୮୯ଜଣଙ୍କର ୪୧ରୁ ୬୦ ଏବଂ ୧୨୪ ଜଣଙ୍କର ୨୫ରୁ ୪୦ ବର୍ଷ ଦର୍ଶାଇଛନ୍ତି। ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୩୮ ଜଣ ମହିଳା ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଛନ୍ତି।

ସେହିପରି ଲୋକ ସଭା ଆସନ ପାଇଁ ନିର୍ବାଚନ ଲଢୁଥିବା ୬୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୬ଜଣଙ୍କ ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଅଧିକ। ପୁରୀ ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବା ବିଜେଡି ପ୍ରାର୍ଥୀ ପିନାକୀ ମିଶ୍ରଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ୧୧୭,୪୭, ୦୧,୩୩୪ ଟଙ୍କା ହୋଇଥିବା ବେଳେ ସମ୍ବଲପୁର ଲୋକ ସଭା ଆସନରୁ ଲଢୁଥିବା ଭାଜପା ପ୍ରାର୍ଥୀ ନୀତୀଶ ଗଙ୍ଗଦେବଙ୍କ ସମ୍ପତ୍ତିର ମୂଲ୍ୟ ୨୬,୯୫,୪୩,୫୮୭ ଟଙ୍କା ଏବଂ ଢେଙ୍କାନାଳ ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବା କଂଗ୍ରେସ ପ୍ରାର୍ଥୀ ରାଜା କାମାକ୍ଷା ପ୍ରସାଦ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୧୫,୪୧,୦୦, ୨୪୦ ଟଙ୍କା।

## ବେଦ ପ୍ରକାଶ...

କହିଛନ୍ତି ଯେ, ବେଦ ପ୍ରକାଶଙ୍କ ପରି ମାର୍ଗଦର୍ଶକଙ୍କୁ ହରାଇବା ତାଙ୍କ ପାଇଁ ଅପୂରଣୀୟ କ୍ଷତି। ବେଦପ୍ରକାଶ କେବଳ ତାଙ୍କର ନୁହନ୍ତି, ବିଜୁ ପଟ୍ଟନାୟକଙ୍କର ମଧ୍ୟ ଘନିଷ୍ଠ ରହିଥିଲେ। ସେ ଦୀର୍ଘଦିନ ଧରି ଜନସେବା କରି ଆସୁଥିଲେ, ତାଙ୍କ ବିୟୋଗ ଦଳ ଏବଂ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି ଯେ, ବରିଷ୍ଠ ରାଜନେତା ବେଦପ୍ରକାଶଙ୍କ ମୃତ୍ୟୁ ଖବର ଶୁଣି ସେ ମର୍ମାହତ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ଜଣେ ପ୍ରକୃତ ଲୋକ ପ୍ରତିନିଧିଙ୍କ ବିୟୋଗରେ ସେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଦିଲୀପ ରାୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ମନ୍ତ୍ରୀ ଶଶିଭୂଷଣ ବେହେରା,ପ୍ରତାପ ଜେନା, ପ୍ରଫୁଲ୍ଲ ମଲିକ, ଅଶୋକ ପଣ୍ଡା, ପ୍ରଫୁଲ୍ଲ ସାମଲ, ବିକ୍ରମ ଆରୁଖ, ବଦ୍ରି ପାତ୍ର, ରମେଶ ମାଝୀ, ପୂର୍ବତନ ଏମ୍‌ପି ଦିଲୀପ ତିର୍କୀ , ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାୟକ, ସମ୍ପାଦକ ପ୍ରମୋଦ ସାହୁ, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ ଏବଂ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର ପ୍ରମୁଖ ବେଦପ୍ରକାଶଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି। ବେଦପ୍ରକାଶ ୧୯୩୭ ଜାନୁୟାରୀ ୧୬ରେ ଜନ୍ମଗ୍ରହଣ କରିଥିଲେ। ସ୍କୁଲ ଶିକ୍ଷା ପରେ ସେ ରେଭେନ୍ସା କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। କାଉନସିଲର ଭାବେ ସେ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୭୪ରେ ପ୍ରଥମ ଥର ପାଇଁ ବେଦପ୍ରକାଶ ଉତ୍କଳ କଂଗ୍ରେସ ଟିକେଟ୍‌ରେ କେନ୍ଦ୍ରାପଡା ବିଧାନସଭା ଆସନରୁ ନିର୍ବାଚନ ଲଢି ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯୭୭ ଓ ୧୯୯୦ରେ ଜନତା ପାର୍ଟି ଏବଂ ୨୦୦୦ରେ ଭାଜପା ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୦୯ ଏବଂ ୨୦୧୪ରେ ବିଜେଡି ପକ୍ଷରୁ ପାଟକୁରାରୁ ବିଜୟୀ ହୋଇଥିଲେ। ବିଭିନ୍ନ ସମୟରେ ସେ ଅର୍ଥ, ଖାଦ୍ୟ ଯୋଗାଣ, ବାଣିଜ୍ୟ, ପର୍ଯ୍ୟଟନ ଏବଂ ଗ୍ରାମ ଉନ୍ନୟନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏତଦ୍ ବ୍ୟତୀତ ସେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି।

## ବ୍ୟବସାୟୀଙ୍କୁ...

ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ସୋର ଥାନାରେ ମାମଲା (ନଂ. ୭୨/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଆକ୍ରମଣକାରୀ ଫେରାର ଥିବା ଥାନାଧିକାରୀ କ୍ଷମାସାଗର ପଣ୍ଡା ପ୍ରକାଶ କରିଛନ୍ତି।

ପ୍ରଶାନ୍ତ ବାରିକ ଜଣେ ବରଫ କଳ ବ୍ୟବସାୟୀ। ଉକ୍ତ ଗ୍ରାମର କହ୍ନେଇ ମାଝି (୩୪) ମାଛ ବ୍ୟବସାୟୀ କରନ୍ତି। ବରଫ ନେଣଦେଣକୁ ନେଇ ୬ମାସ ପୂର୍ବରୁ ଉଭୟଙ୍କ ମଧ୍ୟରେ ମାରପିଟ୍ ଏବଂ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ଉଭୟେ ଆଗୁଆ ଜାମିନ ପାଇଥିଲେ। ଶୁକ୍ରବାର ରାତି ୧୦ଟା ବେଳେ ପ୍ରଶାନ୍ତ ଉକ୍ତ ଗ୍ରାମରେ ହୋଇଥିବା ବିଜେଡିର ନିର୍ବାଚନୀ ଅଫିସ୍‌ରୁ ବ୍ୟାନର ଏବଂ ପୋଷ୍ଟର ଆଣିବାକୁ ଯାଇ ଫେରୁଥିବାବେଳେ ହଠାତ୍ କହ୍ନେଇ ଭୁଜାଲିରେ ତାଙ୍କ ଉପରକୁ ଆକ୍ରମଣ କରିଥିଲେ। ଅତର୍କିତ ଆକ୍ରମଣରେ ପ୍ରଶାନ୍ତଙ୍କ ମୁଣ୍ଡ ଓ ପେଟରେ ଗଭୀର କ୍ଷତ ହୋଇ ରକ୍ତରେ ଜୁଡୁବୁଡୁ ଡାକି ଚିତ୍କାର କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ସୋର ଓ ପରେ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ପ୍ରଶାନ୍ତଙ୍କ ପରିବାର ପକ୍ଷରୁ ସୋର ଥାନାରେ ଶନିବାର ପୂର୍ବାହ୍ନରେ ଏତଲା ଦିଆଯାଇଛି। କହ୍ନେଇ ଫେରାର୍ ଥିବ ।ବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ଅଭିନନ୍ଦନଙ୍କୁ...

ଅଭିନନ୍ଦନ ଏହାକୁ ଖସାଇ ଦେଇଥିଲେ। ଏହା ପରେ ତାଙ୍କ ବିମାନ ପାକିସ୍ତାନ ସୀମା ମଧ୍ୟରେ ଖସିପଡିବାରୁ ସେଠାରେ ତାଙ୍କୁ ଗିରଫ କରାଯାଇଥିଲା। ଅନ୍ତର୍ଜାତୀୟ ଚାପ ଯୋଗୁ ଦିନକ ପରେ ପାକ୍ ସରକାର ଅଭିନନ୍ଦନଙ୍କୁ ଭାରତ ହାତରେ ଅର୍ପଣ କରିଥିଲା। ୨୬ ତାରିଖରେ ପାକିସ୍ତାନର ବାଲାକୋଟରେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଶିବିର ଉପରେ ବାୟୁସେନା ବୋମାମାଡ କରିଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ପାକିସ୍ତାନୀ ବାୟୁସେନା ଏଫ୍-୧୬ ଯୁଦ୍ଧବିମାନରେ ଭାରତୀୟ ସେନାଘାଟିକୁ ଟାର୍ଗେଟ କରିବାକୁ ଉଦ୍ୟମ କରିଥିଲା। ତେବେ ଅଭିନନ୍ଦନଙ୍କ ବୀରତ୍ୱପୂର୍ଣ୍ଣ ପଦକ୍ଷେପ ଯୋଗୁ ପାକ୍ ଯୁଦ୍ଧବିମାନ ପଛଘୁଞ୍ଚା ଦେଇଥିଲା।

## ଫିଲ୍ମରେ ପରିବର୍ତ୍ତନ ଆଣିବ ଦର୍ଶକଙ୍କ ଚାହିଦା:ୟାମୀ



ମୁମ୍ବାଇ

ଦର୍ଶକ ଚାହିଦାକୁ ଚାହିଁ ଫିଲ୍ମରେ ପରିବର୍ତ୍ତନ ଅଣାଯିବା ଆବଶ୍ୟକ ବୋଲି ଅଭିନେତ୍ରୀ ୟାମୀ ଗୌତମ ପ୍ରକାଶ କରିଛନ୍ତି। ୭ବର୍ଷ ତଳେ ଶୁଜିତ ସର୍କାରଙ୍କ 'ଭିକି ଡୋନର' ଫିଲ୍ମରେ ଅଭିନୟ କରି ବଲିଉଡରେ ପାଦ ଦେଇଥିଲେ ୟାମୀ। ଏଥିରେ ଆୟୁଷ୍ମାନ ଖୁରାନା ମଧ୍ୟ ପ୍ରଥମକରି ପ୍ରବେଶ କରିଥିଲେ। ୟାମୀଙ୍କ ଅଭିନୀତ ଶେଷ ଫିଲ୍ମ ହେଉଛି 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍'। ଉକ୍ତ ଫିଲ୍ମ ସିନେମା ଶିଳ୍ପ ଓ ତାଙ୍କ ପାଇଁ ଏକ ଗେମ୍‌ଚେଞ୍ଜର ଭଳି ହୋଇଛି। ଏ ସମ୍ପର୍କରେ ୟାମୀ କହନ୍ତି, ଏ ପର୍ଯ୍ୟନ୍ତ ଅନେକ ଦୂରତା ଅତିକ୍ରମ କରି ଆସିଲେଣି। ତଥାପି ଅନେକ ଅନୁସନ୍ଧିତ୍ସାର ପଥ ବାକି ରହିଛି। ଅଭିନୟ ଜୀବନର ପ୍ରଥମ ୭ବର୍ଷ ହେଉଛି ପ୍ରାରମ୍ଭିକ ପର୍ଯ୍ୟାୟ। ଆହୁରି ଅନେକ କାର୍ଯ୍ୟ ବାକି ରହିଛି। ଲେଖକ, ନିର୍ଦ୍ଦେଶକ ଏବଂ ଅଭିନେତାଙ୍କ ପାଇଁ ବର୍ତ୍ତମାନ ସମୟ ଭଲ ଚାଲିଛି। ଦର୍ଶକଙ୍କ ସଚେତନତା ଫିଲ୍ମ ଶିଳ୍ପରେ ଅନେକ ପରିବର୍ତ୍ତନ ଆଣିବ ଏବଂ ସେମାନଙ୍କ ଚାହିଦାକୁ ଚାହିଁ ସିନେମାରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି ୟାମୀ ପ୍ରକାଶ କରିଛନ୍ତି। ହିମାଚଳ ପ୍ରଦେଶରେ ଜନ୍ମିତ ଏହି ଅଭିନେତ୍ରୀ ଚଣ୍ଡିଗଡରେ ପଢ଼ିଛନ୍ତି ଏବଂ ବଢ଼ିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଇ ଘରେ ହେଲା ଝିଅ**
**ଗଇଶ ଗଛକୁ ପାଳ ଦଉଡ଼ା**
**ଧୋବା ଚିରି ଚିରି କରି ଠିଆ ।**

ଆଗରୁ ଝିଅକୁ ଯେଉଁଠି ଦିଆ ହୋଇଥିଲା ଯଦି ତା' ବାହାଘର ସେଇଠି ହୁଏ ତା'ହେଲେ ତା'ପାଇଁ ଆଉ କୌଣସି ବରାଦର ଆବଶ୍ୟକ ପଡ଼ି ନ ଥାଏ। ବହ୍ୱାରମ୍ଭେ ଲଘୁକ୍ରିୟା। ସାମାନ୍ୟ ଗଇଶ ଗଛ ପାଇଁ ପାଳ ଦଉଡ଼ି ଖୋଜିବା ଭଳି ଅନାବଶ୍ୟକ ଚେଷ୍ଟା କରି ଲାଭ କିଛି ମିଳି ନ ଥାଏ, ବରଂ ଏସବୁ ବୃଥା ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଦାନ୍ତୁରୀ ନାନୀ**
**ହସିବା କାନ୍ଦିବା ନୁହେଁ ବଖାଣି ।**

ହସିଲା ବେଳେ ହେଉ ଅବା କାନ୍ଦିଲା ବେଳେ ହେଉ ଦାନ୍ତୁରୀର ଦାନ୍ତ ସବୁବେଳେ ବାହାରକୁ ବାହାରିଥାଏ। ସେ ହସୁଛି କି କାନ୍ଦୁଛି ତାହା ହଠାତ୍ ଜଣା ପଡ଼ି ନ ଥାଏ ବା ସ୍ପଷ୍ଟରୂପେ ବାରି ହୋଇ ନ ଥାଏ। ପରୋକ୍ଷରେ ମୁହଁରୁ ମନର ଭାବ ଜାଣିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

## ବଡ଼ଗୁମୁଳାରେ ରାଜନୈତିକ ହିଂସା
## ବୋମାମାଡରେ ଜଣେ ମୃତ

ବ୍ରହ୍ମପୁର ଅଫିସ, ୨୦।୪(ଡି.ଏନ.ଏ.)- କିଛିଦିନର ନୀରବତା ପରେ ବ୍ରହ୍ମପୁର ପୋଲିସ ଜିଲାରେ ଅପରାଧୀ ପୁଣି ଥରେ ମୁଣ୍ଡ ଟେକିଛନ୍ତି । ଗୋପାଳପୁର ଥାନା ଅନ୍ତର୍ଗତ ବଡକୁଶସ୍ଥଳୀ ପଞ୍ଚାୟତ ଅଧୀନ ବଡଗୁମୁଳାରେ ଶନିବାର ରାତିରେ ଅପରାଧୀ ଗୋଷ୍ଠୀ ବୋମାମାଡ଼ କରିଛନ୍ତି । ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ଉକ୍ତ ଗ୍ରାମର ସୁଶାନ୍ତ ସାହୁ (୩୧) ବୋଲି ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି । ପୋଲିସ ମୃତଦେହ ଜବତ କରି ଏକ ହତ୍ୟା ମାମଲା ରୁଜୁ କରିଥିବା ଗୋପାଳପୁର ଥାନା ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ସୁଶାନ୍ତ ରାତି ପ୍ରାୟ ସାଢେ ୮ଟା ବେଳେ ତାଙ୍କ ଘର ନିକଟରେ ଜଣେ ଯୁବକଙ୍କ ବାରଣ୍ଡାରେ ବସି ମୋବାଇଲ ଫୋନରେ ଗେମ୍ ଖେଳୁଥିବା ବେଳେ ଦୁଇଟି ବାଇକ୍‌ରେ ୬ ଜଣ ଯୁବକ ସେଠାରେ ପହଞ୍ଚିଥିଲେ । ସୁଶାନ୍ତଙ୍କୁ ଲକ୍ଷ୍ୟକରି ଲଗାତର ବୋମାମାଡ କରିଥିଲେ। ଫଳରେ ତାଙ୍କ ଅନ୍ତବୁଜୁଳା ବାହାରିବା ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ତାଙ୍କ ନିକଟରେ ଥିବା ଅନ୍ୟ ଜଣେ ଯୁବକ ଆହତ ହୋଇଥିବା ସୂଚନା ମିଳିଛି । ଏହା ଏକ ରାଜନୈତିକ ହିଂସାକାଣ୍ଡ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି । ସୁଶାନ୍ତ ଜଣେ ପେସାଦାର ଅପରାଧୀ ହୋଇଥିବା ପୋଲିସ କହିଛି । ନିକଟରେ ସୁଶାନ୍ତ ଶାସକ ଦଳର ଜଣେ ସମର୍ଥକ ଥିଲେ ବୋଲି ମଧ୍ୟ ସୂଚନା ମିଳିଛି । ଏହା ଏକ ହାଇପ୍ରୋଫାଇଲ ମର୍ଡର ହୋଇଥିବା ଜଣାପଡିଛି । ପୋଲିସ ଘଟଣାସ୍ଥଳରେ ତନାଘନା ଜାରି ରଖିଛି।

**ବିପଦରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା**

## ନୀଳଚକ୍ର ପର୍ଯ୍ୟନ୍ତ ଚଢ଼ିଗଲେ ନାବାଳକ

- ଖୋଲି ଆଣିଲେ ବାନା, ବାନ୍ଧିଲେ ଗାମୁଛା
- କ୍ଷୋଭ ପ୍ରକାଶ କଲେ ଚୂନରା ସେବକ
- ମାଜଣା ହେଲା ନୀଳଚକ୍ର

ପୁରୀ ଅଫିସ,୨୦।୪

ଜେଟିପି, ଓଡ଼ିଶା ପୋଲିସଙ୍କ କଡ଼ା ପ୍ରହରା ସାଙ୍ଗକୁ ଶ୍ରୀମନ୍ଦିର ପରିସରରେ ପଇଁତରା ମାରୁଛନ୍ତି ସ୍କ୍ୱାଡ୍। ରାତିଦିନ ଡ୍ୟୁଟିରେ ରହୁଛନ୍ତି ଅନେକ କର୍ମଚାରୀ ଏବଂ ଅଧିକାରୀ। ସବୁବେଳେ ଭକ୍ତ ହାଉଯାଉ। ହେଲେ ବଡ଼ଦେଉଳର ସୁରକ୍ଷା ପ୍ରତି ଯେ ସମସ୍ତେ ବେପରୁଆ ଆଉ ଉଦାସୀନ ତାହା ପ୍ରମାଣିତ ହୋଇଛି। ଶନିବାର ଜଣେ ନାବାଳକ ନୀଳଚକ୍ର ପର୍ଯ୍ୟନ୍ତ ପହଞ୍ଚିବା ଘଟଣା ସୁରକ୍ଷା ବ୍ୟବସ୍ଥା ପ୍ରତି ପୁଣି ପ୍ରଶ୍ନବାଚୀ ଛିଡ଼ା କରିଛି। ଭବିଷ୍ୟତରେ କୌଣସି ମନ୍ଦ ଉଦ୍ଦେଶ୍ୟ ରଖି ଅନ୍ୟ କେହି ବି ଚଢିଯାଇପାରିବେ ସେହି ଆଶଙ୍କା ଏବେ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ନୀଳଚକ୍ରରେ ବାନା ବାନ୍ଧୁଥିବା ଚୂନରା ସେବକ କ୍ଷୋଭ ପ୍ରକାଶ କରିବା ସହ ନୀଳଚକ୍ର ମାଜଣା କରିଛନ୍ତି।

ସକାଳୁ ଶ୍ରୀମନ୍ଦିରରେ ଲାଗିଥିଲା ଗହଳି। ମହାପ୍ରଭୁଙ୍କ ଦର୍ଶନରେ ବ୍ୟସ୍ତ ଥିଲେ ଭକ୍ତ। ଏହି ସମୟରେ ମନ୍ଦିର ମରାମତି ପାଇଁ ବନ୍ଧା ଯାଇଥିବା ଲୁହାଭାରାରେ ଶ୍ରୀମନ୍ଦିର ଉପରକୁ ଜଣେ ନାବାଳକ ଚଢିଯାଇଥିଲେ। ଚୂଡ଼ାରେ ପହଞ୍ଚି ନୀଳଚକ୍ରରେ ବନ୍ଧାଯାଇଥିବା ଏକ ହଳଦିଆ ବାନା ଖୋଲି ଆଣିଥିଲେ। ତାଙ୍କ ପାଖରେ ଥିବା ଏକ ପୁରୁଣା ଗାମୁଛା ଉପରେ ବାନ୍ଧି ଓହ୍ଲାଉଥିବାବେଳେ ଜଣେ ସେବକ ତାଙ୍କୁ ଦେଖିଥିଲେ। ସଙ୍ଗେସଙ୍ଗେ ଜେଟିପି, ପୋଲିସ ଏବଂ ଚୂନରା ସେବକଙ୍କୁ ଖବର ଦିଆଯାଇଥିଲା। ସମସ୍ତେ ପହଞ୍ଚି ସତର୍କତାର ସହ ତାଙ୍କୁ ତଳକୁ ଆଣିଥିଲେ। ଏହାପରେ ପୋଲିସ ତାଙ୍କୁ ସିଂହଦ୍ୱାର ଥାନାକୁ ନେଇ ପଚରାଉଚରା କରିଥିଲା। ମାତ୍ର ଠିକ୍ ଭାବେ କୌଣସି ତଥ୍ୟ ସଂଗ୍ରହ କରାଯାଇପାରିନାହିଁ। ତାଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଆବଶ୍ୟକ ଚିକିତ୍ସା ପରେ ତାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ତାଙ୍କ ଘର ଭଦ୍ରକ ଜିଲାରେ ହୋଇଥିବାବେଳେ ବୟସ ସ୍ପଷ୍ଟ ଜଣାପଡ଼ିନାହିଁ। ସେ ନାବାଳକ ହୋଇଥିବା ଅନୁମାନ କରାଯାଉଛି ବୋଲି ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି। ସେ କାହିଁକି ଶ୍ରୀମନ୍ଦିର ଉପରକୁ ଚଢିଥିଲେ ସେନେଇ ଅଧିକ ଖୋଳତାଡ଼ ଜାରି ରହିଥିବା ଆଇଆଇସି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ନାବାଳକ କହିଛନ୍ତି, ସେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିଲେ। ଘରୁ ୫ହଜାର ଟଙ୍କା ଆଣିଥିଲେ। ବେଢାରେ ବୁଲୁଥିବାବେଳେ ମାଙ୍କଡ଼ ତାଙ୍କ ଟଙ୍କା ନେଇ ଉପରକୁ ଚଢି ଯାଇଥିଲା। ତେଣୁ ଟଙ୍କା ପାଇଁ ସେ ମନ୍ଦିର ଉପରକୁ ଚଢିଥିଲେ। କିନ୍ତୁ ତାଙ୍କ କଥାରେ କୌଣସି ସତ୍ୟତା ଥିବା ମନେହେଉନାହିଁ ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଚୂନରା ନିଯୋଗ ସଦସ୍ୟ ସାରଦା ପ୍ରସାଦ ମହାନ୍ତି। ସେ କହିଛନ୍ତି, ଏହା ନିଶ୍ଚିତ ଏକ ଦୁର୍ଭାଗ୍ୟଜନକ ଘଟଣା। ଏହାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ଅଧିକ ସଜାଗ ହେବା ଦରକାର। ଭବିଷ୍ୟତରେ ଆଉ କେହି ଚଢି କୌଣସି ବଡ଼ ଧରଣର କ୍ଷତି ଘଟାଇପାରନ୍ତି। ତେଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଦରକାର। ଏଭଳି ଅଭାବନୀୟ ଘଟଣା ପାଇଁ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ବ୍ୟତିକ୍ରମ ହୋଇନାହିଁ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।



ଶ୍ରୀମନ୍ଦିର ଉପରେ ନାବାଳକ ବାନ୍ଧିଥିବା ଗାମୁଛା।

CLASSIFIED DISPLAY
TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ

**ଭଣ୍ଡାରିପୋଖରୀ, ୨୦।୪ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ଅଧୀନ କହରାପୋଖରୀ ଶାସନ ଗ୍ରାମର କାଳନ୍ଦୀ ପଲେଇ(୫୫)ଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଛି। ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ପୁଅ କୈଳାସ ସନ୍ଦେହ କରି ଅଭିଯୋଗ କରିଛନ୍ତି। କୈଳାସଙ୍କ କହିବା ଅନୁଯାୟୀ, କାଳନ୍ଦୀ ଶୁକ୍ରବାର ରାତିରେ ଖାଇସାରି ଶୋଇଥିଲେ। ବିଳମ୍ବିତ ରାତିରେ ବାହାରକୁ ଉଠି ପୁଣି ଘରେ ଶୋଇପଡ଼ିଥିଲେ। ଶନିବାର ସକାଳୁ ନ ଉଠିବାରୁ ପରିବାର ଲୋକ ତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ରିପୋର୍ଟ ଅନୁଯାୟୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୧/୧୯) ରୁଜୁ କରାଯାଇଛି।

### ରାଇରଙ୍ଗପୁରରେ ମୃଦୁ ଭୂମିକମ୍ପ

**ବାରିପଦା ଅଫିସ,୨୦।୪:** ମୟୂରଭଞ୍ଜ ଜିଲା ରାଇରଙ୍ଗପୁରଠାରେ ଶନିବାର ସକାଳେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ସକାଳ ୬ଟା୨୦ ମିନିଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ତେବେ ଏହାର ତୀବ୍ରତା ସାମାନ୍ୟ ଅଧିକ ଥିବାରୁ ଘରର କବାଟ ସହ ବିଭିନ୍ନ ଆସବାବପତ୍ର ଦୋହଲି ଥିଲା। ଫଳରେ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ। ତେବେ ଏହି ଭୂମିକମ୍ପରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି।

### ଭାଜପାର ବିଜୟ ସଂକଳ୍ପ ସମାବେଶ

**ଧାମନଗର, ୨୦।୪ (ଡି.ଏନ.ଏ) :** ଭଦ୍ରକ ଜିଲା ଧାମନଗର ବ୍ଲକ ଭାଜପା ପକ୍ଷରୁ ଗୋବିନ୍ଦପୁର ବଜାରରେ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଧାମନଗର ଗ୍ରାମୀଣ ମଣ୍ଡଳ ସଭାପତି ଆଇନଜୀବୀ ଦୀପ୍ତିରଞ୍ଜନ ଜେନା ଅଧକ୍ଷତା କରିଥିଲେ। ଧାମନଗର ବିଧାନସଭା ଆସନ ପ୍ରାର୍ଥୀ ତଥା ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ ଯୋଗଦେଇ ୨୦ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ସରକାର ଗଣତନ୍ତ୍ରକୁ ହତ୍ୟା କରିବା ସହ ଅରାଜକତା ଏବଂ ଭ୍ରଷ୍ଟାଚାରରେ ରାଜ୍ୟ ୧ ନମ୍ବର ହୋଇଥିବା ଅଭିଯୋଗ କରିଥିଲେ। ଧୂଷୁରୀ ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ବିଧାନସଭା ପ୍ରଭାରୀ ବୁଦ୍ଧଦେବ ଜେନା, ଭାଜପା ଜିଲା ମିଡିଆ ସେଲ୍ ଅଧକ୍ଷ ବୈକୁଣ୍ଠନାଥ ସାହୁ, ଗୋବିନ୍ଦପୁର ସରପଞ୍ଚ ଜୟନ୍ତୀ ନାୟକ, ଅସୁରାଳି ସରପଞ୍ଚ ରାଜେନ୍ଦ୍ର ସାହୁ, ଖପରପଦା ସରପଞ୍ଚ ଗୟାଧର ନାୟକ, ଦଇପୁର ସରପଞ୍ଚ ରାଜୀବ ନାୟକ, ସମିତିସଭ୍ୟ ସ୍ମୃତିରଞ୍ଜନ ପଣ୍ଡା ଓ ବରିଷ୍ଠ ନେତା ଫକୀର ମୋହନ ଜେନା ପ୍ରମୁଖ ଭାଜପାର ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଏବଂ ବିଧାୟକ ପ୍ରାର୍ଥୀ ବିଷ୍ଣୁଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ଗୋବିନ୍ଦପୁର ଏବଂ ଦଇପୁର ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ବରିଷ୍ଠ ନେତା ଶ୍ରୀକାନ୍ତ ନାୟକ, ବେଣୁଧର ବିଶ୍ୱାଳ, ପ୍ରଶାନ୍ତ ନାୟକ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କବି ବାଞ୍ଛାନିଧିଙ୍କ ଜୟନ୍ତୀ ପାଳିତ

**ବାସୁଦେବପୁର, ୨୦।୪ (ଡି.ଏନ.ଏ.):** ବାସୁଦେବପୁର ଅଞ୍ଚଳର ଗର୍ବ ଓ ଗୌରବ ତଥା ବିପ୍ଳବୀ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୩ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଶହୀଦ ତୀର୍ଥଯାତ୍ରୀ ସଂଘ ପକ୍ଷରୁ ବାସୁଦେବପୁରସ୍ଥିତ ଏବି ହାଇସ୍କୁଲଠାରେ କବି ବାଞ୍ଛାନିଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମିରାକିଲ୍ ପବ୍ଲିକ ସ୍କୁଲ ଅଧକ୍ଷ ଦୁଃଶାସନ ରାଉତ ଯୋଗଦେଇ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ କବି ବାଞ୍ଛାନିଧିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କର ଦେଶପ୍ରେମ କବିତା ତାଙ୍କୁ ସବୁଦିନ ପାଇଁ କାଳଜୟୀ କରି ରଖିବ ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ବିଳମ୍ବରେ ହେଲେ ମଧ ଭୁବନେଶ୍ୱରରେ କବି ବାଞ୍ଛାନିଧିଙ୍କର ଏକ ପୂର୍ଣ୍ଣ ପ୍ରତିମୂର୍ତ୍ତି ନିର୍ମାଣ କରିଥିବାରୁ ବାସୁଦେବପୁର ଅଞ୍ଚଳବାସୀ ଓ ଶହୀଦ ତୀର୍ଥଯାତ୍ରୀ ସଂଘ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହେଶ ଦାଶ, ଶହୀଦ ତୀର୍ଥଯାତ୍ରୀ ସଂଘ ସମ୍ପାଦକ ବସନ୍ତ ଦାସ, ନିରଞ୍ଜନ ବିଶ୍ୱାଳ, ନାରାୟଣ ନାୟକ, ଧନେଶ୍ୱର ରାଉତ ଓ କାହ୍ନୁଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ କେନାଲ, ରାସ୍ତା କାମ ନିମ୍ନମାନର ଅଭିଯୋଗ

# କାର୍ଯ୍ୟ ବନ୍ଦ କଲେ ଉତ୍ତ୍ୟକ୍ତ ଗ୍ରାମବାସୀ

**ଖଇରା, ୨୦।୪(ଡି.ଏନ.ଏ.)**

ସାଳନ୍ଦୀ ବାମପାର୍ଶ୍ୱ ଆମ୍ବହତା କେନାଲର ଖଇରା ଉପଖଣ୍ଡ ଅଧୀନ ଗଡ଼ ଗ୍ରାମ ନିକଟରେ ଚାଲିଥିବା କେନାଲ ଓ ତତ୍‌ସଂଲଗ୍ନ ଆପ୍ରୋଚ ରୋଡ଼ କାର୍ଯ୍ୟ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ଶନିବାର ଗଡ଼ ଓ କଅଁଳଖୁଣ୍ଟା ଗ୍ରାମର ଅଧିବାସୀମାନେ କାର୍ଯ୍ୟକୁ ବନ୍ଦ ରଖିଥିଲେ। ପରେ ଅପରାହ୍ନରେ କନିଷ୍ଠଯନ୍ତ୍ରୀ ପ୍ରଦୀପ କୁମାର ମହାପାତ୍ର କାର୍ଯ୍ୟସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି କାର୍ଯ୍ୟ ଠିକ୍ ଭାବେ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

ପ୍ରକାଶ ଯେ, କେନାଲର ୪୫୦ମିଟର ଅଂଶର କଂକ୍ରିଟ ଓ ତତ୍‌ସଂଲଗ୍ନ ୨୦ମିଟର ଆପ୍ରୋଚ ରୋଡ ନିର୍ମାଣ ପାଇଁ ଆନୁମାନିକ ୫କୋଟି ଟଙ୍କା ମଞ୍ଜୁର କରାଯାଇଛି। ହେଲେ ଠିକାଦାର କେନାଲ କାର୍ଯ୍ୟ ସାରି ରାସ୍ତା ନିର୍ମାଣ ଆରମ୍ଭ କରିଛନ୍ତି। ଏବେ କଂକ୍ରିଟ କାମ ପୂରା ଶେଷ ନ ହେଉଣୁ ୨ପାର୍ଶ୍ୱ କଂକ୍ରିଟର ଅନେକ ସ୍ଥାନରେ ଫାଟ ସୃଷ୍ଟି ହେଲାଣି। ସେପଟେ ରାସ୍ତା କାମ ଆରମ୍ଭରେ ବିନା ରୋଲରେ ମେଟାଲିଂ କରାଯାଉଥିବାରୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ଗ୍ରାମର କ୍ଷୀରୋଦ ମହାନ୍ତି ଓ ଲମ୍ବୋଦର ବେହେରା ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି। ଯନ୍ତ୍ରୀମାନେ ଅନେକ ସମୟରେ ଅନୁପସ୍ଥିତ ରହୁଥିବା ଯୋଗୁ ଠିକାଦାରଙ୍କ ଏହି ବେପରୁଆ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଯୋଗାଉଥିବା ଗ୍ରାମର ଶୂଳିଚରଣ ସେଣ୍ଠ, ଡମ୍ବରୁଧର ନାୟକ, ଜଗବନ୍ଧୁ ବେହେରା, ଗଙ୍ଗାଧର ବେହେରା, ପ୍ରଫୁଲ୍ଲ ବାରିକ ଓ ସୁରେନ୍ଦ୍ର ସ ପ୍ରମୁଖ ଅଭିଯୋଗ କରିଛନ୍ତି। ଯଦି ପୁଣି ନିମ୍ନମାନର କାର୍ଯ୍ୟ ଚାଲୁରହେ ତେବେ ଗଣଧାରଣା ଦିଆଯିବ ବୋଲି ଗ୍ରାମର ନବକିଶୋର ବାରିକ, ଶ୍ରୀଧର ପରିଡା, ଶିତିକଣ୍ଠ ପଣ୍ଡା, ପ୍ରହ୍ଲାଦ ଦେଉରୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯିବାରେ ଗ୍ରାମବାସୀ ଯେଉଁଭଳି ଭାବେ ଚାହୁଁଛନ୍ତି ସେହିଭଳି ଭାବେ କାର୍ଯ୍ୟ ହେବ ବୋଲି କହିଛନ୍ତି ।


ଗ୍ରାମବାସୀ ନିମ୍ନମାନର ରାସ୍ତା ଦେଖାଉଛନ୍ତି।

■ ପାନ ଦୋକାନୀ ହତ୍ୟା ଘଟଣା

# ଜଣେ ଯୁବତୀଙ୍କ ସମେତ ୨ ଗିରଫ

**ରେମୁଣା, ୨୦।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆଗାଁସ୍ଥିତ ସାଆନ୍ତା ଛକରେ ପାନ ଦୋକାନୀ ହତ୍ୟା ଘଟଣାର ୧୦ଦିନ ପରେ ପୋଲିସ ଜଣେ ଯୁବତୀଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ଇଟାଭାଟି ମ୍ୟାନେଜର ପଣପଣାର ପ୍ରଣବ ସ (୩୫) ଏବଂ ଭାଟିରେ କାମ କରୁଥିବା ଜଣେ ଯୁବତୀ ନିନି ବେହେରା(୩୦) ଗିରଫ ହୋଇଛନ୍ତି ।

ଭୂଇଁପଡ଼ା ଗାଁର ଅମୂଲ୍ୟ ବେହେରା(୪୨)ଙ୍କୁ ଚଳିତ ମାସ ୧୧ତାରିଖ ରାତିରେ ଗଳା କାଟି ହତ୍ୟା କରାଯାଇଥିଲା। ଘଟଣାସ୍ଥଳରୁ ଗୋଟିଏ ହାତୁଡ଼ି ଉଦ୍ଧାର କରାଯାଇଥିଲା। ଅର୍ଥ କାରବାରକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ଜାଣିବାକୁ ପାଇଛି । ସେଦିନ ରାତିରେ ଦୋକାନ ବନ୍ଦ କରି ଅମୂଲ୍ୟ ଭାଟିରେ ପହଞ୍ଚିବା ପରେ ସେଠାରେ ସମସ୍ତେ ଖିଆପିଆ କରିଥିଲେ। ଶ୍ରମିକମାନେ ଶୋଇପଡ଼ିବା ପରେ ପାନଦୋକାନୀ ଅମୂଲ୍ୟ, ଭାଟି ମ୍ୟାନେଜର ପ୍ରଣବ ଏବଂ ଯୁବତୀ ନିନିଙ୍କ ମଧ୍ୟରେ ପଇସା କାରବାରକୁ ନେଇ ପାଟିତୁଣ୍ଡ ହୋଇଥିଲା। ଅମୂଲ୍ୟ ସେଠାରୁ ଚାଲି ଆସିବା ପରେ ରାସ୍ତା ପାଖରେ କିଭଳି ତାଙ୍କ ମୁଣ୍ଡକୁ ଛେଚିବା ସହିତ ତଣ୍ଟିକୁ କାଟିଥିଲେ ଗିରଫଦ୍ୱୟ ସ୍ୱୀକାର କରିଛନ୍ତି । ଏହି ଘଟଣାର ପର୍ଦ୍ଦାଫାସ କରିବାରେ ମୋବାଇଲ୍ ହିଁ ମୁଖ୍ୟ ଭୂମିକା ନେଇଛି। ଘଟଣା ଦିନ ଅମୂଲ୍ୟ ଓ ପ୍ରଣବ ନୀଳଗିରିରୁ ଏକ ନୂଆ ମୋବାଇଲ କିଣିଥିଲେ। ଘଟଣା ଘଟାଇ ସାରିବା ପରେ ପ୍ରଣବ ନିଜ ଘର ପଣପଣାକୁ ଫେରି ସ୍ତ୍ରୀଙ୍କୁ ମୋବାଇଲ ଦେଇଥିଲେ। ପିନ୍ଧା ଲୁଗାରେ ରକ୍ତ ଲାଗିଥିବାରୁ ତାହା ଏକ ଦୁର୍ଘଟଣାରେ ହୋଇଥିବା କହି ଲୁଗା ପଟା ସବୁ ଗଡ଼ିଆରେ ପୋତି ଦେବାକୁ କହିଥିଲେ। କିଛି ଦିନ ପାଇଁ ବାହାରକୁ ଯାଉଛି କହି ପ୍ରଣବ ଘରୁ ଚାଲି ଯାଇଥିଲେ। ମାତ୍ର ନୂଆ ମୋବାଇଲକୁ ଫୋନ ଆସିବା ପରେ ପୋଲିସ ତାହାକୁ ଟ୍ରାକିଂ କରି ପ୍ରଣବଙ୍କୁ ଜାମଝାଡ଼ିରୁ ଧରିଥିଲା । ତାଙ୍କଠାରୁ ସୂଚନା ପାଇ ନୀଳଗିରିସ୍ଥିତ ଘରୁ ନିନି ନାମକ ଯୁବତୀଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି।

# ନକଲି ବିଦେଶୀ ମଦ କାରଖାନା ଠାବ, ୪ ଗିରଫ

**ସୋର, ୨୦।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ କଟକ ଅବକାରୀ ଗୋଇନ୍ଦା ବିଭାଗ, ମୋବାଇଲ ସ୍କ୍ୱାଡ଼, ସୋର ଅବକାରୀ ଓ ନୀଳଗିରି ଅବକାରୀ ବିଭାଗର ମିଳିତ ଉଦ୍ୟମରେ ଖଇରା ଓ ସିମୁଳିଆ ଥାନା ଅଧିନରେ ନକଲି ମଦ କାରଖାନା ଠାବ କରାଯାଇଛି। ସେଠାରୁ ବିପୁଳ ପରିମାଣରେ ମଦ ଜବତ କରାଯାଇଛି। ସିମୁଳିଆ ଥାନା ଈଶ୍ୱରପୁର ଗ୍ରାମର ଜିତେନ୍ଦ୍ର ବାରିକଙ୍କ ଘରୁ ଏକ ନକଲି ବିଦେଶୀ ମଦ କାରଖାନା ଠାବ କରାଯାଇ ୪୫ଲିଟର ୫୫୦ମିଲି ଲିଟର ନକଲି ମଦ, ୪୦୦୦ ଠିପି, ୨୦୦ ଖାଲି ବୋତଲ, ୧୩୦୦ ଲେବଲ ଷ୍ଟିକର, ରଙ୍ଗ ଓ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି।

ସେହିପରି ଖଇରା ଥାନା ବର୍ତ୍ତନା ଗ୍ରାମର ଅଜିତ ସିଂଙ୍କଠାରୁ ୧୦ଲିଟର ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଶ୍ୟାମସୁନ୍ଦରପୁର ଗ୍ରାମର ପାର୍ବତୀ ଦାସଙ୍କଠାରୁ ୧୦ଲିଟର ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଗଣ୍ଡିବେଡ଼ ଛକର ମନୀଷ କୁମାର ଗୁପ୍ତାଙ୍କଠାରୁ ୩୪ ଲିଟର ଦେଶୀ ମଦ ସହିତ ୨୦ଲିଟର ଦେଶୀ ମଦ ଜବତ କରାଯାଇଛି। କେସ୍ ନଂ. ୧୮, ୫, ୬, ୨୦।୨୦୧୯-୨୦ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।


ମଦ ଜବତ ଓ ଗିରଫ ଅଭିଯୁକ୍ତ।

# ତତ୍କାଳୀନ ଥାନାଧିକାରୀଙ୍କ ନାମରେ ଗିରଫ ପରୱାନା

**ଭଦ୍ରକ ଅଫିସ, ୨୦।୪**

ଭଦ୍ରକ ଏସ୍‌ଡିଜେଏମ୍ ତତ୍କାଳୀନ ଅବସରପ୍ରାପ୍ତ ପୁରୁଣାବଜାର ଥାନାଧିକାରୀ ହରେକୃଷ୍ଣ ଦାସଙ୍କ ନାମରେ ଗିରଫ ପରୱାନା ଜାରି କରିଛନ୍ତି। ବିବରଣୀ ଅନୁଯାୟୀ, ତିହିଡ଼ି ଥାନା ସଦାନନ୍ଦପୁର ଗ୍ରାମର ଆଶୁତୋଷ ଦାସ ଜମିବାଡ଼ିବିବାଦକୁ ନେଇ ତାଙ୍କ ପଡ଼ୋଶୀଙ୍କ ବିରୋଧରେ ୨୦୧୪ ମେ ୧ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ଏତଲା ଦେବା ପରେ ତତ୍କାଳୀନ ଥାନାଧିକାରୀ ଦାସଙ୍କୁ ଏହାର ଜେରକ୍ସ କପି ଦେବାକୁ କହିବାରୁ ସେ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରି ଥାନାରୁ ଧକ୍କା ଦେଇ ବାହାର କରିଦେଇଥିଲେ। ଏପରିକି ଅପରପକ୍ଷର ଇଙ୍ଗିତରେ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲେ। ଆଶୁତୋଷଙ୍କ ବାପା କମଳାକାନ୍ତ ଭଦ୍ରକ କୋର୍ଟରେ ମୋହରିର ଭାବେ କାର୍ଯ୍ୟ କରୁଥିବା ବେଳେ ଏହାମଧରେ ଦାସଙ୍କର ପୁରୁଣାବଜାର ଥାନାଧିକାରୀ ଭାବେ ବଦଳି ହୋଇଥିଲା। ୨୦୧୫ ମେ ୨୩ରେ ଭଦ୍ରକ କୋର୍ଟ ପରିସରରେ କମଳାକାନ୍ତ ତାଙ୍କ ପୁଅ ଦେଇଥିବା ଏତଲାର ଅଗ୍ରଗତି ବାବଦରେ ଥାନାଧିକାରୀଙ୍କୁ ପଚାରିବାରୁ ସେ ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ମାଡ଼ ମାରିବାକୁ ଉଦ୍ୟତ ହୋଇଥିଲେ। କମଳାକାନ୍ତ ଭୟରେ ଦୌଡି ପଳାଇ କୋର୍ଟ ରୁମ୍‌ରେ ପଶି ଯାଇଥିଲେ। କମଳାକାନ୍ତ ଥାନାଧିକାରୀଙ୍କ ବିରୋଧରେ କୋର୍ଟରେ ୱାନ୍ ସିସିକେଶ୍ (ନଂ.୮୫୩/୧୫) ଦାଖଲ କରିବା ପରେ କୋର୍ଟ ଭଦ୍ରକ ଟାଉନ ଥାନାକୁ ମାମଲାର ତଦନ୍ତ ପାଇଁ ପଠାଇ ଦେଇଥିଲେ। ଟାଉନ ଥାନାଧିକାରୀ ଜିଆର୍ କେଶ୍ (ନଂ.୮୫୩/୧୫)ରେ ଏକ ମାମଲା ରୁଜୁ କରି ତଦନ୍ତ କରି ଦାସଙ୍କ ସପକ୍ଷରେ ରିପୋର୍ଟ ଦାଖଲ କରିବାରୁ କମଳାକାନ୍ତ ଏହା ବିରୋଧରେ ୱାନ୍ ସିସିକେଶ୍ (ନଂ.୨୬୯/୧୭)ରେ ଅନ୍ୟ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି କରି ଭଦ୍ରକ ଏସ୍‌ଡିଜେଏମ୍ ତତ୍କାଳୀନ ଥାନାଧିକାରୀ ଦାସଙ୍କ ବିରୋଧରେ ଗିରଫ ପରୱାନା ଜାରି କରି ତାଙ୍କୁ ତୁରନ୍ତ ଗିରଫ କରିବାକୁ ଟାଉନ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

# 'ମାଟି ମା'ର ସେବା କରିବାକୁ ସୁଯୋଗ ଦିଅନ୍ତୁ'

**ବନ୍ତ, ୨୦।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକର ଶ୍ରୀବନ୍ତପୁର ଗାଁରେ ମୋ ଘର। ପୂର୍ବରୁ ୪ ଥର ବିଧାୟକ ହୋଇଛି। ଏବେ ଜନ୍ମମାଟିର ସେବା କରିବା ପାଇଁ ସ୍ଥିର କରିଛି। ଥରେ ମାଟି ମା'ର ସେବା କରିବାକୁ ସୁଯୋଗ ଦିଅନ୍ତୁ ବୋଲି ଶୁକ୍ରବାର ବନ୍ତ ହାଟପଡିଆଠାରେ ଅନୁଷ୍ଠିତ କଂଗ୍ରେସର ବିଶାଳ ପରିବର୍ତ୍ତନ ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ କହିଥିଲେ।

ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏଥିରେ ସଭାପତିତ୍ୱ କରିଥିଲେ। ଉପସଭାପତି ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ରାମଚନ୍ଦ୍ର ଖୁଣ୍ଟିଆ, କଂଗ୍ରେସ ନେତା ସୁବ୍ରତ ଦାସ, ସିପିଆଇ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ, ସିପିଆଇ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପିସିସି ମୁଖପାତ୍ର ମନୋଜ ମହାପାତ୍ର, ଲୋକ ସଭା ପ୍ରାର୍ଥୀ ମଧୁମିତା ସେଠୀ, ଉଦୟ ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଏଥିସହ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେମାନେ ନିବେଦନ କରିଥିଲେ। ରବୀନ୍ଦ୍ର ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଫକୀର ଚରଣ ବିଶ୍ୱାଳ, ସିପିଆଇ ଜୋନ୍ ସହସମ୍ପାଦକ ପରମେଶ୍ୱର ବାରିକ, ଆନନ୍ଦ ଚନ୍ଦ୍ର ଓଝା, ନିରୁପମା ରାଉତ, ଲକ୍ଷ୍ମୀଧର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ଡ. ବଦ୍ରିନାଥ ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ, ରମାକାନ୍ତ ରାଉତ, ପ୍ରେମାନନ୍ଦ ନାୟକ, ସ୍ମୃତିରଞ୍ଜନ ସ୍ୱାଇଁ, ରତିକାନ୍ତ ମହାପାତ୍ର, ନିରଞ୍ଜନ ମଲ୍ଲିକ, ଅନନ୍ତ ଦାସ, ବିଜୟ ଜେନା, ମଣିଭଦ୍ର ବିଶ୍ୱାଳ, ହରମୋହନ ବେହେରା, ସେକ୍ ମୁସ୍ତାକ୍ ଅଲ୍ଲୀ ଖାଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ୨୫ଟି ପଞ୍ଚାୟତର ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ସିପିଆଇ ଓ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ପିସିସି ସଭାପତି ବିଳମ୍ବରେ ପହଞ୍ଚିବା ନେଇ ବହୁ କର୍ମୀ ସଭାସ୍ଥଳରୁ ପଳାଇ ଯାଇଥିବା ଦେଖିବାକୁ ମିଳିଥିଲା।



















See Career Appointment on every Wednesday & Saturday

# ପ୍ରାର୍ଥୀଙ୍କ ଦକ୍ଷତା ମାପୁଛନ୍ତି ଭୋଟର

ଯାଜପୁର ଅଫିସ,୨୦।୪

ଯାଜପୁର ଜିଲାରେ ୪ପର୍ଯ୍ୟାୟରେ ନିର୍ବାଚନ ହେବ। ନିର୍ବାଚନ ପ୍ରଚାରକୁ ଆଉ ମାତ୍ର ଏକ ସପ୍ତାହ ରହିଲା। ସେଥିପାଇଁ ନେତାମାନେ ଏବେଠାରୁ ପୁରା ଦମରେ ପ୍ରଚାରରେ ଲାଗି ପଡିଛନ୍ତି। ମର୍ଯ୍ୟାଦାଜନକ ଯାଜପୁର ଲୋକ ସଭା ଆସନରେ ଏବେ ନିର୍ବାଚନୀ ପରିବେଶ ବେଶ୍ ସରଗରମ ହୋଇଛି। ପ୍ରତି ମୁହୂର୍ତ୍ତରେ ନିର୍ବାଚନକୁ ନେଇ ଅଙ୍କକଷା ଓ ଗୋଟି ଚାଳନା ହେଉଛି। କେମିତି ନିର୍ବାଚନୀ ବୈତରଣୀ ପାର ହେବେ ସେଥିପାଇଁ ପ୍ରାର୍ଥୀଙ୍କ ଆଖିକୁ ନିଦ ନାହିଁ କି ଖରାକୁ ଖାତିର ନାହିଁ। ବିଶେଷକରି ତୃତୀୟ ପର୍ଯ୍ୟାୟ ନିର୍ବାଚନ ପରେ ସବୁ ଦଳର ଷ୍ଟାର କ୍ୟାମ୍ପେନରମାନେ ଯାଜପୁର ମୁହାଁହେବେ ବୋଲି ସୂଚନା ଆସୁଛି। ଚଳିତ ନିର୍ବାଚନରେ ଜିଲାର ଗୋଟିଏ ଲୋକ ସଭା ଓ ୭ଟି ବିଧାନସଭା ଆସନରେ ରାଜନୈତିକ ପାଣିପାଗ ସମ୍ପୂର୍ଣ୍ଣ ବଦଳି ଯାଇଥିବାରୁ ପ୍ରାର୍ଥୀ ଏବେ ଷ୍ଟାର କ୍ୟାମ୍ପେନରଙ୍କ ଉପରେ ଭରସା ରଖିଛନ୍ତି। ଅପରପକ୍ଷରେ ଭୋଟରମାନେ ଏବେଠାରୁ ସେମାନଙ୍କ ମନପସନ୍ଦ ପ୍ରାର୍ଥୀଙ୍କ ଦକ୍ଷତା ମାପୁଥିବା ଚର୍ଚ୍ଚା ହେଉଛି।

ଚଳିତ ନିର୍ବାଚନରେ ଯାଜପୁର ଲୋକ ସଭା ଆସନରେ ମୋଟ ୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ଲଢେଇ ମୁଖ୍ୟତଃ ଭାଜପା, କଂଗ୍ରେସ ଓ ବିଜେଡି ମଧ୍ୟରେ ହେଉଥିବା ଚର୍ଚ୍ଚା ହେଉଛି। ଗତ ୪ଟି ସାଧାରଣ ନିର୍ବାଚନରେ ଯାଜପୁର ଲୋକ ସଭା ଆସନ ବିଜେଡି ଅକ୍ତିଆରରେ ରହି ଆସିଛି। ଚଳିତ ଥର ପୂର୍ବତନ ପ୍ରଶାସନିକ ଅଧିକାରିଣୀ ଶର୍ମିଷ୍ଠା ସେଠୀ ବିଜେଡିରୁ, ଅବସରପ୍ରାପ୍ତ ସୈନିକ ଅମିୟକାନ୍ତ ମଲିକ ଭାଜପାରୁ ଓ ସାମାଜିକକର୍ମୀ ମାନସ ଜେନା କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ଜିଲାର ୭ରୁ ୪ଟି ବିଧାନସଭା ଆସନର ଫଳାଫଳ ଉପରେ ଲୋକ ସଭା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି କେତେକ ମତପ୍ରକାଶ କରୁଥିବାବେଳେ ଆଉକେତେକ ଚଳିତ ନିର୍ବାଚନରେ ଫଳାଫଳ ଓଲଟା ହୋଇପାରେ ବୋଲି ଅନୁମାନ କରାଯାଉଛି। ସବୁଠି ହାରଜିତ ବ୍ୟବଧାନ କମ୍ ହେବାର ସମ୍ଭାବନା ରହିଥିବାରୁ ଲୋକ ସଭା ପ୍ରାର୍ଥୀ ନିଜର ଦକ୍ଷତା, ବୁଦ୍ଧିମତା, ଦୂରଦୃଷ୍ଟି ବଳରେ ନିର୍ବାଚନ ଜିତି ପାରିବେ ବୋଲି କୁହାଯାଉଛି। ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ଦେଖିଲେ ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ସର୍ବାଗ୍ରେ ରହିଛନ୍ତି। ସେ ରାଜନୈତିକ ବିଜ୍ଞାନରେ ସ୍ନାତୋକତ୍ତର ସହ ଏମ୍‌ଫିଲ୍ ଡିଗ୍ରୀଧାରୀ। ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ ଅଧିଷ୍ଠିତ ହୋଇଛନ୍ତି। ସେହିପରି କଂଗ୍ରେସର ମାନସ ଜେନା ଅର୍ଥଶାସ୍ତ୍ରରେ ସ୍ନାତୋକତ୍ତର ସହିତ ଆଇନ ପାଠ ପଢିଛନ୍ତି। ତାପରକୁ ଭାଜପା ପ୍ରାର୍ଥୀ ଅମିୟ ଉଚ୍ଚଶିକ୍ଷିତ ହୋଇ ନ ଥିଲେ ହେଁ ଜଣେ ଅବସରପ୍ରାପ୍ତ ସୈନିକ ଭାବେ ପରିଚିତ ଲାଭ କରିଛନ୍ତି। ଏଭଳିସ୍ଥିତିରେ ଭୋଟର କାହାକୁ ଭୋଟ ଦେବେ ସେନେଇ ଦକ୍ଷତା ମାପୁଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଜିଲାର ଧର୍ମଶାଳା ବିଧାନସଭା ଆସନକୁ ବାଦ ଦେଲେ ଅନ୍ୟସବୁ ଆସନରେ ତିନି ପ୍ରମୁଖ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହେଉଛି। ଜନମତ ଅନୁସାରେ ଧର୍ମଶାଳାରେ ବିଜେଡି ବହୁ ଆଗରେ ରହିଥିବାବେଳେ ଭାଜପା ଓ କଂଗ୍ରେସ ବ୍ୟାକଲାଇନ ମଧ୍ୟ ଦେଖି ପାରୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ଯାଜପୁର, ବରୀ ଓ କୋରେଇ ବିଧାନସଭା ଆସନର ଫଳାଫଳ ଉପରେ ବିଧାୟକ ପ୍ରଣବପ୍ରକାଶ ଦାସ(ବବି)ଙ୍କ ସମ୍ମାନର ପ୍ରଶ୍ନ ରହିଛି। ନିଜ ଜିଦ୍‌ଖୋର ମନୋଭାବକୁ କାର୍ଯ୍ୟକାରୀ କରିବାକୁ ବବି କୋରେଇ ଓ ବରୀ ଆସନ ପାଇଁ ବିଜେଡିର ଟିକେଟ ଖେଳ ଖେଳିଛନ୍ତି। ସେପଟେ ବିଧାୟକ ଆକାଶ ଦାସନାୟକଙ୍କୁ ବାଦ ଦେଇ କୋରେଇରେ ଗତ ଥରର ଦାବିଦାର ଅଶୋକ ବଳଙ୍କୁ ବିଜେଡି ସୁଯୋଗ ଦେଇଛି। ଯାହାକି ବିଜେଡି ପାଇଁ କ୍ଷତିକାରକ ହୋଇପାରେ ବୋଲି ସବୁଠି ଚର୍ଚ୍ଚା ହେଉଛି। ଫାଳଫାଳ ହୋଇଥିବା କୋରେଇ ବିଜେଡି କର୍ମୀଙ୍କ ପ୍ରଚାରକୁ ସାଧାରଣ ଲୋକ ସେତେଟା ଗ୍ରହଣ କରୁ ନ ଥିବା ଆଲୋଚନା ହେଉଛି। ସେହିପରି ବରୀରେ ବିଜେଡି ମହିଳା କାର୍ଡ ଖେଳିଛି। ଯାହାକି ବିଜେଡି ପାଇଁ ଲାଭଦାୟକ ହେବାର ସମ୍ଭାବନା ରହିଛି। କିନ୍ତୁ ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ କଡା ଟକ୍କର ଦେଇଥିବା ଏବେକାର ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ମଧ୍ୟ କମ୍ ନୁହନ୍ତି। ତେଣୁ ତାଙ୍କୁ ଚେକ୍ ଦେବାପାଇଁ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ(ଜିତୁ) ଓ ଯାଜପୁର ବିଧାୟକ ବବି ବରୀରେ ସୁନନ୍ଦାଙ୍କୁ ପ୍ରଚାରରେ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ସେହିପରି ଯାଜପୁର ଆସନରେ ଭାଜପା ପ୍ରାର୍ଥୀ ଗୌତମ ରାୟଙ୍କୁ ଅକୁଣ୍ଠ ସମର୍ଥନ ମିଳୁଥିବା ଦେଖିବାକୁ ମିଳିଛି। ଯାହାକି ବବିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ବିଞ୍ଝାରପୁର, ବଡଚଣା ଓ ସୁକିନ୍ଦାରେ ଦୁଇ ପ୍ରମୁଖ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ମୁକାବିଲା ହେଉଛି। ଏହି ଜଟିଳ ପରିସ୍ଥିତିକୁ ସାମ୍ନା କରିବାକୁ ଏବେ ଷ୍ଟାର କ୍ୟାମ୍ପେନରଙ୍କ ଯାଜପୁର ଗସ୍ତ କାର୍ଯ୍ୟକ୍ରମ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୨ତାରିଖରେ ବରୀ ଗସ୍ତ କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଏହାସହ କଂଗ୍ରେସରୁ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ପ୍ରଚାରରେ ଆସିବେ ବୋଲି କଂଗ୍ରେସ କର୍ମୀ ମହଲରୁ ସୂଚନା ମିଳିଛି। ତେବେ ଷ୍ଟାର କ୍ୟାମ୍ପେନରମାନଙ୍କ ପ୍ରଚାର କେତେଦୂର ଜନମତକୁ ପ୍ରଭାବିତ କରିବ ତାହା ନିର୍ବାଚନ ଫଳାଫଳ ହିଁ କହିବ ବୋଲି ମତପ୍ରକାଶ ପାଉଛି।

**ଯାଜପୁର ଲୋକ ସଭା ମଣ୍ଡଳୀ**

- ଷ୍ଟାର କ୍ୟାମ୍ପେନର ଭରସାରେ ପ୍ରାର୍ଥୀ
- ଯାଜପୁର, କୋରେଇ ଚିତ୍ର ଅସ୍ପଷ୍ଟ, ଚିନ୍ତାରେ ବବୀ ଓ ଅଶୋକ
- ପ୍ରାର୍ଥୀଙ୍କୁ ନିଦ ନାହିଁ କି ଖରାକୁ ଖାତିର ନାହିଁ



# ଅସୁସ୍ଥତା ସତ୍ତ୍ୱେ ପ୍ରାର୍ଥୀ କରିଥିଲା ବିଜେଡି

କେନ୍ଦ୍ରାପଡା ଅଫିସ, ୨୦।୪

ବିଜେଡିର ବରିଷ୍ଠ ନେତା ତଥା ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ୮୨ ବର୍ଷ ବୟସରେ ଶନିବାର ପରଲୋକ ଘଟିଛି। ସେ ପୂର୍ବରୁ ୬ ଥର ବିଧାୟକ ହୋଇଥିବା ବେଳେ ଚଳିତ ସାଧାରଣ ନିର୍ବାଚନରେ ବିଜେଡି ତାଙ୍କୁ ପ୍ରାର୍ଥୀ କରିଥିଲା। ତେବେ ସେ ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କୁ ବିଜେଡି କେଉଁ କାରଣରୁ ପ୍ରାର୍ଥୀ କରିଥିଲା, ସେ ନେଇ ଏବେ ଜିଲାସାରା ଆଲୋଚନା ଜୋର ଧରିଛି। ବୟସାଧିକ୍ୟ କାରଣରୁ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବିଧାୟିକା ଭି. ସୁଞ୍ଜାନ କୁମାରୀ ଦେଓ ଓ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଟିକେଟ ମିଳି ନ ଥିଲା। ହେଲେ ପାଟକୁରାରେ ଅନ୍ୟ ଆଶାୟୀଙ୍କୁ ନିରାଶ କରି ବିଜେଡି ବେଦପ୍ରକାଶଙ୍କୁ ଟିକେଟ ଦେଇଥିବାରୁ ପାଟକୁରାବାସୀଙ୍କୁ ଏକ ପ୍ରକାର ଧକ୍କା ଲାଗିଛି ବୋଲି ଚର୍ଚ୍ଚା ହେଉଛି। ଶରୀର ଅସୁସ୍ଥ କାରଣରୁ ବେଦପ୍ରକାଶ ନାମାଙ୍କନପତ୍ର ଦାଖଲର ଶେଷ ଦିନ ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଇଥିଲେ। ମାତ୍ର ସେ ନିର୍ବାଚନ ଅଧିକାରୀଙ୍କ ନିକଟରେ ପହଞ୍ଚି ନ ପାରି ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ବସି ରହିଥିଲେ। ତାଙ୍କର ପ୍ରସ୍ତାବକ ମହେନ୍ଦ୍ର ସିଂହ ନିର୍ବାଚନ ଅଧିକାରୀ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ନାମାଙ୍କନପତ୍ର ପ୍ରଦାନ କରିଥିଲେ। ଅସୁସ୍ଥତା କାରଣରୁ ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ବିଜେଡି ସଭାପତି ତାଙ୍କ ଟିକେଟ ସମ୍ପର୍କରେ ଘୋଷଣା କରିଥିଲେ। ଏହି ଟିକେଟ ତାଙ୍କ ପୁଅ ଅଥବା ସ୍ତ୍ରୀଙ୍କୁ ପ୍ରଦାନ କରିବା ପାଇଁ ତାଙ୍କ ପରିବାର ସଦସ୍ୟ ନବୀନ ନିବାସ ଯାଇଥିଲେ ସୁଦ୍ଧା ସେମାନଙ୍କୁ ଟିକେଟ ମିଳି ନ ଥିଲା। ପାଟକୁରା ଆସନରେ ଭାଜପାର ବରିଷ୍ଠ ନେତା ବିଜୟ ମହାପାତ୍ର ପ୍ରତିଦ୍ୱନ୍ଦ୍ୱୀ ଥିବାରୁ ସମ୍ଭବତଃ ବିଜେଡି ବେଦପ୍ରକାଶଙ୍କୁ ପ୍ରାଥମିକତା ଦେଇଥିଲା। ମାତ୍ର ତାଙ୍କ ମୃତ୍ୟୁ ପରେ ଏହି ବିଧାନସଭା ଆସନରେ ନିର୍ବାଚନ ସ୍ଥଗିତ ରହିବା ଏକପ୍ରକାର ନିଶ୍ଚିନ୍ତ ଥିବା ବେଳେ ନିର୍ବାଚନ କମିଶନଙ୍କ ଘୋଷଣାକୁ ଅପେକ୍ଷା ରହିଛି। ଅସୁସ୍ଥ ଥିବା ସତ୍ତ୍ୱେ ବେଦପ୍ରକାଶଙ୍କୁ ବିଜେଡି ଟିକେଟ ଦେବା ନେଇ ଅନେକ କଥା ଆଲୋଚନା ହେଉଛି। ଚଳିତ ନିର୍ବାଚନ ପାଇଁ ବାପା ବଦଳରେ ପୁଅ, ସ୍ୱାମୀ ବଦଳରେ ସ୍ତ୍ରୀଙ୍କୁ ବିଜେଡି ଟିକେଟ ଦେଇଛି। ପ୍ରଭାତ ତ୍ରିପାଠୀଙ୍କ ବଦଳରେ ପୁଅ ଦେବୀରଞ୍ଜନ, ପ୍ରଭାତ ବିଶ୍ୱାଳଙ୍କ ବଦଳରେ ପୁଅ ସୌଭିକ, ବିଜୟଶ୍ରୀ ରାଉତରାୟଙ୍କ ବଦଳରେ ପୁଅ ବିଷ୍ଣୁବ୍ରତଙ୍କୁ ଟିକେଟ ମିଳିଛି। ସେହିପରି ଝିନ୍ନ ହିକ୍‌କାଙ୍କ ସ୍ତ୍ରୀ କୌଶଲ୍ୟା ଓ ମୁକ୍ତିକାନ୍ତ ମଣ୍ଡଳଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କୁ ବିଜେଡି ଟିକେଟ ଦେଇଛି। କିନ୍ତୁ ପାଟକୁରାରେ ବେଦପ୍ରକାଶଙ୍କ ପରିବାରବର୍ଗଙ୍କ ସହ ଅନ୍ୟ ଆଶାୟୀଙ୍କ ପକ୍ଷରୁ ଦାବି କରାଯିବା ପରେ ବି କୌଣସି ପରିବର୍ତ୍ତନ କରାଯାଇ ନ ଥିଲା।

ସୂଚନାଥାଉ କି, ପାଟକୁରା ବିଧାନସଭା ଆସନ ପାଇଁ ଚଳିତ ଥର ଟିକେଟ ଆଶାୟୀଙ୍କ ସଂଖ୍ୟା ଅଧିକ ଥିଲା। ପାଟକୁରା-ଡେରାବିଶ ସ୍ୱାଭିମାନ ମଞ୍ଚର ଆବାହକ ତଥା ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଟିକେଟ ପାଇଁ ବାରମ୍ବାର ଦଳୀୟ ନେତୃବୃନ୍ଦଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଟିକେଟ ନ ମିଳିବାରୁ ସେ ଅସନ୍ତୁଷ୍ଟ ହେବାରୁ ତାଙ୍କୁ ବିଜେଡିର ରାଜ୍ୟ ସମ୍ପାଦକ ପଦ ପ୍ରଦାନ କରାଯାଇଥିଲା। ଏହାସତ୍ତ୍ୱେ ସରୋଜକାନ୍ତ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି।

ସେହିପରି ରାଜ୍ୟ ସମ୍ପାଦକ ପ୍ରମୋଦ କୁମାର ସାହୁ, ରବି ସାମଲ, ଅଧ୍ୟାପକ ଅଜୟ କୁମାର ରାଉତ, ଖଦିବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା ଆଦି ଟିକେଟ ଆଶାୟୀ ଥିଲେ। ନିର୍ବାଚନ ସ୍ଥଗିତ ହେଲେ ପାଟକୁରାର ବିକାଶ ୬ ମାସ ବିଳମ୍ବିତ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

**ନୟାଗଡ଼ ନିର୍ବାଚନମଣ୍ଡଳୀ**

# ବନ୍ଦ ଚିନିକଲ ଖୋଲିବା ପ୍ରମୁଖ ପ୍ରସଙ୍ଗ

ରଞ୍ଜନ କୁମାର ପ୍ରଧାନ
ନୟାଗଡ଼ ଅଫିସ,୨୦।୪

ଏପ୍ରିଲ ୨୩ରେ ଜିଲାର ନୟାଗଡ଼ ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଏଠାରେ କେଉଁ ପ୍ରାର୍ଥୀ ଜିତିବେ ତାହାକୁ ନେଇ ଚା ଖଟିରୁ ଆରମ୍ଭ କରି ପାନ ଦୋକାନ ଯାଏ ସବୁଠି ଚର୍ଚ୍ଚା ଚାଲିଛି। ୮ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ବିଶେଷ କରି ୩ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେବ ବୋଲି ଆଲୋଚନା ହେଉଛି। ୨୦୦୦ ପରଠାରୁ ଏହା ବିଜେଡି ଦଖଲରେ ରହିଆସିଛି। ବର୍ତ୍ତମାନ ଗଡ଼ ରକ୍ଷା ପାଇଁ ୩ଥର ବିଧାୟକ ହୋଇଥିବା ଅରୁଣ କୁମାର ସାହୁଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଭାଜପା ନୟାଗଡ଼ରେ ପଦ୍ମ ଫୁଟାଇବା ପାଇଁ ଇରାନୀ ରାୟଙ୍କୁ ଟିକେଟ ଦେଇ ଜୋରସୋର ପ୍ରୟାସ ଚଳାଇଥିବା ବେଳେ କଂଗ୍ରେସ ଗତଥର ପରି ଏଥର ମଧ୍ୟ ନୂଆ ମୁହଁ ମନୋଜ କୁମାର ସାହୁଙ୍କୁ ସୁଯୋଗ ଦେଇଛି। ୨୦୦୯ରେ କଂଗ୍ରେସ ସନ୍ଧ୍ୟାରାଣୀ ମହାପାତ୍ର ଓ ୨୦୧୪ରେ ଲାଲା ମନୋଜ ରାୟଙ୍କୁ ଟିକେଟ ଦେଇଥିଲା। ୩ବର୍ଷ ହେଲା ବନ୍ଦ ହୋଇପଡ଼ିଥିବା ଚିନିକଲ ଖୋଲିବା ବର୍ତ୍ତମାନ ସବୁ ଦଳଙ୍କ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ବିଭିନ୍ନ ଦଳର ପ୍ରାର୍ଥୀମାନେ ନିଜ ପ୍ରଚାରରେ ଏହି ପ୍ରସଙ୍ଗ ଉଠାଇ ଲୋକମାନଙ୍କୁ ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ଓ କଂଗ୍ରେସ ବନ୍ଦ ଚିନିକଲ ଖୋଲିବା ପାଇଁ କହୁଥିବା ବେଳେ ଭାଜପା ଦୁଇ ପାଦେ ଆଗକୁ ଯାଇଛି। ଚିନିକଲ ଖୋଲାଯିବ, ନ ହେଲେ ଆଉ ଏକ ଚିନିକଲ ନିର୍ମାଣ କରାଯିବ ବୋଲି ଭାଜପା ପ୍ରତିଶ୍ରୁତି ଦେଇଛି। କଂଗ୍ରେସର ପାରମ୍ପରିକ ଭୋଟ ନୟାଗଡ଼ର ପୂର୍ବତନ ବିଧାୟକ ସ୍ୱର୍ଗତ ବଂଶୀଧର ସାହୁଙ୍କ ପୁଅ ମନୋଜଙ୍କୁ ମିଳିପାରେ। ସେହିପରି ତାଙ୍କର ଲୋକପ୍ରିୟତା ମଧ୍ୟ ତାଙ୍କୁ କିଛି ଭୋଟ ଯୋଗାଡ଼ କରିବାରେ ସହାୟକ ହୋଇପାରେ ବୋଲି କୁହାଯାଉଛି। ମନୋଜ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି। ନୟାଗଡ଼ ବିଧାୟକ ଅରୁଣଙ୍କ ବିରୋଧରେ ବିଭିନ୍ନ ସ୍ଥାନରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଏହି ଅସନ୍ତୋଷକୁ ପ୍ରଶମିତ କରିବା ତଥା ଗଡ଼ ରକ୍ଷା କରିବା ପାଇଁ ବିଧାୟକ ସାହୁ ମାରାଥନ୍ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଓଡ଼ଗାଁଠାରୁ ଆରମ୍ଭ କରି ନୟାଗଡ଼ ଯାଏ ସବୁଠି ବିଶାଳ ବାଇକ୍ ରାଲି କରୁଛନ୍ତି। କେତେକ ସ୍ଥାନରେ ପ୍ରଥପ୍ରାନ୍ତ ସଭା ମଧ୍ୟ କରୁଛନ୍ତି। ଲୋକଙ୍କ ସାଙ୍ଗରେ ମିଶି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ଭୋଟ ମାଗୁଛନ୍ତି।

ନୟାଗଡ଼ ବ୍ଲକ ମୁଥାଗାଡିଆ ଗ୍ରାମର ତ୍ରିନାଥ ଭୋଳଙ୍କ କହିବା କଥା କିଛିଦିନ ତଳେ ବିଧାୟକ ସାହୁ ବାଇକ୍ ଶୋଭାଯାତ୍ରା କଲେ। କର୍ମୀମାନଙ୍କଠାରୁ ଆରମ୍ଭ କରି ନେତାମାନେ ବାଇକ୍‌ରେ ଆସିଲେ ଓ ଗଲେ। ହେଲେ କାହାକୁ ପଚାରିଲେ ନାହିଁ। ପରିବର୍ତ୍ତନ ସ୍ୱର ଗ୍ରାମରେ ଶୁଭୁଛି। ଭାଜପାରୁ ପ୍ରାର୍ଥୀ ହୋଇଥିବା ଇରାନୀ ରାୟ ନିଜର ସଙ୍ଗଠନ ଓ ମୋଦିଙ୍କ ଲୋକପ୍ରିୟତାରେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଆଶା ରଖିଛନ୍ତି। ନୟାଗଡ଼ର ସ୍ୱାଭିମାନ ପାଇଁ ସେ ଲଢ଼େଇ କରୁଥିବାରୁ ତାଙ୍କୁ ଭୋଟ ଦେବା ପାଇଁ ସେ ଲୋକମାନଙ୍କୁ ଅନୁରୋଧ କରିଛନ୍ତି। ତାଙ୍କ ସାଥିରେ ହାତ ମିଳାଇଛନ୍ତି କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ। ବିଭିନ୍ନ ସ୍ଥାନରେ ପ୍ରଚାର କରୁଥିବା ସମୟରେ ପ୍ରତ୍ୟୁଷା ତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ଜବାବ୍ ଦେବା ପାଇଁ ସେ ଭୋଟରମାନଙ୍କୁ ଅନୁରୋଧ କରୁଛନ୍ତି। ଇରାନୀ ଓ ରାଣୀ ଏକାଠି ହୋଇ ନୟାଗଡ଼ରେ ଅରୁଣଙ୍କୁ ହଟାଇବା ଯୋଜନା କରୁଥିବା ସବୁଠି ଆଲୋଚନା ହେଉଛି। ଓଡ଼ଗାଁ ଏନ୍‌ଏସି ଛାମୁସାହିର ବରେନ୍ଦ୍ର କୁମାର ନନ୍ଦଙ୍କ କହିବା କଥା ପ୍ରତିଥର ବିଧାୟକ ସାହୁ ଓଡ଼ଗାଁରୁ ସର୍ବାଧିକ ଭୋଟ ପାଇ ବିଜୟୀ ହୁଅନ୍ତି। ହେଲେ ଓଡ଼ଗାଁ ପାଇଁ ଯାହା କରିବା କଥା ସେଭଳି କିଛି କରିନାହାନ୍ତି। ଏଠାରେ ଠିକାଦାର ମାଲାମାଲ ହେଉଛନ୍ତି। ବାଉଶଁଗାଡ଼ିଆ ଗ୍ରାମର ସନ୍ନ୍ୟାସୀ ସାହୁ କହନ୍ତି, ପରିବର୍ତ୍ତନର ସ୍ୱର ସବୁଠି ଶୁଭୁଥିବା ବେଳେ ଭାଜପାର ତୃଣମୂଳସ୍ତରରେ ସଙ୍ଗଠନ ନାହିଁ, ଯାହାକି ଦଳ ପାଇଁ କାଳ ହୋଇପାରେ। କେବଳ ହାୱାରେ ଭୋଟ ହୁଏ ନାହିଁ ବୋଲି ସେ କହିଛନ୍ତି। ତେବେ ହାତୀ କାହା ମୁଣ୍ଡରେ ସୁନାକଳସ ଢାଳିବ ତାହା ମେ ୨୩ ଭୋଟ ଗଣତି ଦିନ ଜଣାପଡ଼ିବ।


ଅରୁଣ କୁମାର ସାହୁ


ଇରାନୀ ରାୟ


ମନୋଜ କୁମାର ସାହୁ

**ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ନକ୍‌ଭୀ**

# 'ବିକାଶ ଓ ସୁରକ୍ଷାର ରାସ୍ତା ସୁଦୃଢ଼ କରିବ ଭାଜପା'


ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଅବାସ ନକ୍‌ଭୀ ଓ ଅନ୍ୟମାନେ।

ସାଲେପୁର,୨୦।୪ (ଡି.ଏନ୍.ଏ.)

କଟକ ଜିଲା ସାଲେପୁରସ୍ଥିତ ଭାତପଡ଼ା ଖେଳପଡ଼ିଆରେ ଶନିବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଅବାସ ନକ୍‌ଭୀ ଯୋଗଦେଇଥିଲେ। ଏହି ଅବସରରେ ସେ ଉଭୟ ଲୋକ ସଭା ଓ ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ସେ କହିଥିଲେ ଯେ, ରାଜ୍ୟରେ ଭାଜପା ସରକାର ଆସିଲେ ବିକାଶ ଓ ସୁରକ୍ଷାର ରାସ୍ତା ସୁଦୃଢ ହେବ। କେନ୍ଦ୍ରରେ ମୋଦି ସରକାର ଆସିବା ପରେ ଦଲାଲ୍ ଓ ବେଇମାନ୍‌ମାନଙ୍କୁ ହାଜତକୁ ପଠାଇ ଦିଆଯାଇଛି। ଗତ ୫ ବର୍ଷ ମଧ୍ୟରେ ଦେଶରେ ଭ୍ରଷ୍ଟାଚାର ଓ ଦୁର୍ନୀତିମୁକ୍ତ ସରକାର ଗଠନ କରିବାରେ ଭାଜପା ସଫଳ ହୋଇଛି। ପୂର୍ବରୁ ସବୁ ମାସରେ ଦଙ୍ଗା ଲାଗିରହୁଥିଲା। ନିରୀହ ଲୋକମାନେ ଏହାର ଶିକାର ହେଉଥିଲେ। ମାତ୍ର ମୋଦି ସରକାର ଆସିବା ପରେ ଦେଶରେ ଏବେ କୌଣସି ସ୍ଥାନରେ ଦଙ୍ଗା ହେଉନାହିଁ ବୋଲି ସେ କହିଥିଲେ। ମୁସଲମାନଙ୍କ ହଜ୍ ଯାତ୍ରା ପାଇଁ ଆଗ୍ରହକୁ ଦୃଷ୍ଟିରେ ରଖି ପ୍ରଥମ ଥର ପାଇଁ ସମସ୍ତଙ୍କୁ ଅନୁମତି ପ୍ରଦାନ କରାଯାଇଛି। ପୂର୍ବରୁ ଏଥିପାଇଁ ଅନେକ ଆବେଦନ ପତ୍ର ଆସୁଥିବା ବେଳେ ମାତ୍ର ଅଳ୍ପ କେତେଜଣଙ୍କୁ ଅନୁମତି ଦିଆଯାଉଥିଲା। ମାତ୍ର ମୋଦି ସରକାର ଆସିବା ପରେ ଏଥିରେ ପରିବର୍ତ୍ତନ ଘଟିଛି ବୋଲି ସେ କହିଥିଲେ।

ଏହି ସମାବେଶରେ କଟକ ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟରେ ବିଜେଡି ସରକାରଙ୍କୁ ପରିବର୍ତ୍ତନ କରି ପଦ୍ମ ଫୁଟାଇବା ପାଇଁ ଉପସ୍ଥିତ ଲୋକମାନଙ୍କୁ ନିବେଦନ କରିଥିଲେ।

ସାଲେପୁର ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ସାମିଲ ହୋଇ ଧର୍ମ ନାଁରେ ହୀନ ରାଜନୀତି ନ କରିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅଞ୍ଚଳ ଭାଇଚାରାର ଅଞ୍ଚଳ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପ ସଭାପତି ସତ୍ୟବାଦୀ ଚଇନି, ଯୁବନେତା ପ୍ରଫୁଲ୍ଲ ସ୍ୱାଇଁ, ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ସିକନ୍ଦର ଅଲ୍ଲୀ ପ୍ରମୁଖ ଯୋଗଦେଇ ଥିଲେ। ଭାଜପା ନେତା କୁଞ୍ଜମୋହନ ସେଠୀ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ମୁତାରିଫା ସରପଞ୍ଚ ପ୍ରିୟରଞ୍ଜନ ମହାପାତ୍ର, ଯୁବନେତା ବେଣୁଧର ପ୍ରଧାନ, ଅସିତ୍ ମହାନ୍ତି, ଉଲ୍ଲାସ ଚନ୍ଦ୍ର ଜେନା ଓ ଅଜିତ୍ ପଣ୍ଡାଙ୍କ ସମେତ ବହୁ ଯୁବ, ଛାତ୍ର ଏବଂ ମହିଳା କର୍ମୀ ସାମିଲ୍ ହୋଇଥିଲେ।

# ପ୍ରସଙ୍ଗ ଆଧାରରେ ହୋଇପାରେ ଭୋଟ

ନିର୍ମଳ ପଣ୍ଡା
କଟକ ଅଫିସ୍, ୨୦।୪

ତୃତୀୟ ପ୍ରର୍ଯ୍ୟାୟ ନିର୍ବାଚନ ପାଇଁ ରବିବାର ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡିବ। ପ୍ରଚାର ପାଇଁ ହାତରେ ମାତ୍ର ୨୪ଘଣ୍ଟା ସମୟ ଥିବାରୁ ପ୍ରାର୍ଥୀମାନେ ଶେଷ ଦମ ଲଗାଇ ଦେଇଛନ୍ତି। କଟକ ଲୋକ ସଭା ଆସନରେ ମୋଟ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଲଢେଇ ମୁଖ୍ୟତଃ ବିଜେଡି ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ଭାଜପା ପ୍ରାର୍ଥୀ ପ୍ରକାଶ ମିଶ୍ର ଓ କଂଗ୍ରେସ ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋଙ୍କ ମଧ୍ୟରେ ହେଉଛି। ବିଜୟ ପାଇଁ ସମସ୍ତ ପ୍ରାର୍ଥୀ ଦମ୍ଭୋକ୍ତି ଦେଖାଉଛନ୍ତି। କିନ୍ତୁ ଭୋଟରଙ୍କ ମୁଡକୁ ଦେଖି କେହି ବିଜୟ ପାଇଁ ସ୍ଥିରନିଶ୍ଚିତ ହୋଇପାରୁନାହାନ୍ତି। କାରଣ ଲୋକ ସଭା ଆସନ ଅଧୀନ ବିଧାନସଭା କ୍ଷେତ୍ରଗୁଡିକରେ ଗୋଳମାଳିଆ ସମୀକରଣ ଏମପି ପ୍ରାର୍ଥୀଙ୍କୁ ସନ୍ଦିହାନରେ ରଖିଛି।

କଟକ ଲୋକ ସଭା କ୍ଷେତ୍ର ଅଧୀନରେ ବାରବାଟୀ-କଟକ, ଚୌଦ୍ୱାର-କଟକ, ଆଠଗଡ଼, ବଡମ୍ବା, ବାଙ୍କୀ, କଟକ ସଦର ଓ ନୟାଗଡ଼ ଜିଲାର ଖଣ୍ଡପଡ଼ା ବିଧାନସଭା ଆସନ ରହିଛି। ଏଥିମଧ୍ୟରୁ କେଉଁଠି ବିଜେଡି ସହିତ କଂଗ୍ରେସର ପ୍ରତିଦ୍ୱନ୍ଦ୍ୱିତା ହେଉଛି ତ କେଉଁଠି ବିଜେଡି ସହିତ ଭାଜପା ଓ କେଉଁଠି ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଲୋକଙ୍କ ଆଲୋଚନାରୁ ଜଣାପଡୁଛି ଯେ, କଟକ-ବାରବାଟୀରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାବେଳେ ଚୌଦ୍ୱାର-କଟକରେ ବିଜେଡି, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହେଉଛି। ସେହିପରି ଆଠଗଡ଼ରେ ବିଜେଡି ସହିତ କଂଗ୍ରେସ, କଟକ ସଦରରେ ବିଜେଡି ସହିତ ଭାଜପା, ବାଙ୍କୀରେ ବିଜେଡି ସହିତ କଂଗ୍ରେସ, ବଡ଼ମ୍ବାରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ଲଢେଇ ହେଉଥିବା ବେଳେ ଖଣ୍ଡପଡାରେ ବିଜେଡି, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହେଉଛି।

୨୦୧୯ ନିର୍ବାଚନରେ ଭୋଟରଙ୍କ ମଧ୍ୟରେ ଆଉ ଏକ ନୂଆ କଥା ଓ ଆଗ୍ରହ ଦେଖିବାକୁ ମିଳୁଛି। ତାହା ହେଉଛି ଗୋଟିଏ ଭୋଟ ଶଙ୍ଖକୁ ଅନ୍ୟ ଭୋଟଟି ପଦ୍ମକୁ। ଅର୍ଥାତ୍ ବିଧାୟକଙ୍କ ଭୋଟ ବିଜେଡିକୁ ଓ ଏମପି ଭୋଟ ଭାଜପାକୁ ଦେବାକୁ ଭୋଟରଙ୍କ ମଧ୍ୟରେ ଏକପ୍ରକାର ଆଗ୍ରହ ଥିବା ଦେଖିବାକୁ ମିଳୁଛି। ବିଶେଷକରି ସହରାଞ୍ଚଳ ଓ ଯୁବ ଭୋଟରଙ୍କ ମଧ୍ୟରେ ଏହି ଟ୍ରେଣ୍ଡ ଏବେ ରାଜନୀତିକୁ ଅଧିକ ଗୋଳମାଳିଆ କରିଛି। ଏହି ଭୋଟରଙ୍କ ହାର ଓ ଏମାନଙ୍କ ଭୋଟ କେତେମାତ୍ରାରେ ନିର୍ଣ୍ଣାୟକ ହେବ ସେ ନେଇ ରାଜନୀତି ସମୀକ୍ଷକମାନେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁନାହାନ୍ତି। ରାଜନୈତିକ ସମୀକ୍ଷକ ପ୍ରଦୀପ ସାହୁଙ୍କ ମତରେ ଯଦି ୧୦ ପ୍ରତିଶତ ଭୋଟର ଏଭଳି କରନ୍ତି, ତେବେ ଏମପି ଭୋଟ ଫଳାଫଳ ସମସ୍ତ ପୂର୍ବାନୁମାନକୁ ଓଲଟପାଲଟ କରିଦେବ। ଏହାବ୍ୟତୀତ ଗ୍ରାମାଞ୍ଚଳ ଲୋକେ ଯଦି ଗୋଟିଏ ଧାରାରେ ସେମାନଙ୍କ ମତ ଦିଅନ୍ତି ତେବେ ମଧ୍ୟ ହାୱା ଓ ବାସ୍ତବତା ମଧ୍ୟରେ ଫରକ ରହିବ।

ଏ ସବୁ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିବା ବେଳେ ସାଧାରଣ ଭୋଟରଙ୍କ ମତ ଭିନ୍ନ ରହିଛି। ଭୋଟରମାନେ ଚଳିତଥର ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ଭୋଟ ଦେବେ ବୋଲି ମତ ଦେଇଛନ୍ତି। କଟକ ସଦର ନିର୍ବାଚନମଣ୍ଡଳୀ ଅଧୀନ ରଘୁନାଥପୁର ଗ୍ରାମର ଭୋଟର ରବିନାରାୟଣ ଦାସ କୁହନ୍ତି, ବେକାରି ସବୁଠୁ ବଡ଼ ସମସ୍ୟା। ୧୮ବର୍ଷ ମଧ୍ୟରେ ରାଜ୍ୟ ସରକାର ବିଭିନ୍ନ ବର୍ଗଙ୍କ ପାଇଁ ଅନେକ ଯୋଜନା କରିଥିବାବେଳେ ଶିକ୍ଷିତ ବେକାରମାନଙ୍କ ପାଇଁ ଆଖିବୁଜି ଦେଇଛନ୍ତି। ରାମକୁମାରପୁର ଗ୍ରାମର ଭୋଟର ଚାଷୀ ପ୍ରସଙ୍ଗ ଉଠାଇଥିବା ବେଳେ ବାଙ୍କୀ ରତାଗଡ ଅଞ୍ଚଳର ଭୋଟର ପ୍ରଦୀପ ସାହୁ, ରମେଶ ଭଞ୍ଜ, ସଞ୍ଜୀବ ପରିଡା ପ୍ରମୁଖ ଜଳସେଚନ ସମସ୍ୟା ଉକ୍ତ ଅଞ୍ଚଳର ମୁଖ୍ୟ ପ୍ରସଙ୍ଗ ହେବ ବୋଲି କହିଛନ୍ତି। ବାଙ୍କୀକୁ ନଦୀ, ନାଳ ଘେରି ରହିଥିବା ବେଳେ ବନ୍ୟା ନିୟନ୍ତ୍ରଣ ଓ ଜଳସେଚନ ସୁବିଧା କରାଯାଇନାହିଁ। ସେହିପରି ମାର୍ଥାପୁର ଷ୍ଟେଶନକୁ ଯିବା ପାଇଁ ଭଲ ରାସ୍ତା ନ ଥିବା ଏହି ଭୋଟରମାନେ କହିଛନ୍ତି। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଭୋଟର ଲଳିତ ରାୟ କୁହନ୍ତି, ବଡ଼ ସହରରେ ରହୁଛୁ। କିନ୍ତୁ ଏଠାକାର ଦୁରବସ୍ଥା କହିଲେ ନ ସରେ। ଅସରାଏ ବର୍ଷାରେ ଘରେ ପାଣି ପଶୁଥିବା ବେଳେ ବିଶୁଦ୍ଧ ପାନୀୟଜଳ ପାଇବା କଷ୍ଟକର। ଏହାବାଦ୍ ନିଯୁକ୍ତି କ୍ଷେତ୍ରରେ କେହି ବି ତତ୍ପର ନୁହନ୍ତି। ବାରବାଟୀ-କଟକ ଅଞ୍ଚଳର ଭୋଟର ଶୁଭେନ୍ଦୁ ସ୍ୱାଇଁ କୁହନ୍ତି, କେହି ଭଲ ନୁହନ୍ତି। ମୋଦି ୨୦୧୪ ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା କାର୍ଯ୍ୟକାରୀ ହେଲା ନାହିଁ। ପୁଣି ଭୋଟ ପାଇଁ ଏବେ ଭାଜପା ନାନାଦି ଭେଳିକି କରୁଛି। ରାଜ୍ୟରେ ଗୋଟିଏ ସରକାର ୧୯ବର୍ଷ ହେବ ରହିଥିଲେ ମଧ୍ୟ ବେକାରମାନଙ୍କ ପାଇଁ କିଛି ବି କରିନି। ତେଣୁ ଦଳ ନୁହେଁ ପ୍ରାର୍ଥୀ ଦେଖି ଭୋଟ ଦେବା ଉଚିତ।

ଭୋଟରମାନେ ଏଭଳି ମତ ଦେଇଥିବା ବେଳେ ପ୍ରାର୍ଥୀମାନେ ମଧ୍ୟ ପରସ୍ପର ବିରୋଧରେ ଥିବା ଇସ୍ୟୁ ଓ ଇସ୍ତାହାରକୁ ନେଇ ମତଦାତାଙ୍କୁ ଭେଟୁଛନ୍ତି। ଏହି ଆସନରୁ ଲଗାତର ୫ଥର ବିଜୟୀ ହୋଇଥିବା ବିଜେଡି ପ୍ରାର୍ଥୀ ମହତାବ କୁହନ୍ତି, ଓଡ଼ିଶାର ସ୍ୱାର୍ଥ ସ୍ୱାଭିମାନକୁ ଦିଲ୍ଲୀ ଦରବାରରେ ଉପସ୍ଥାପିତ କରିବା ମୋର ମୂଳ ଲକ୍ଷ୍ୟ ରହି ଆସିଛି। ବିଗତ ଦିନମାନଙ୍କରେ ରାଜ୍ୟ ସହିତ କଟକବାସୀଙ୍କ ପାଇଁ ମୁଁ ପାର୍ଲାମେଣ୍ଟରେ ଲଢେଇ କରି ଆସିଛି। ନବୀନଙ୍କ ଲୋକପ୍ରିୟତା ଓ ବିକାଶ ପୁଣି ଥରେ ବିଜେଡିକୁ ବିପୁଳ ଭୋଟରେ ବିଜୟୀ କରିବ। କଂଗ୍ରେସ ପ୍ରାର୍ଥୀ କାନୁନ୍‌ଗୋ କୁହନ୍ତି, ଦେଶରେ ଗତ ୫ବର୍ଷ ଧରି ରହିଥିବା ସରକାର ଅସ୍ଥିରତା ସୃଷ୍ଟି କରିଛନ୍ତି। ଆର୍ଥିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇଛି। ଦେଶ ଏବେ ଏ ସରକାର ଅମଳରେ ଅସୁରକ୍ଷିତ। ସେହିପରି ରାଜ୍ୟରେ ସରକାର ୧୯ବର୍ଷ ଧରି ୧୯ ମହାଦୁର୍ନୀତିରେ ସମ୍ପୃକ୍ତ ରହିଛି। ରାଜ୍ୟବାସୀଙ୍କୁ କେବଳ ଏ ସରକାର ଠକି ଚାଲିଥିବା କାନୁନ୍‌ଗୋ କହିଛନ୍ତି। ଭାଜପା ପ୍ରାର୍ଥୀ ମିଶ୍ରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ସଭା ଓ ଶୋଭାଯାତ୍ରାରେ ଥିବା କହି କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

**କଟକ ଲୋକ ସଭା ଆସନ**


ଭର୍ତ୍ତୃହରି ମହତାବ


ପ୍ରକାଶ ମିଶ୍ର


ପଞ୍ଚାନନ କାନୁନ୍‌ଗୋ

- ଧାରା ବଦଳାଇବା ଲକ୍ଷ୍ୟରେ ଭାଜପା
- ଷଷ୍ଠଥର ପାଇଁ ବିଜେଡିର ପ୍ରୟାସ

# ପ୍ରାର୍ଥୀ ନୁହେଁ, ନିର୍ଣ୍ଣାୟକ ହେବ ଦଳ ମୁଖିଆଙ୍କ ଲୋକପ୍ରିୟତା

**ମୋରଡା ବିଧାନସଭା ନିର୍ବାଚନମଣ୍ଡଳୀ**

ବାରିପଦା ଅଫିସ,୨୦।୪

ମୟୂରଭଞ୍ଜ ଜିଲାର ୯ ନିର୍ବାଚନମଣ୍ଡଳୀ ମଧ୍ୟରୁ ମୋରଡା ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ। ଏଥର ୧୩ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ବିଶେଷ କରି ବିଜେଡି, ଭାଜପା, କଂଗ୍ରେସ ଓ ଜେଏମ୍‌ଏମ୍ ଦଳର ପ୍ରାର୍ଥୀମାନେ ନିଜ ସପକ୍ଷରେ ଜନମତ ନେବାକୁ ଜୋରସୋର ପ୍ରଚାର କରୁଛନ୍ତି। ହେଲେ ଏଠାରେ କେଉଁ ଦଳର ପ୍ରାର୍ଥୀ କିଏ ତାହା ଭୋଟରମାନେ ଜାଣି ନାହାନ୍ତି। ଯାହାକୁ ନେଇ ଏବେ ରାଜନୈତିକ ଦଳ ମଧ୍ୟରେ ଚିନ୍ତା ବଢ଼ିଛି।

ଏହି ନିର୍ବାଚନମଣ୍ଡଳୀର ଶୁଳିଆପଦା ବ୍ଲକ ଅଧୀନ ପୁରୁଣାପାଣି, ଅଳାଁକୁଡା, ଫନିଆ, ମାଝିଆଣିତୋଫା ଓ ମଣ୍ଡା ଆଦି ଗାଁକୁ ଶନିବାର ଧରିତ୍ରୀ ପ୍ରତିନିଧି ଖବର ସଂଗ୍ରହ କରିବାକୁ ଯାଇ ଭୋଟରଙ୍କ ସହିତ ଆଲୋଚନା କରିଥିଲେ। ହେଲେ ଅଧିକାଂଶ ଭୋଟର ଏଯାଏଁ କାହାକୁ ଭୋଟ ଦେବେ ସେ ସମ୍ପର୍କରେ ନିଷ୍ପତ୍ତି ନେଇ ନ ଥିବା କହିଛନ୍ତି । ଅନ୍ୟପକ୍ଷେ କେଉଁ ଦଳର କିଏ ପ୍ରାର୍ଥୀ ଅଛନ୍ତି ତାହା ବି ଭୋଟରମାନେ ସ୍ପଷ୍ଟ କରିପାରି ନ ଥିଲେ। ଆଲୋଚନା ବେଳେ ପୁରୁଣାପାଣି ଗ୍ରାମର ଚମ୍ପା ଟୁଡୁ କୁହନ୍ତି ଏପର୍ଯ୍ୟନ୍ତ ତାଙ୍କ ଗାଁକୁ କୌଣସି ଦଳର ପ୍ରାର୍ଥୀ ପ୍ରଚାର ପାଇଁ ଆସି ନାହାନ୍ତି। କେଉଁ ଦଳର କିଏ ପ୍ରାର୍ଥୀ ସେ ଜାଣି ନାହାନ୍ତି ବୋଲି କହିଛନ୍ତି। ଭାସ୍କର ନାଏକ କୁହନ୍ତି ତାଙ୍କ ଗ୍ରାମକୁ କୌଣସି ପ୍ରାର୍ଥୀ ଭୋଟ ପ୍ରଚାର ପାଇଁ ଆସି ନାହାନ୍ତି। ଏଣୁ ଗ୍ରାମବାସୀ କାହାକୁ ଭୋଟ ଦେବେ ସ୍ଥିର କରି ନାହାନ୍ତି। ମାଝିଆଣିତୋଫା ଗ୍ରାମର ମାନକା ମୁର୍ମୁ ଓ ଦଶରଥ ମୁର୍ମୁ କୁହନ୍ତି ପ୍ରାର୍ଥୀମାନେ ଗାଁର କେତେଜଣ ବ୍ୟକ୍ତିଙ୍କୁ ପ୍ରଚାର କରିବାକୁ ଦାୟିତ୍ୱ ଦେଇଛନ୍ତି। ହେଲେ ବିଜେଡିରେ ସଭାପତି ନବୀନ ପଟ୍ଟନାୟକ ଓ ଭାଜପାରେ ନରେନ୍ଦ୍ର ମୋଦିଙ୍କୁ ଦେଖି ଲୋକେ ଭୋଟ ଦେବେ ବୋଲି କହିଛନ୍ତି। କାରଣ ଏଯାଏ ଏହି ଅଞ୍ଚଳକୁ ଜଣେ ହେଲେ ବି ପ୍ରାର୍ଥୀ ଆସି ନାହାନ୍ତି। ସେହିପରି ମଣ୍ଡା ଗ୍ରାମର ନାରାୟଣ ସୋରେନ, ଭାଦବ ମାରାଣ୍ଡି ଓ ଲିଲି ମାରାଣ୍ଡି ମଧ୍ୟ ଅନୁରୂପ ମତାମତ ଦେଇଛନ୍ତି। ଭୋଟରଙ୍କ ଏହି ମତକୁ ଅନୁଧ୍ୟାନ କଲେ ପ୍ରାର୍ଥୀମାନେ ଏ ପର୍ଯ୍ୟନ୍ତ ଭୋଟରଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ନ ଥିବା ସ୍ପଷ୍ଟ ହୋଇଛି ।

ରାଜନୈତିକ ସମୀକ୍ଷକ ଶରତ ନାୟକ କୁହନ୍ତି, ସ୍ଥାନୀୟ ଅଞ୍ଚଳରେ ପ୍ରାର୍ଥୀଙ୍କ ଲୋକପ୍ରିୟତା ଅପେକ୍ଷା ରାଜନୈତିକ ଦଳର ମୁଖିଆଙ୍କ ଲୋକପ୍ରିୟତା ଅଧିକ ରହିଛି। ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି, କଂଗ୍ରେସ ଓ ଜେଏମ୍‌ଏମ୍‌ର ପ୍ରାର୍ଥୀମାନେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ହୋଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଚଳିତ ନିର୍ବାଚନରେ ସମସ୍ତ ରାଜନୈତିକ ଦଳ ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀଙ୍କୁ ଟିକେଟ୍ ଦେବାକୁ ଏକ ଗଣ ଆନ୍ଦୋଳନ ହୋଇଥିଲା। କାରଣ ନିର୍ବାଚନ ପରେ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ତଥା ଲୋକଙ୍କ ସମସ୍ୟା ବୁଝିବା ପାଇଁ ଲୋକ ପ୍ରତିନିଧିଙ୍କ ଦେଖା ମିଳି ନ ଥାଏ ବୋଲି ଅଭିଯୋଗ ସାମ୍ନାକୁ ଆସିଥିଲା। ହେଲେ ରାଜନୈତିକ ଦଳ ଗୁଡିକ ଏହାକୁ ଗୁରୁତ୍ୱ ଦେଇନାହାନ୍ତି। ଅନ୍ୟପକ୍ଷରେ ପ୍ରାର୍ଥୀମାନେ କେବଳ କର୍ମୀଙ୍କ ପାଖକୁ ଯାଇ ସେମାନଙ୍କ ସହିତ ପ୍ରଚାର କରୁଥିବା ବେଳେ ଭୋଟରଙ୍କ ପାଖରେ ପହଞ୍ଚି ପାରି ନ ଥିବା ନାୟକ କହିଛନ୍ତି। ଏନେଇ ପ୍ରାର୍ଥୀମାନଙ୍କୁ ଯୋଗଯୋଗ କରାଯାଇଥିଲେ ସୁଦ୍ଧା ସେମାନେ କୌଣସି ମତାମତ ଦେଇ ନାହାନ୍ତି ।

ସୂଚନା ମୁତାବକ ଏହି ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୧୯ ହଜାର ୯୫୦ ଭୋଟର ଥିବା ବେଳେ ସେମାନଙ୍କ ମଧ୍ୟରେ ୧ ଲକ୍ଷ ୯ ହଜାର ୩୧୯ ମହିଳା ଓ ୧ ଲକ୍ଷ ୧୦ ହଜାର ୬୩୧ ପୁରୁଷ ଭୋଟର ଅଛନ୍ତି। ଭାଜପାରୁ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, କଂଗ୍ରେସରୁ ପ୍ରଭାର କର ମହାପାତ୍ର, ବିଜେଡିରୁ ରାଜକିଶୋର ଦାସ, ଜେଏମ୍‌ଏମ୍‌ରୁ କଳିଙ୍ଗ କେଶରୀ ଜେନା, ସିପିଆଇରୁ ଗିରେନ୍ଦ୍ର କୁମାର ଗୋସ୍ୱାମୀ, ବହୁଜନ ସମାଜ ପାର୍ଟିରୁ ନରେନ୍ଦ୍ର ପ୍ରଧାନ, ଝାଡଖଣ୍ଡ ପିପୁଲ୍ସ ପାର୍ଟିରୁ ରାଧାକୃଷ୍ଣ ମହାନ୍ତ, ଅଖିଳ ଭାରତୀୟ ହିନ୍ଦୁ ମହାସଭାରୁ ସନ୍ତୋଷ କୁମାର ସି ଏବଂ ୫ ଜଣ ସ୍ୱାଧୀନ ପ୍ରାର୍ଥୀ ତରୁଣ କୁମାର ମୁଦୁଲି, ବିଶ୍ୱମ୍ଭର ଦାସ, ଶ୍ରୀନାଥ ମହାନ୍ତ, ସସ୍ମିତା ଧଳ ଓ ହେମସ୍ମିତା ନାଏକ ପ୍ରମୁଖ ନିର୍ବାଚନରେ ଲଢୁଛନ୍ତି।

ସୂଚନାଯୋଗ୍ୟ, ଭାଜପାର ପ୍ରାର୍ଥୀ କୃଷ୍ଣଚନ୍ଦ୍ର ଜିଲା ଭାଜପା ସଭାପତି ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ରାଜକିଶୋର ଏହି ନିର୍ବାଚନମଣ୍ଡଳୀରେ ଗତ ୨୦୧୪ ସାଧାରଣ ନିର୍ବାଚନରେ ଭାଜପାରୁ ବିଧାୟକ ପ୍ରାର୍ଥୀ ରହିଥିଲେ। ଅଳ୍ପ କିଛି ଦିନ ତଳେ ଭାଜପା ଛାଡି ବିଜେଡି ଯୋଗ ଦେଇ ସେ ଏଥର ବିଜେଡି ପ୍ରାର୍ଥୀ ହୋଇଛନ୍ତି। ଚଳିତ ନିର୍ବାଚନରେ ମୟୂରଭଞ୍ଜ ଜିଲାରେ ଜେଏମଏମ ଏବଂ କଂଗ୍ରେସ ମେଣ୍ଟ ହୋଇଥିଲେ ମଧ୍ୟ କେବଳ ଏହି ନିର୍ବାଚନମଣ୍ଡଳୀରେ ଉଭୟ ଦଳ ପୃଥକ୍ ପୃଥକ୍ ପ୍ରାର୍ଥୀ ଦେଇଛନ୍ତି।

ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ଦେବାଶିଷ ମହାନ୍ତିଙ୍କ ସହିତ ଆଲୋଚନା କରିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ଦଳର ଜଣେ ପ୍ରତିନିଧି। ସେ ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ଦଳର ମୁଖିଆ କିମ୍ବା ସରକାରଙ୍କ ନିକଟରେ ଉପସ୍ଥାପନା କରିବେ। ତେବେ ଦଳର ମୁଖିଆ ନବୀନ ପଟ୍ଟନାୟକ ହେଉଛନ୍ତି ମୁଖ୍ୟ। ତାଙ୍କର ଲୋକପ୍ରିୟତା ଓ କାର୍ଯ୍ୟ ଯୋଗୁଁ ଦଳ ଗ୍ରାମାଞ୍ଚଳରେ ତାଙ୍କ ନାମ ଜନତା ଜନାର୍ଦ୍ଦନଙ୍କ ମାନସପଟରେ ରହିଛି। ଏଣୁ କମ ସମୟ ଥିବାରୁ ଦଳୀୟ ପ୍ରାର୍ଥୀ ସେହି ଅଞ୍ଚଳକୁ ଯାଇ ପାରିନଥିବେ। ତେବେ ସ୍ଥାନୀୟ ଅଞ୍ଚଳର କର୍ମୀ ପ୍ରଚାର କାର୍ଯ୍ୟ ଜୋରଦାର କରୁଛନ୍ତି ବୋଲି କହିଛନ୍ତି।

## ଔପଦାରେ ତିନି ଦଳର ମାରାଥନ ପ୍ରଚାର

ଔପଦା, ୨୦।୪(ଡି.ଏନ.ଏ.)

ବାଲେଶ୍ୱର ଲୋକ ସଭା ଓ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଔପଦା ବ୍ଲକ ସଦର ବଜାର ସହ ୬ଟି ପଞ୍ଚାୟତର ୩ ପ୍ରମୁଖ କଂଗ୍ରେସ, ଭାଜପା ଓ ବିଜେଡିର ବାଇକ୍ ରାଲି, ରୋଡ଼ ଶୋ' ତଥା ଗ୍ରାମ ପରିକ୍ରମାରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଛି। ଶନିବାର କଂଗ୍ରେସ ତରଫରୁ ଶହ ଶହ ସମର୍ଥକଙ୍କ ଗହଣରେ ନୀଳଗିରି ବିଧାନସଭା ପ୍ରାର୍ଥୀ ମନୋଜ ମଞ୍ଜରୀ ଦେବୀ ସ୍ଥାନୀୟ ତଳକିଆସ୍ଥ କଂଗ୍ରେସ କାର୍ଯ୍ୟାଳୟରୁ ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ଦାସ, ଯୁବନେତା ଆଶିଷ ପଟ୍ଟନାୟକ, ମୃତ୍ୟୁଞ୍ଜୟ ମୁଦୁଲି, ଆରଆରପୁର ସରପଞ୍ଚ ଉଦୟ କୁମାର ସ, ଅଘିରାପଦା ସରପଞ୍ଚ ରାଧାଗୋବିନ୍ଦ ଧଡ଼ା, କଂଗ୍ରେସ ନେତା ଅନାମ ଚରଣ ରାଉତ, ଜଗବନ୍ଧୁ ବେହେରା, ଶତ୍ରୁଘ୍ନ ମହାନ୍ତି ପ୍ରମୁଖଙ୍କ ସହ ବାହାରି ଔପଦା ବଜାର ପରିକ୍ରମା କରି ଫତେପୁରଠାରେ ପହଞ୍ଚି ସେଠାରେ ଏକ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ।



ଔପଦାରେ କଂଗ୍ରେସର ନିର୍ବାଚନୀ ପ୍ରଚାର।

ବିଜେଡି ପ୍ରାର୍ଥୀ ସନ୍ତୋଷ କୁମାର ଖଟୁଆ ଶହ ଶହ ବିଜେଡି କର୍ମୀ ଓ ସମର୍ଥକଙ୍କ ଗହଣରେ ବଡ଼ପୋଖରୀ ପଞ୍ଚାୟତସ୍ଥ ଦଳୀୟ କାର୍ଯ୍ୟାଳୟରୁ ବାଇକ୍ ରାଲି ଓ ରୋଡ଼ ଶୋ'ରେ ବାହାରି ଅଘିରାପଦା ପଞ୍ଚାୟତ ଓ ଗଡ଼ସାହି ପଞ୍ଚାୟତ ଦେଇ ଔପଦା ବଜାରରେ ପହଞ୍ଚିଥିଲେ। ବିଜେଡି ବ୍ଲକ ସଭାପତି ରମାକାନ୍ତ ମହାପାତ୍ର, ଯୁବନେତା ଅଶୋକ କୁମାର ପ୍ରଧାନ, ମହେଶ୍ୱର ରାଉତ, ଦେବାନନ୍ଦ ଦାଶ, ତଳକିଆ ସରପଞ୍ଚ ମଧୁସୂଦନ ମଲ୍ଲିକ, ପୂର୍ବତନ ସରପଞ୍ଚ କାର୍ତ୍ତିକେଶ୍ୱର ପଣ୍ଡା, ସଚ୍ଚିନ୍ଦ୍ର ଦାସ ପ୍ରମୁଖ ଏହି ରୋଡ଼ ଶୋ'ର ନେତୃତ୍ୱ ନେଇଥିଲେ।

ସେହିପରି ଭାଜପା ତରଫରୁ ନୀଳଗିରି ବିଧାନସଭା ପ୍ରାର୍ଥୀ ଇଂ. ସୁକାନ୍ତ କୁମାର ନାୟକ ତାଙ୍କ କର୍ମୀ ଓ ସମର୍ଥକଙ୍କ ଗହଣରେ ଔପଦା ବଜାର ସହ ପଞ୍ଚାୟତ ପରିକ୍ରମା କରିଥିଲେ। ଭାଜପା ତରଫରୁ ଅଜୟ କୁମାର ପ୍ରଧାନ, ଲକ୍ଷ୍ମୀକାନ୍ତ ବେହେରା, ଉପେନ୍ଦ୍ର ପଣ୍ଡା, ପର୍ଶୁରାମ ଲେଙ୍କା, ବିକ୍ରମକେଶରୀ ପାତ୍ର ଓ ବିନୟ ପଟ୍ଟନାୟକ ପ୍ରମୁଖ ବାଇକ୍ ରାଲି ଓ ପଞ୍ଚାୟତ ପରିକ୍ରମାରେ ନେତୃତ୍ୱ ନେଇଥିଲେ।

ତିନି ପ୍ରମୁଖ ଦଳର ପ୍ରାର୍ଥୀ ପଞ୍ଚାୟତ ପରିକ୍ରମା କରିବା ସମୟରେ ସାଧାରଣ ଲୋକଙ୍କ ଦୃଷ୍ଟି ପ୍ରାର୍ଥୀମାନଙ୍କ ଉପରେ ନିବଦ୍ଧ ଥିଲା। ସ୍ଥାନେ ସ୍ଥାନେ ସମର୍ଥକମାନେ ପ୍ରାର୍ଥୀମାନଙ୍କୁ ଫୁଲ ପକାଇ ବନ୍ଦାପନା କରୁଥିବା ଦେଖିବାକୁ ମିଳିଥିଲା। ନୀଳଗିରି ରାଣୀ ମନୋଜ ମଞ୍ଜରୀ ଦେବୀଙ୍କୁ ଦେଖିବା ଲାଗି ଫତେପୁର, ରାଏରାମଚନ୍ଦ୍ରପୁର ଓ ଔପଦା ସଦର ତଳକିଆ ପଞ୍ଚାୟତରେ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସେହିପରି ବିଜେଡି ପ୍ରାର୍ଥୀ ସନ୍ତୋଷ ଖଟୁଆ ନବାଗତ ହୋଇଥିବାରୁ ତାଙ୍କ ପ୍ରତି ସମର୍ଥକ, କର୍ମୀ ଓ ଭୋଟରଙ୍କ ଭିତରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।

## ପଦ୍ମ ଧରିଲେ ଅନ୍ୟ ଦଳର ଶତାଧିକ କର୍ମୀ

ଭଦ୍ରକ ଅଫିସ, ୨୦।୪

ନିର୍ବାଚନ ଯେତିକି ପାଖେଇ ଆସୁଛି ଭଦ୍ରକ ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀ ଡା. ପ୍ରଦୀପ ନାୟକଙ୍କ ପ୍ରତି ସମର୍ଥନ ବଢ଼ିବାରେ ଲାଗିଛି। ଶନିବାର ଦେବରକୁଣ୍ଡ ମଣ୍ଡଳ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ବିଧାୟକ ପ୍ରାର୍ଥୀ ପ୍ରଦୀପ ଦଳରେ ସାମିଲ ହୋଇଥିବା ଗଙ୍ଗାଧର ରାଉଳ, ଦୋଳଗୋବିନ୍ଦ ଧଳ, ଅର୍ଜୁନ ବାରିକ, ପ୍ରଫୁଲ୍ଲ ଜେନା, ଅଶୋକ ମହାପାତ୍ର, ଅବଦୁଲ ରହେମାନଙ୍କ ସମେତ ବହୁ ନୂତନ କର୍ମକର୍ତ୍ତାଙ୍କୁ ଦଳୀୟ ଟୋପି ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପୂର୍ବତନ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାସ୍କର ସାହୁଙ୍କ ସମେତ ବହୁ ଭାଜପା ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ରାଜନୀତି ନୁହେଁ, ସେବା କରିବାକୁ ଆସିଛି

ବାଲେଶ୍ୱର ଅଫିସ, ୨୦।୪

ବାଲେଶ୍ୱର ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ 'ରାଜନୀତି ନୁହେଁ, ସେବା କରିବାକୁ ଆସିଛି' ବୋଲି ଏକ ସାକ୍ଷାତକାର୍‌ରେ କହିବା ସହ ବଞ୍ଚିଥିବା ଯାଏ ବାଲେଶ୍ୱର ଲୋକଙ୍କ ପାଇଁ ସେବା କରିବି ବୋଲି କହି ଭୋଟରମାନଙ୍କୁ ମନାଉଛନ୍ତି।କଂଗ୍ରେସ ତରଫରୁ ଶନିବାର ବିଶାଳ ଜନସଭା, ବାଇକ୍ ଶୋଭାଯାତ୍ରା ଏବଂ ମାରାଥନ୍ ପ୍ରଚାର କରାଯାଇଛି। ନବଜ୍ୟୋତି ବିଧାୟକ ପ୍ରାର୍ଥୀମାନଙ୍କ ସହ ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗାଁ ବୁଲି ପ୍ରଚାର କରୁଛନ୍ତି। ପ୍ରଚାର ବେଳେ ଭୋଟରମାନେ ମଧ୍ୟ ସ୍ୱାଗତ ଜଣାଉଛନ୍ତି। ଏଥର ବାଲେଶ୍ୱରରେ ରାଜନୈତିକ ପଟ୍ଟ ପରିବର୍ତ୍ତନ ନିଶ୍ଚିତ ହେବ ବୋଲି ଏମ୍‌ପି ପ୍ରାର୍ଥୀ ଆଶାବାଦୀ ଅଛନ୍ତି।



ନିର୍ବାଚନୀ ପ୍ରଚାରରେ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ।

### ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ

## ୨ ପ୍ରାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ

**ଭଦ୍ରକ ଅଫିସ, ୨୦।୪** – ଭଦ୍ରକ ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୯ରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଗତ ମାର୍ଚ୍ଚ ୧୦ରୁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଭାଜପାର ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ଭଦ୍ରକ ବିଧାନସଭା ପ୍ରାର୍ଥୀ ଡ.ପ୍ରଦୀପ ନାୟକ ନିର୍ବାଚନ ପ୍ରଚାରରେ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ସର୍ଜିକାଲ ଷ୍ଟ୍ରାଇକ୍ ଓ ହିରୋ ଅଭିନନ୍ଦନ ଶବ୍ଦକୁ ବ୍ୟବହାର କରି ଦୁହେଁ ଏବେ ଅଡୁଆରେ ପଡ଼ିଛନ୍ତି। ଜିଲାପାଳ ତଥା ଭଦ୍ରକ ଲୋକ ସଭା ରିଟର୍ଣ୍ଣିଂ ଅଫିସର ଜ୍ଞାନରଞ୍ଜନ ଦାସ ପ୍ରାର୍ଥୀ ଅଭିମନ୍ୟୁ ଓ ଉପଜିଲାପାଳ ତଥା ଭଦ୍ରକ ବିଧାନସଭା ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ ପ୍ରାର୍ଥୀ ଡ. ପ୍ରଦୀପଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିସହ ଅନ୍ୟ ସମସ୍ତ ପ୍ରାର୍ଥୀଙ୍କୁ ମଧ୍ୟ ଏଭଳି କୌଣସି ବିଷୟ ନିଜର ନିର୍ବାଚନ ପ୍ରଚାରରେ ବ୍ୟବହାର ନ କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଭାଜପାର ବାଇକ୍ ଶୋଭାଯାତ୍ରା, ନିର୍ବାଚନୀ ସଭା

**ବାସୁଦେବପୁର,୨୦।୪(ଡି.ଏନ.ଏ.)**– ଭଦ୍ରକ ଜିଲା ବାସୁଦେବପୁରରେ ଭାଜପା ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ସହ ପଡୁଁଆ କ୍ଷୀରେଶ୍ୱର ମହାଦେବଙ୍କ ପଡ଼ିଆରେ ନିର୍ବାଚନୀ ସଭା ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ କର୍ମୀଙ୍କ ବାଇକ୍ ଶୋଭାଯାତ୍ରା ବ୍ଲକ ରୋଡ୍‌ରୁ ବାହାରିଥିଲା। ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକ ଶୋଭାଯାତ୍ରାରେ ବାହାରି ଭୋଟ ପ୍ରଚାର କରିଥିଲେ। ଏଥିସହ ନଦୀଘେରା ଅଞ୍ଚଳ ଆଡୁଁ, ସୁଦର୍ଶନପୁର, କୁମାରପୁର, ପଡୁଁଆ, ଜଗନ୍ନାଥପୁର, ଅଡୁଁଆ, ଇରମ, ନୂଆଗାଁ, ଚୂଡାମଣି ଆଦି ପଞ୍ଚାୟତ ସମେତ ପୌରପାଳିକାର କେତେକ ୱାର୍ଡ ପରିକ୍ରମା କରିଥିଲେ। ଅପରାହ୍ନରେ ପଡୁଁଆ କ୍ଷୀରେଶ୍ୱର ମହାଦେବଙ୍କ ପଡ଼ିଆରେ ନିର୍ବାଚନ ସଭା ଅନୁଷ୍ଠିତ ହୋଇଥିଲା। ଜୟପ୍ରକାଶ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ଓ ବିଧାୟକ ପ୍ରାର୍ଥୀ ମାଧବାନନ୍ଦ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଆଧାର କରି ନିଜ ସପକ୍ଷରେ ଭୋଟ ମାଗିଥିଲେ। ଭାଜପା ନିର୍ବାଚନମଣ୍ଡଳୀ ପ୍ରଭାରୀ ଅମ୍ବିକା ଦାସ, ଜିଲା ଉପସଭାପତି ଅଶୋକ ସାହୁ, ଜିଲା ସାଧାରଣ ସମ୍ପାଦକ ମଧୁସୂଦନ ପାତ୍ରୀ, ଯୁବନେତା ଦୁର୍ଗା ଦାସ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପଣ୍ଡା, ରକ୍ତତୀର୍ଥ ମଣ୍ଡଳ ସଭାପତି ନିର୍ମଳ ପଣ୍ଡା, ପୂର୍ବତନ ନଗରପାଳ, ପଞ୍ଚାନନ ସେନାପତି, ନରହରି ମହାକୁଡ, ପ୍ରତାପ ସେନାପତି ପ୍ରମୁଖ ବକ୍ତବ୍ୟ ରଖି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟଭିକ୍ଷା କରିଥିଲେ।


ଭାରତୀୟ ରିଜର୍ଭ ବ୍ୟାଙ୍କ
ଅଣ-ବ୍ୟାଙ୍କିଙ୍ଗ୍ ପର୍ଯ୍ୟବେକ୍ଷଣ ବିଭାଗ, ଭୁବନେଶ୍ୱର

**ସାବଧାନ !!!**

**ଆପଣଙ୍କ କଷ୍ଟ ଅର୍ଜିତ ଧନର ବିନିଯୋଗ / ଜମା କରିବା ପୂର୍ବରୁ ଚିନ୍ତା କରନ୍ତୁ !!!**

**ଲୋଭ ଦୁଃଖର କାରଣ**

୧. ଆପଣଙ୍କ କଷ୍ଟଲବ୍ଧ ଧନକୁ କୌଣସି ସଂସ୍ଥାରେ ଜମା କରିବା ପୂର୍ବରୁ ଉକ୍ତ ସଂସ୍ଥା ଆର ବି ଆଇ/ସେବି/ଏନ୍ ଏଚ୍ ବି/ଆଇ ଆର ଡି ଏ ଆଇ/ରାଜ୍ୟ ସରକାରଙ୍କ ଅଧିନରେ ପଞ୍ଜିକୃତ ବୋଲି ସୁନିଶ୍ଚିତ କରନ୍ତୁ ।
୨. ପ୍ରୋସେସିଂ ଫିଜ, ଟାକ୍ସ କିମ୍ବା ଅନ୍ୟାନ୍ୟ ଖର୍ଚ୍ଚ ନାମରେ ଟଙ୍କା ଜମା ପାଇଁ ଏସ୍ ଏମ୍ ଏସ୍ / ଇ-ମେଲ୍ / ଫୋନ କଲ୍ କିମ୍ବା ସୋସିଆଲ୍ ମିଡିଆ ଯେପରିକି ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଇତ୍ୟାଦି ମାଧ୍ୟମରେ ଯଚା ଯାଉଥିବା ଉପହାର/ଲଟେରୀ ପ୍ରାଇଜ୍ ମନି/ଲୋନ୍ ଇତ୍ୟାଦି ପ୍ରତି ପ୍ରଲୋଭିତ / ଆକର୍ଷିତ ହୁଅନ୍ତୁ ନାହିଁ । ମନେରଖନ୍ତୁ, ଏହି ସବୁ ପ୍ରସ୍ତାବ କେବଳ ଠକାମି ଛଡ଼ା ଅନ୍ୟ କିଛି ନୁହେଁ ।
୩. ଆର ବି ଆଇ / ଆଇ ଆର ଡି ଏ ଆଇ / ଆୟକର ବିଭାଗ ଇତ୍ୟାଦିର ନାମକୁ ବ୍ୟବହାର କରି ଟଙ୍କା ବିନିଯୋଗ କରିବା ଏବଂ ବୋନସ୍ / ଅଧିକ ଲାଭ / ଅଧିକ ରିଟର୍ଣ୍ଣ / ଉପହାର ଇତ୍ୟାଦି ପ୍ରଦାନ କରିବା ପାଇଁ ଉତ୍ସାହିତ କରୁଥିବା ନକଲି ଫୋନ କଲ୍ ଏବଂ ଇ-ମେଲ୍ ଠାରୁ ସାବଧାନ ରୁହନ୍ତୁ ।
୪. କୌଣସି କମ୍ପାନୀ ସଂଗୃହିତ ଜମାରାଶି ଉପରେ ବାର୍ଷିକ ୧୨.୫% ରୁ ଅଧିକ ସୁଧ ପ୍ରଦାନ କରି ପାରିବ ନାହିଁ । ଅଧିକ ସୁଧର ପ୍ରତିଶୃତି ମାନେ ହିଁ ଜାଣିବେ ଅଧିକ ବିପଦ ।
୫. ବହୁ ରାଜ୍ୟ (ମଲ୍ଟି ଷ୍ଟେଟ୍) ସମବାୟ ସମିତି ଗୁଡିକ ଦ୍ୱାରା ଜନସାଧାରଣଙ୍କ ଠାରୁ / ନାମମାତ୍ର ସଭ୍ୟ ଆଦିଙ୍କ ଠାରୁ ଜମା ଗ୍ରହଣ କରିବା ନିଷିଦ୍ଧ କରାଯାଇଛି ।

**ଦୁଃଖ ଭୋଗିବା ଅପେକ୍ଷା ନିରାପଦରେ ରହିବା ଭଲ ।**

ଅଧିକ ଜାଣିବା ପାଇଁ ଏହି ଟେଲିଫୋନ ନମ୍ବର ଅଥବା ଇ-ମେଲ୍ ରେ ଯୋଗାଯୋଗ କରନ୍ତୁ ।
ଭାରତୀୟ ରିଜର୍ଭ ବ୍ୟାଙ୍କ : 1800-345-7154
ଇ-ମେଲ୍ : dnbsbhubaneswar@rbi.org.in

ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ଜନହିତରେ ଜାରି ।



**DECLARATION ABOUT CRIMINAL CASES**

(As per the judgement dated 25th September, 2018 of Hon'ble Supreme Court in WP, (Civil) No-536 of 2011 (Public interest Foundation & Ors. Vs. Union of India & Anr.)

Name and Address of Candidate: Parshuram Dhada, S/o- Kunjabihari Dhada, At- Khandasahi, Soro, Balasore.
Name of Political Party: Biju Janata Dal
(Independent candidates should write "Independent" here)
Name of Election: Odisha Legislative Assembly
*Name of the Constituency: 41, Soro (SC).

I, Parshuram Dhada, a Candidate for the above mentioned election, declare for public information the following details about my criminal antecedents:-

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | Name of Court | Case No. and status of case | Section(s) of Acts concerned and brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | JMFC, Soro | G.R. case No. 205/09 Pending for hearing of this case. | U/s, 188, 427 IPC U/s. 188 IPC- Disobedience to order duly promulgated by public servant, Us/. 427 IPC-Mischief causing damage to the amount of fifty rupees. | No conviction | No conviction |

Sd./- Parshuram Dhada



**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, GANJAM, BERHAMPUR**

**CORRIGENDUM**

The last date of receipt of sealed tenders for CBMWTF (Common Bio Medical Waste Treatment Facility) is here by extended up to 07.05.2019, 05:00 P.M. which will be opened on 08.05.2019 at 04:00 P.M. in pursuance to previous Advt. No.3893/18-19 Dt: 28.02.2019 and subsequent corrigendum on 27.03.2019. The details of Tender Terms & Conditions is available in District website **www.ganjam.nic.in.**

**Sd./- Chief District Medical and Public Health Officer, Ganjam, Berhampur**



THE ODISHA MINING CORPORATION LTD.
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**CORRIGENDUM-5**

**SELECTION OF MINE DEVELOPER AND OPERATOR (MDO) FOR KURMITAR IRON ORE MINE**

**Reference: RFP No. 32/OMC/PROJ/13, Dated 02.03.2019**

In inviting reference to the above RFP document, it is for the information of all interested bidders that, after careful examination of the pre-bid queries received from prospective bidders, corrigendum / addendum to the above bid document has been prepared and uploaded in the website of MSTC (**www.mstcecommerce.com/eprochome/omc**) on 20.04.2019 under the title "CORRIGENDUM -5", for amending the RFP, IMSA & Appendices thereto, which shall be binding on the Bidders. This corrigendum/ addendum shall be construed to form the original part of the bidding document.

Further the responses to the pre-bid queries are also uploaded under the title "Response to pre-bid queries" in the website of MSTC.

The revised bid document considering the above corrigendum/ addendum along with any other changes, if felt necessary shall be uploaded in the website of MSTC (**www.mstcecommerce.com/eprochome/omc**).

Interested bidders are requested to download the above documents from the website of MSTC (**www.mstcecommerce.com/eprochome/omc**). Sd/-

**General Manager (Projects)**





## ସଂକ୍ଷେପରେ

### ପାନୀୟ ଜଳ ଯୋଗାଣ ଦାବିରେ ମହିଳାଙ୍କ ରାସ୍ତା ଅବରୋଧ

**ବିଶୋଇ,୨୦।୪(ଡି.ଏନ.ଏ.)**-ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକର ଖଡ଼ମବେଡା ପଞ୍ଚାୟତ ଅଧୀନ କାଦପାଣି ଗ୍ରାମର ବଡ଼ସାହି ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ଏ ଦିଗରେ ସ୍ଥାନୀୟ ଜନପ୍ରତିନିଧି କିମ୍ବା ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଶନିବାର ଗ୍ରାମର ଶତାଧିକ ମହିଳା ଗରା ଧରି ବିଶୋଇ ଦେଇ ଯାଇଥିବା ୪୯ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖବରପାଇ ବିଶୋଇ ଥାନା ଆଇଆଇସି କୁନି ବେଶ୍ରା ଓ ଏସଆଇ ବେଦପ୍ରକାଶ ନନ୍ଦ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରିବାର ଦୀର୍ଘ ୪୫ ମିନିଟ ପରେ ରାସ୍ତା ଅବରୋଧ ହଟିଥିଲା।

### ଜଳେଶ୍ୱରରେ ନବଜ୍ୟୋତିଙ୍କ ରୋଡ ଶୋ

**ଜଳେଶ୍ୱର,୨୦।୪(ଡି.ଏନ.ଏ.)**- ବାଲେଶ୍ୱର ଲୋକ ସଭା କଂଗ୍ରେସର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଶୁକ୍ରବାର ଜଳେଶ୍ୱର ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସଙ୍କ ସହ ଜଳେଶ୍ୱର ସହରରେ ରୋଡ଼ ଶୋ କରି ପ୍ରଚାର ଜୋରଦାର୍ କରିଥିଲେ। ୭ ହଜାରରୁ ଊର୍ଦ୍ଧ୍ୱ କର୍ମୀ ତଥା ସମର୍ଥକ ଏଥିରେ ସାମିଲ ହୋଇଥିଲେ। ଏହାପରେ ଲକ୍ଷ୍ମଣନାଥଠାରେ ଆୟୋଜିତ ସଭାରେ ନବଜ୍ୟୋତି ଓ ସୁଦର୍ଶନ ସମବେତ ହଜାର ହଜାର ଦଳୀୟ କର୍ମୀ, ସମର୍ଥକ ଓ ସାଧାରଣ ଭୋଟରଙ୍କୁ ଚଳିତ ନିର୍ବାଚନରେ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୀବ ଗିରି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର କଂଗ୍ରେସ ନେତା ତଥା ପୂର୍ବତନ ନଗରପାଳ ସୁନୀଲ କୁମାର ପରିଡ଼ା, ଜିଲା କାର୍ଯ୍ୟକାରୀ ସଭାପତି ତପନ ଦାସ, ଟାଉନ ସଭାପତି ରିୟାଜ ଖାନ୍, ଯୁବନେତା ଦୁଲାଲ ଦାସ, ପଦ୍ମଲୋଚନ ବେହେରା, ସବ୍ୟସାଚୀ ଦାସ ପ୍ରମୁଖ ସଭାରେ ଯୋଗ ଦେଇଥିଲେ।

# ଘୋଡ଼ାନାଚରେ ଦୁଲୁକୁଛି ଗାଁ ଦାଣ୍ଡ

**ଆରଡ଼ି,୨୦।୪ (ଡି.ଏନ.ଏ.)**

ଚଇତି ପୂନେଇଁ ଆସିଲେ କୈବର୍ତ୍ତ ଓ ନିଆରୀ ସମ୍ପ୍ରଦାୟ ଉଲ୍ଲସିତ ହୋଇଉଠନ୍ତି। ଘରେ ଘରେ ଝୋଟି ପଡ଼ିବା ସହ ପିଠାପଣାର ଆସର ଜମେ। ୫ ଦିନ ଧରି ଚାଲେ ଏହି ପର୍ବ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଖୁସିରେ ମସଗୁଲ ହୁଅନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବୋଡକ ଗାଁରେ ଶୁକ୍ରବାରଠାରୁ ଏହି ପର୍ବ ଆରମ୍ଭ ହୋଇଛି। ଘୋଡ଼ାନାଚରେ ଗାଁ ଦାଣ୍ଡ ଦୁଲୁକୁଛି। ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଚାଲୁ ରହିବ ବିଭିନ୍ନ ପାରମ୍ପରିକ କାର୍ଯ୍ୟକ୍ରମ। କେବଳ ଏହି ୨ ସମ୍ପ୍ରଦାୟ ନୁହେଁ ଏଠାରେ ବସବାସ କରୁଥିବା ଅନ୍ୟ ସମ୍ପ୍ରଦାୟର ଲୋକେ ମଧ୍ୟ ପର୍ବରେ ନିଜକୁ ସାମିଲ କରି ଭାଇଚାରାର ସମ୍ପର୍କ ବଜାୟ ରଖିଛନ୍ତି। ଉତ୍ସବର ପ୍ରଥମ ଦିନରେ ବ୍ୟବହୃତ ଡଙ୍ଗା, ଜାଲ, ଢିଙ୍କି ଆଦି ପୂଜା ମଣ୍ଡପରେ ପୂଜା ଉଦ୍ଦେଶ୍ୟରେ ରଖାଯାଇଥିଲା। ପର୍ବରେ ଏହି ଗାଁର ବିଶେଷ ଆକର୍ଷଣ ହେଲା ଘୋଡ଼ାନାଚ। ପରବ ସମୟରେ ଏକ କାଠଘୋଡ଼ାକୁ ସୁସଜ୍ଜିତ କରାଯାଇ ପୂଜା ମଣ୍ଡପରେ ରଖାଯାଇଥିଲା। ସକାଳେ ଓ ସନ୍ଧ୍ୟାରେ ଘୋଡ଼ାନାଚ ପରିବେଷଣ କରାଯାଉଛି। ପୁରୁଷ ପୁରୁଷ ଧରି ଏହି ଘୋଡ଼ାନାଚ ପରମ୍ପରା ଗାଁ ଐତିହ୍ୟ ଓ ପ୍ରଥାର ପ୍ରଚାର କରୁଛି। ଘୋଡ଼ାନାଚ ଦେଖିବା ପାଇଁ ଆଖପାଖ ଗାଁରୁ ଶହ ଶହ ଦର୍ଶକଙ୍କ ଭିଡ଼ ଜମୁଛି। ଘଣ୍ଟା ଘଣ୍ଟା ଧରି ଚାଲୁଛି ଏହି ନାଚ। ସେହିପରି ରାତିରେ ପାଲାର ଆୟୋଜନ କରାଯାଇଛି।



ପୂଜା ମଣ୍ଡପ ନିକଟରେ ଚଇତି ଘୋଡ଼ାନାଚ ପରିବେଷଣ।

## ସବୁଜ ପତ୍ରିକାଧାରୀ ମହାସଂଘର ବୈଠକ

**ଭଦ୍ରକ ଅଫିସ,୨୦।୪**

ଓଡ଼ିଶା ସବୁଜପତ୍ରିକାଧାରୀ ମହାସଂଘର ସଦସ୍ୟା ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସେମାନଙ୍କ ପରିବାରର ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ବିଗତ ବର୍ଷରେ ମହାସଂଘର ସଦସ୍ୟାଙ୍କ ପିଲାଙ୍କ ପାଇଁ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ଓ ନିଯୁକ୍ତି କ୍ଷେତ୍ରରେ ଥଇଥାନ ପାଇଁ ବିଭିନ୍ନ ରାଜନୈତିକ ଦଳ ନିକଟରେ ସଂଘ ଦାବି କରିଆସିଛି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳ ଏ ଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏହି ପରିପ୍ରେକ୍ଷୀରେ ମହାସଂଘର ଏକ ବୈଠକ ପୂର୍ବରୁ ଅନୁଷ୍ଠିତ ହୋଇ ଏ ସମ୍ପର୍କରେ ଭଦ୍ରକ ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀ ଡା. ପ୍ରଦୀପ ନାୟକଙ୍କୁ ଅବଗତ କରିବାକୁ ସ୍ଥିର ହୋଇଥିଲା। ଏଥିସହ ସଂଘର ଦାବି ପ୍ରତି ଡା. ପ୍ରଦୀପ ଅଙ୍ଗୀକାରବଦ୍ଧତା ପ୍ରକାଶ କଲେ ତାଙ୍କୁ ଆଗାମୀ ନିର୍ବାଚନରେ ମହାସଂଘ ସମର୍ଥନ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଶୁକ୍ରବାର ଭାଗବତ କଲ୍ୟାଣ ମଣ୍ଡପଠାରେ ମହାସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା କାନ୍ତକବି ମଣ୍ଡଳର ମହିଳା ସଭାନେତ୍ରୀ କଳ୍ପନା ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଭାଜପା ପ୍ରାର୍ଥୀ ଡା. ପ୍ରଦୀପ ବୈଠକରେ ଯୋଗଦେଇ ସବୁଜପତ୍ରିକାଧାରୀ ମହାସଂଘର ଦାବିକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ନିର୍ବାଚନରେ ଡା. ପ୍ରଦୀପଙ୍କ ବିଜୟ ପାଇଁ ମହାସଂଘ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ଜିଲା ସଂଯୋଜିକା ସସ୍ମିତା ଲେଙ୍କା ବୈଠକରେ ଘୋଷଣା କରିଥିଲେ। ସଂଘର ସୁକାନ୍ତି ମିଶ୍ର, ପଦ୍ମିନୀ ଦ୍ୱିବେଦୀ, ସୁମିତ୍ରା ପାଣି, ନବନିତା ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭଦ୍ରକ ବ୍ଲକର ୨୫ ପଞ୍ଚାୟତର ମହାସଂଘ ସଦସ୍ୟା ଉପସ୍ଥିତ ଥିଲେ।

## ବିଷ୍ଣୁବ୍ରତଙ୍କ ପ୍ରଚାର ଜୋରଦାର

**ତିହିଡ଼ି,୨୦।୪(ଡି.ଏନ୍.ଏ.)**– ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକରେ ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କ ପ୍ରଚାର ଜୋରଦାର ହୋଇଛି। ବିଷ୍ଣୁବ୍ରତ ଶନିବାର ତିହିଡ଼ିସ୍ଥିତ ବିଜେଡି କାର୍ଯ୍ୟାଳୟରୁ ବାଇକ୍ ଶୋଭାଯାତ୍ରାରେ ବାହାରି ବ୍ଲକର ଫତେପୁର ଓ କୋହ୍ଲ ପଞ୍ଚାୟତ ପରିକ୍ରମା କରିଥିଲେ। ପ୍ରଥମେ ଫତେପୁର ପଞ୍ଚାୟତର ବିଭୁତିପୁର ଗ୍ରାମସ୍ଥିତ ଗୋପୀନାଥଙ୍କ ମନ୍ଦିରରେ ସେ ପୂଜାପାଠ କରିଥିଲେ। ପରେ ବଡ଼ଗାଲୋ, ମୂଷାଙ୍ଗ ଆଦି ଗ୍ରାମ ପରିକ୍ରମା କରିଥିଲେ। ପ୍ରାର୍ଥୀ ବିଷ୍ଣୁବ୍ରତଙ୍କ ସହ ବ୍ଲକ ସଭାପତି ରଘୁନାଥ ପଣ୍ଡା, କାର୍ଯ୍ୟକାରୀ ସଭାପତି ବିଜୟ ନାୟକ, ବରିଷ୍ଠ ନେତା ସୁରେନ୍ଦ୍ର ନାୟକ, ଜିଲାପରିଷଦ ସଭ୍ୟା ରୀତାଞ୍ଜଳି ପାତ୍ର, ଯୁବ ବିଜେଡି ସଭାପତି ଉତ୍ତମ ମହାପାତ୍ର, ସରପଞ୍ଚଙ୍କ ପ୍ରତିନିଧି ନିତ୍ୟାନନ୍ଦ ବେହେରା, କୈଳାସ ରାଉଳ, ସମିତିସଭ୍ୟ ସୌମ୍ୟରଞ୍ଜନ ପରିଡ଼ା, ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

## ଯୁବତୀଙ୍କୁ ପ୍ରତାରଣା ମାମଲା:ଅଭିଯୁକ୍ତଙ୍କୁ ବର୍ଷେ ଜେଲ

**ରାଇରଙ୍ଗପୁର,୨୦।୪(ଡି.ଏନ.ଏ)**– ଜଣେ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖି ଗର୍ଭବତୀ କରିବା ମାମଲାର ବିଚାର କରି ଶନିବାର ସ୍ଥାନୀୟ ରାଇରଙ୍ଗପୁର ଏସଡିଜେଏମ୍ ରାକେଶ କୁମାର ମୁଦୁଲି ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ବର୍ଷେ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ୧ମାସ କାରାଦଣ୍ଡ ଭୋଗିବାକୁ ମାଜିଷ୍ଟ୍ରେଟ ତାଙ୍କ ରାୟରେ କହିଛନ୍ତି।

## ଗୀତିକବି ନୀଳମଣିଙ୍କ ଶ୍ରାଦ୍ଧବାର୍ଷିକୀ ସଭା

**ଭଦ୍ରକ ଅଫିସ,୨୦।୪**

ଗୀତିକବି ସ୍ୱର୍ଗତ ନୀଳମଣି ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭଦ୍ରକ ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ କବିଙ୍କ ବାସଭବନ ବରାଳପୋଖରୀଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଅଭିବକ୍ତା ନିରାକାର ଜେନା ପୌରୋହିତ୍ୟ କରିଥିଲେ। ଡ. ପଦ୍ମଲୋଚନ ମହାକୁଡ଼ ଏହାକୁ ଉଦ୍‌ଘାଟନ କରିଥିଲେ। କବି କୈଳାସ ଚନ୍ଦ୍ର ମହାପାତ୍ର ବେଦପାଠ ଓ ମଞ୍ଚର ସମ୍ପାଦକ ଉମାକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅଟଳ ବିହାରୀ ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଇଂ. ଅଭୟ ସୂତାର, ଡ. ରମାକାନ୍ତ ନାୟକ, କବି ବଳରାମ ପାଣିଗ୍ରାହୀ ଯୋଗଦେଇ କବି ନୀଳମଣିଙ୍କ କବିତା ପୁସ୍ତକ 'ବିଂଶ ବାହୁର ବିଚିତ୍ର ବିଚାର' ଓ ଅନ୍ୟ ୨୧ ଖଣ୍ଡ ପୁସ୍ତକ ଉପରେ ଆଲୋଚନା କରିଥିଲେ।

■ ମାନସଙ୍କ ମାରାଥନ୍ ପ୍ରଚାର

## ଘରକୁ ଘର ବୁଲି ଭୋଟଭିକ୍ଷା

**ବାଲେଶ୍ୱର ଅଫିସ,୨୦।୪**–ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମାନସ ଦାସପଟ୍ଟନାୟକ ପ୍ରଚାରକୁ ଜୋରଦାର୍ କରିବା ସହ ନେତା ଓ କର୍ମୀଙ୍କ ସହ ମିଶି ଘରକୁ ଘର ଯାଇ ଭୋଟ ପାଇଁ ନିବେଦନ କରୁଛନ୍ତି। ଗତ ୨୦୧୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସଦର ନିର୍ବାଚନମଣ୍ଡଳୀରୁ ପ୍ରତିଯୋଗିତା କରି ୨୫ହଜାରରୁ ଊର୍ଦ୍ଧ୍ୱ ଭୋଟ ହାତେଇ ଥିବାବେଳେ ଚଳିତ ନିର୍ବାଚନରେ କଂଗ୍ରେସ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ପ୍ରଦାନ କରିଛି। ଏନେଇ ମାନସ ସମସ୍ତ ଦଳୀୟ କର୍ମୀଙ୍କୁ ଏକାଠି କରି ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହେଉଛନ୍ତି।

ଶନିବାର ସେ ଘରକୁ ଘର ଯାଇ କ୍ୟାମ୍ପେନିଂ କରିବା ସହ ରାଇସୁଆଁ, ଦୁବଲାଗଡ଼ି, ବଇଁଚା, ଗୋପୀନାଥପୁର, ଅରଡ଼ବଜାର, ଦରଜିପୋଖରୀ, ଗୋଳାପୋଖରୀ, ଦରଘାମଇଦାନ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ଏହି ନିର୍ବାଚନମଣ୍ଡଳୀରେ ଦୀର୍ଘଦିନ ଧରି ଶିଳ୍ପର ବିକାଶ ଠପ୍ ହୋଇ ରହିଥିବା କହି ମାନସ ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦଗାର କରିଥିଲେ। କଂଗ୍ରେସ ଆସିଲେ ଯୁବ, ଚାଷୀ, ମହିଳାଙ୍କର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଗ୍ୟାରେଣ୍ଟି କାର୍ଡ଼ ମାଧ୍ୟମରେ ପ୍ରତିଶ୍ରୁତି ଦେଉଥିବା ପ୍ରକାଶ କରି ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ।



କଂଗ୍ରେସ ବିଧାୟକ ପ୍ରାର୍ଥୀ ମାନସ ଦାସପଟ୍ଟନାୟକ ଜଣେ ଭୋଟରଙ୍କୁ ମନାଉଛନ୍ତି।

DSPL - 05





ପଶୁପକ୍ଷୀଙ୍କୁ ଅଂଶୁଘାତରୁ ରକ୍ଷା ପାଇଁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ

- ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟାଣ ଖରାରେ ଗୋରୁଙ୍କୁ ବାହାରକୁ ନଛାଡ଼ି ଗୁହାଳରେ କିମ୍ବା ଛାଇ ସ୍ଥାନରେ ରଖନ୍ତୁ।
- ପଶୁପକ୍ଷୀଙ୍କୁ ଆବଦ୍ଧ ଘରେ ନରଖି ମୁକ୍ତ ବାୟୁ ଚଳାଚଳ ଘରେ ରଖନ୍ତୁ ଏବଂ ଅଯଥାରେ ଗହଳି କରି ରଖିବାକୁ ଦିଅନ୍ତୁ ନାହିଁ।
- ପ୍ରାଣୀଙ୍କୁ ଖରା ସମୟରେ ହଳ କାର୍ଯ୍ୟ, ବେଙ୍ଗଳା ପକା, ତେଲ ଘଣା, ପରିବହନ ଆଦି କାର୍ଯ୍ୟରେ ନିୟୋଜିତ କରନ୍ତୁ ନାହିଁ।
- ପ୍ରାଣୀଙ୍କ ଖାଦ୍ୟରେ ଦୈନିକ ଧାତବ ଲବଣ ମିଶ୍ରିତ ଭିଟାମିନ୍ ଗୁଣ୍ଡ ୪ରୁ ୬ଚାମଚ ଓ ଲୁଣ ୫୦ ଗ୍ରାମ ଖାଇବାକୁ ଦିଅନ୍ତୁ।
- ପୋଷା ପଶୁପକ୍ଷୀଙ୍କୁ ନିବୁଜ ଗାଡ଼ି ବା କ୍ରେଟ୍ ମଧ୍ୟରେ ପରିବହନ ବା ସ୍ଥାନାନ୍ତରିତ କରନ୍ତୁ ନାହିଁ।
- ପଶୁପକ୍ଷୀମାନଙ୍କୁ ସ୍ୱଚ୍ଛ ଥଣ୍ଡା ପିଇବା ପାଣି ପିଇବାକୁ ଦିଅନ୍ତୁ ଏବଂ ବାହାରର ନାଳ, ନର୍ଦ୍ଦମା ବା ପୋଖରୀର ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ।
- ପ୍ରାଣୀଙ୍କ ବିଶ୍ରାମ ସ୍ଥାନ ବା ଗୋଠରେ ଜଳକୁଣ୍ଡର ବ୍ୟବସ୍ଥା କରନ୍ତୁ।
- ଗୁହାଳର ଆଜ୍‌ବେଷ୍ଟସ କିମ୍ବା ଟିଣ ଛପର ଉପରେ ନଡ଼ା କିମ୍ବା କଞ୍ଚା ଡ଼ାଳପତ୍ର ବିଛାଇ ରଖନ୍ତୁ।
- ଗୁହାଳ ଓ କୁକୁଡ଼ା ଘର କବାଟ ଝରକାରେ ଜାଲି ଥିବା ଓଦା ଅଖା ଝୁଲାନ୍ତୁ ଏବଂ ମଝିରେ ମଝିରେ ପାଣି ସିଞ୍ଚନ କରନ୍ତୁ।
- ପ୍ରାଣୀଙ୍କୁ ଦିନକୁ ଥରେ କମ୍ବା ଆବଶ୍ୟକସ୍ଥଳେ ୨ ରୁ ୩ଥର ଗାଧୋଇ ଦିଅନ୍ତୁ।
- କୁକୁଡ଼ା ଘରର ଲିଟରକୁ ଉପଯୁକ୍ତ ପରିଚାଳନା କରିବା ସଙ୍ଗେ ସଙ୍ଗେ ପିଇବା ପାଣି ପ୍ରତି ୨-୩ ଘଂଟା ବ୍ୟବଧାନରେ ବଦଳାନ୍ତୁ।
- ପ୍ରାଣୀଙ୍କୁ ସକାଳେ ଓ ସନ୍ଧ୍ୟାବେଳେ ପୁଷ୍ଟିକର ସନ୍ତୁଳିତ ଖାଦ୍ୟ ଖାଇବାକୁ ଦେବା ସହିତ ଦିନରେ ସବୁଜ ଘାସ, ନଡ଼ା, କୁଟା ଆଦି ଗାଈକୁ ଖାଇବାକୁ ଦିଅନ୍ତୁ।
- **ପ୍ରାଣୀଙ୍କୁ ଅଂଶୁଘାତ ହେବାର ଲକ୍ଷଣଗୁଡ଼ିକ ହେଲା :** ପଶୁପକ୍ଷୀମାନେ କିଛି ଖାଆନ୍ତି ନାହିଁ, କ୍ଷୀଣ ଦୁର୍ବଳ ଅବସନ୍ନ ଦେଖାଯାନ୍ତି, ଶ୍ୱାସକ୍ରିୟା ଓ ନାଡ଼ିର ବେଗ ବଢ଼ିଯାଏ, ପାଟି ବାଟେ ନିଶ୍ୱାସ ନେବା ସହିତ ଧକେଇ ହୁଅନ୍ତି, ଜିଭ ପଦାକୁ ସମୟେ ସମୟେ ବାହାରିଥାଏ, ପାଟିରୁ ଓ ନାକପୁଡ଼ାରୁ ଫେଣ ପରି ନିର୍ଗତ ହୁଏ, ଆଖିର ଶ୍ଳେଷ୍ମାଝିଲ୍ଲୀ ଲାଲ ଦିଶେ, ଫୁସ୍‌ଫୁସ୍‌ର ଗତି ବଦଳିଯାଏ, ଶରୀରର ଉତ୍ତାପ ୧୦୬-୧୧୦ ଡିଗ୍ରୀ ଫାରେନ୍‌ହାଇଟ ବୃଦ୍ଧି ପାଇ ସ୍ଥିର ରୁହେ, ଶ୍ୱାସକେନ୍ଦ୍ର ଏବଂ ସ୍ନାୟୁରେ ପକ୍ଷାଘାତ ବା ପାରାଲିସିସ୍ ହୁଏ, ଶେଷଆଡ଼କୁ ଶରୀରର ଉତ୍ତାପ କମିଯାଏ ଏବଂ ପ୍ରାଣୀମାନେ ମୃତ୍ୟୁବରଣ କରନ୍ତି।
- ପ୍ରାଣୀଙ୍କୁ ଅଂଶୁଘାତ ହେଲେ ଆକ୍ରାନ୍ତ ପ୍ରାଣୀଙ୍କୁ ତୁରନ୍ତ ଥଣ୍ଡା ଛାଇ ସ୍ଥାନକୁ ସ୍ଥାନାନ୍ତରିତ କରନ୍ତୁ, ପ୍ରଚୁର ଥଣ୍ଡା ପିଇବା ପାଣି ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ପରାମର୍ଶ ସହ ସ୍ଥାନୀୟ ନିୟୋଜିତ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ବ୍ୟବସ୍ଥାର ସାହାଯ୍ୟ ନିଅନ୍ତୁ।



"ମନେରଖନ୍ତୁ:ଅଂଶୁଘାତରୁ ପଶୁପକ୍ଷୀଙ୍କୁ ରକ୍ଷା କରିବା ଆପଣଙ୍କର ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ। ଏଥିରେ ଅବହେଳା କରନ୍ତୁ ନାହିଁ।"

ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ,
ଓଡ଼ିଶା, କଟକ

06042/13/0001/1920

ଅଂଶୁଘାତ ପ୍ରତି
ସାବଧାନ !

DSPL-506

- ଟାଣ ଖରାରେ ପଦାକୁ ବାହାରନ୍ତୁ ନାହିଁ।
- କଠିନ ପରିଶ୍ରମ କରନ୍ତୁ ନାହିଁ।
- ଜରୁରୀ କାମରେ ବାହାରକୁ ଯିବାକୁ ହେଲେ ମୁଣ୍ଡରେ ଓଦା ଗାମୁଛା, ଛତା, ଚପଲ ଏବଂ କଳା ଚଷମା ବ୍ୟବହାର କରନ୍ତୁ।
- ବାହାରକୁ ଯିବା ସମୟରେ ପାଣି ବୋତଲ ସାଙ୍ଗରେ ନିଅନ୍ତୁ।
- ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଅଧିକ ପାଣି, ଓ.ଆର୍.ଏସ୍ ଦ୍ରବଣ, ପଣା, ତୋରାଣି, ଘୋଳଦହି ଓ ଆଖୁରସ ପିଅନ୍ତୁ। କାକୁଡ଼ି, ତରଭୁଜ ଆଦି ଖାଆନ୍ତୁ।
- ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ।
- ହାଲୁକା ଏବଂ ଢିଲା ପୋଷାକ ପରିଧାନ କରନ୍ତୁ।
- ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଯଥାଶୀଘ୍ର ଡାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ।
- ଗୃହପାଳିତ ପଶୁପକ୍ଷୀ ମାନଙ୍କୁ ଛାଇରେ ରଖନ୍ତୁ ଏବଂ ପ୍ରଚୁର ପରିମାଣରେ ପାଣି ପିଇବାକୁ ଦିଅନ୍ତୁ।



24007/13/0020/1819



ତୋରାଣି | ପାଣି | ତରଭୁଜ | ଓ.ଆର୍.ଏସ୍ | ଚପଲ, ଛତା | କାକୁଡ଼ି

OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

ସଚେତନତା ଓ ସତର୍କତା ହିଁ ସୁରକ୍ଷା !



ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ଆଣ୍ଟ୍ରେପ୍ରିନର ସଇରି ଚହଲଙ୍କୁ ବୋର୍ଡ ଅଫ୍ ଡାଇରେକ୍ଟର୍ସରେ ନିଯୁକ୍ତ କରିଛି। ତାଙ୍କର ନିଯୁକ୍ତି ଦ୍ୱାରା ପେଟିଏମ୍ ବ୍ୟାଙ୍କ ବହୁମାତ୍ରାରେ ଲାଭାନ୍ୱିତ ହେବ।

–ସତୀଶ ଗୁପ୍ତା, ଏମ୍‌ଡି ତଥା ସିଇଓ, ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ



ଫ୍ଲିପକାର୍ଟ, ଫୋନ ପେ ଓ ଅନ୍ୟାନ୍ୟଙ୍କ ଭଳି ସମର୍ଥନ ପାଇଲେ ୱାଲମାର୍ଟ ଭାରତୀୟ କମ୍ପାନୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିବ। ଭାରତରେ ଇ-କମର୍ସ ବ୍ୟବସାୟକୁ ଅଧିକ ସୁଦୃଢ଼ କରିବା କମ୍ପାନୀର ଉଦ୍ଦେଶ୍ୟ ରହିଛି।

–ଡଗ୍ ମ୍ୟାକମିଲନ, ସିଇଓ, ୱାଲମାର୍ଟ

# ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ନଗଦ ଅଭାବ

ମୁମ୍ବାଇ,୨୦-୪

- ୭୦,୦୦୦ କୋଟି ଟଙ୍କାର ଅଭାବ ରହିଛି
- ୧ ଲକ୍ଷ କୋଟି ଟପିବା ଆଶଙ୍କା
- ନିର୍ବାଚନ ପରେ ସୁଧୁରିବ ସ୍ଥିତି



ସରକାରୀ ଖର୍ଚ୍ଚରେ ସୁପ୍ତତା ଏବଂ ନିର୍ବାଚନ ସଂକ୍ରାନ୍ତ ଖର୍ଚ୍ଚ ବୃଦ୍ଧି ଯୋଗୁ ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ନଗଦ ଅଭାବ ଦେଖାଦେଇଛି। ବର୍ତ୍ତମାନ ବ୍ୟବସ୍ଥାରେ ପ୍ରାୟ ୭୦ ହଜାର କୋଟି ଟଙ୍କାର ନଗଦ ଅଭାବ ରହିଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ଏହାଦ୍ୱାରା ରେକର୍ଡ ପୁଞ୍ଜି ଯୋଗାଣ, ସୁଧହାର ହ୍ରାସ ଭଳି ପଦକ୍ଷେପର ପ୍ରଭାବ କମ୍ ହୋଇଛି। ଏହି ସମୟରେ ନଗଦ ଅଭାବ ହାର ସାମାନ୍ୟ ଅବସ୍ଥାରେ ରହୁଥିବା ବେଳେ ଚଳିତ ବର୍ଷ ଟିକିଏ ଅଧିକ ରହିଥିବା ଆକ୍ସିସ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ସୌଗତ ଚାଟାର୍ଜୀ କହିଛନ୍ତି। ସରକାରୀ ଖର୍ଚ୍ଚ କମିବାରୁ ଆରବିଆଇ ନିକଟରେ ବର୍ତ୍ତମାନ ସରକାରଙ୍କ ଅଧିକ ବାଲାନ୍ସ ରହିଛି। ସେହିଭଳି ଉଚ୍ଚ ହାରରେ ଉଠାଣ, ବିଦେଶୀ ମୁଦ୍ରା ଆଗମନରେ ଦୁର୍ବଳ ଅବସ୍ଥା, ଉଚ୍ଚ କ୍ୟାଶ ରିଜର୍ଭ ରେସିଓ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଚାଟାର୍ଜୀ କହିଛନ୍ତି।

ବ୍ଲୁମବର୍ଗ ଇଣ୍ଡିଆ ବ୍ୟାଙ୍କିଙ୍ଗ୍ ଲିକ୍ୟୁଇଡ ଗଜ୍ ଡାଟା ମୁତାବକ ଏପ୍ରିଲ ୩ରେ ନଗଦ ଅଭାବ ୩୧,୩୯୬ କୋଟି ଟଙ୍କା ଥିବା ବେଳେ ଏପ୍ରିଲ ୧୬ରେ ଏହା ୭୦,୨୬୬ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ବିମୁଦ୍ରୀକରଣ ସତ୍ତ୍ୱେ ଏହି ଅବଧିରେ ସିଷ୍ଟମରେ ୩୩,୪୦୦ କୋଟି ଏବଂ ୮୬,୬୦୦ କୋଟି ଟଙ୍କାର ବଳକା କ୍ୟାଶ ରହିଥିଲା। ଏପ୍ରିଲରେ ସରକାରଙ୍କ ଅପ୍ରତ୍ୟାଶିତ ଖର୍ଚ୍ଚ ହ୍ରାସ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା କୋଟାକ ମହିନ୍ଦ୍ରା ବ୍ୟାଙ୍କର ବରିଷ୍ଠ ଅର୍ଥନୀତିଜ୍ଞ ଉପାସନା ଭରଦ୍ୱାଜ ସୂଚନା ଦେଇଛନ୍ତି। ନଗଦ ଅଭାବ ଜନିତ ସ୍ଥିତି ଯୋଗୁ ମୁଦ୍ରାନୀତି ପ୍ରଭାବିତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସେ କହିଛନ୍ତି।

ଏପ୍ରିଲ ୧୬ ସୁଦ୍ଧା ସରକାରଙ୍କ ନିକଟରେ ୪୭,୩୩୩ କୋଟି ଟଙ୍କାର ବଳକା ନଗଦ ଅର୍ଥ ରହିଛି। ଗତ ବର୍ଷ ସମାନ ସମୟ ଅବଧିରେ ଏହି ପରିମାଣ ଶୂନ ରହିଥିଲା। ଚଳିତ ମାସ ଶେଷ ଆଡକୁ ଜିଏସ୍‌ଟି ଆଦାୟ ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ନଗଦ ଅଭାବ ଏବଂ ସରକାରଙ୍କ ଖର୍ଚ୍ଚ ବୃଦ୍ଧି ନ ହେବା ଯୋଗୁ ଏହା ବଳକା ନଗଦକୁ ଆହୁରି ବୃଦ୍ଧି କରିବ। ଏପ୍ରିଲ ଶେଷ ବେଳକୁ ବ୍ୟବସ୍ଥାରେ ନଗଦ ଅଭାବ ୧ ଲକ୍ଷ କୋଟି ଟଙ୍କା ଟପିପାରେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ରିଜର୍ଭ ବ୍ୟାଙ୍କ ୨.୯୮ ଲକ୍ଷ କୋଟି ଟଙ୍କାର ନଗଦ ବଜାରକୁ ଛାଡିଥିଲା। ମାର୍ଚ୍ଚରେ ୩୪,୫୦୦ କୋଟି ଟଙ୍କାର ଡଲାର ସ୍ୱାପ ଅକ୍ସନ କରିଛି। ଚଳିତ ସପ୍ତାହରେ ଏଭଳି ଆଉ ଏକ ଅକ୍ସନ ଆରବିଆଇ କରିଥିଲା। ଟର୍ମ ରେପୋ ଦ୍ୱାରା ଆରବିଆଇ ଅର୍ଥ ବ୍ୟବସ୍ଥାରେ ନଗଦ ଛାଡିପାରେ ବୋଲି ଇଣ୍ଡିଆ ରେଟିଂର ସହଯୋଗୀ ନିର୍ଦ୍ଦେଶକ ସୌମ୍ୟଜିତ ନିୟୋଗୀ କହିଛନ୍ତି। ନିର୍ବାଚନ ପରେ ସ୍ଥିତିରେ ପରିବର୍ତ୍ତନ ଆସିବା ନେଇ ଆଶା କରାଯାଉଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବଣ୍ଡ ନିଲାମ ଏହି ନଗଦ ଅଭାବ ସ୍ଥିତିକୁ ଆହୁରି ପ୍ରଭାବିତ କରିପାରେ ବୋଲି ନିୟୋଗୀ କହିଛନ୍ତି। ସରକାରଙ୍କ ଖର୍ଚ୍ଚ ବୃଦ୍ଧି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗ ନଗଦ ସ୍ଥିତିରେ ଉନ୍ନତି ଆଣିବ ବୋଲି ଜଣାଯାଇଛି।

## ସଂକ୍ଷେପରେ

### ଜିଏସ୍‌ଟି ସେଲ୍‌ସ ରିଟର୍ନ ଦାଖଲ ଅବଧି ବଢ଼ିଲା




ନୂଆଦିଲ୍ଲୀ,୨୦-୪
ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସେଲ୍‌ସ ରିଟର୍ନ ଦାଖଲ କରିବାରେ ଶେଷ ତାରିଖର ଅବଧିକୁ ସରକାର ବୃଦ୍ଧି କରିଛନ୍ତି। ମାର୍ଚ୍ଚ ମାସ ଲାଗି ଜିଏସ୍‌ଟିଆର୍-୩ବି ଦାଖଲ ଲାଗି ସୀମା ୩ ଦିନ ବଢ଼ାଯାଇ ଏପ୍ରିଲ ୨୩ କରାଯାଇଥିବା ଜିଏସ୍‌ଟି ପୋର୍ଟାଲରେ ଉଲ୍ଲେଖ କରାଯାଇଛି। ଜିଏସ୍‌ଟିର ସମରି ସେଲସ ରିଟର୍ନ ଦାଖଲ ଲାଗି ଶେଷ ତାରିଖ ଚଳିତ ମାସ ୨୦ ତାରିଖ ରହିଥିଲା। ଜିଏସ୍‌ଟିଏନ୍‌ରେ ବିଭିନ୍ନ ଅସୁବିଧା ଯୋଗୁ ସରକାର ଏଭଳି ଦିନ ଗଡାଉଥିବା ଏଏମ୍ ଜିଆର ଆଣ୍ଡ ଆସୋସିଏଟର ପାର୍ଟନର ରଜତ ମୋହନ ସୂଚନା ଦେଇଛନ୍ତି। ଅପରପକ୍ଷରେ ଶେଷ ଦିନ ଆଡକୁ ଟିକସଦାତା ରିଟର୍ନ ଫାଇଲ କରୁଥିବାରୁ ସିଷ୍ଟମ ଏହାର ଚାପକୁ ନ ସମ୍ଭାଳି କ୍ରାସ କରୁଥିବା ସେ କହିଛନ୍ତି।

### ଟିକ୍‌ଟକ୍ ମୂଳ କମ୍ପାନୀର ୧ ବିଲିୟନ ଡଲାର ନିବେଶ ଯୋଜନା




ନୂଆଦିଲ୍ଲୀ,୨୦-୪
ଭାରତରେ ୧ ବିଲିୟନ ଡଲାର ନିବେଶ କରିବାକୁ ଟିକ୍‌ଟକ୍‌ର ମୂଳ କମ୍ପାନୀ ବାଇଟଡାନ୍ସ ଆଶାବାଦି ରହିଛି। ଟିକଟକ ଭାରତରେ ରଦ୍ଦ ହେବା ପରେ ଆଗାମୀ ୩ ବର୍ଷରେ ଏହି ନିବେଶ ଯୋଜନା ରଖିଛି। ଏହା ବିଶ୍ୱର ଏକ ପ୍ରମୁଖ ଷ୍ଟାର୍ଟଅପ୍ କମ୍ପାନୀ ହୋଇଥିବା ବେଳେ ଏଥିରେ ସଫ୍ଟବ୍ୟାଙ୍କ, ଜେନେରାଲ ଆଟଲାଣ୍ଟିକ, କେକେଆର୍ ଭଳି କମ୍ପାନୀ ନିବେଶକ ଅଛନ୍ତି। ଗତ କିଛି ମାସ ଧରି କଣ୍ଟେଣ୍ଟ ନୀତିରେ ପରିବର୍ତ୍ତନ ଆଣୁଥିବା କମ୍ପାନୀର ଅନ୍ତର୍ଜାତୀୟ ପବ୍ଲିକ ପଲିସି ନିର୍ଦ୍ଦେଶକ ହେଲେନା ଲାର୍ଚ କହିଛନ୍ତି। ବର୍ତ୍ତମାନର ସ୍ଥିତିକୁ ନେଇ ଅସନ୍ତୁଷ୍ଟ ଥିଲେ ମଧ ଭାରତ ବଜାରକୁ ନେଇ ବେଶ ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

### ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲାଭ ୨୩% ବୃଦ୍ଧି

ନୂଆଦିଲ୍ଲୀ,୨୦-୪
୨୦୧୮-୧୯ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଲାଭ ୨୨.୬୩% ବୃଦ୍ଧି ଘଟି ୫,୮୮୫.୧୨ କୋଟି ଟଙ୍କା ରହିଛି। ଗତ ବର୍ଷ ଏହି ସମୟରେ ବ୍ୟାଙ୍କ ୪୭୯୯.୨୮ କୋଟି ଟଙ୍କା ଲାଭ କରିବାକୁ ସକ୍ଷମ ହୋଇଥିଲା। ବ୍ୟାଙ୍କର ନେଟ ସୁଧ ଜନିତ ଆୟ ୨୨.୮% ବୃଦ୍ଧି ଘଟି ୧୩,୦୮୯.୫୦ କୋଟି ଟଙ୍କା ଥିବା ବେଳେ ନେଟ ସୁଧ ମାର୍ଜିନ ୪.୪% ରହିଛି। ଏହା ଡିସେମ୍ବରରେ ୪.୩% ରହିଥିଲା ବେଳେ ଗତ ବର୍ଷ ସମାନ ସମୟରେ ୪.୪% ରହିଥିଲା। ଏହି ସମୟରେ ବ୍ୟାଙ୍କର ପ୍ରୋଭିଜନ ବୃଦ୍ଧି ଘଟି ୧୮୮୯.୨୦ କୋଟି ଟଙ୍କା ରହିଛି। ଗତ ବର୍ଷ ସମାନ ତ୍ରୈମାସରେ ଏହା ୧୫୪୧.୧୦ କୋଟି ଟଙ୍କା ରହିଥିଲା ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କ ପ୍ରତି ଶେୟାର ପିଛା ୧୫ ଟଙ୍କାର ଲାଭାଂଶ ଦେବ ବୋଲି ଏହାର ବୋର୍ଡ ଘୋଷଣା କରିଛି। ଏହା ୨୦୧୭-୧୮ରେ ୧୩ ଟଙ୍କା ଥିଲା।

### ଆଇଡିବିଆଇର ନୂଆ ବ୍ୟବସ୍ଥା

ଭୁବନେଶ୍ୱର,୨୦-୪
ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ସଞ୍ଚୟ ଖାତା ଖୋଲିବା ପାଇଁ ମୋବାଇଲ ଏବଂ ୱେବ ଭିତ୍ତିକ ଇଣ୍ଟରଫେସକୁ ଉନ୍ମୋଚନ କରାଯାଇଛି। ଗ୍ରାହକମାନେ ଆଧାର,କ୍ୟୁଆର୍ କୋଡ ବ୍ୟବହାର କରି ଏକ ଅନୁକୂଳ ଇଣ୍ଟରଫେସରେ ସେମାନଙ୍କ ଖାତା ଖୋଲି ପାରିବେ। ଏହାକୁ ଆକ୍ଟିଭେଟ ମଧ କରିପାରିବେ। ଏହି ଇଣ୍ଟରଫେସର ଲାଭ ହେଉଛି ଏଥିରେ କାଗଜପତ୍ର କାମ କରିବାକୁ ପଡିବନି। ମାତ୍ର କିଛି ମିନିଟରେ ଖାତା ଖୋଲିଯିବ। ଏହା ଗ୍ରାହକଙ୍କୁ ଉନ୍ନତ ଅନବୋର୍ଡିଂ ଅନୁଭୂତି ପ୍ରଦାନ କରିବ। ସେହିଭଳି ଖାତା ଖୋଲିବା ନିମନ୍ତେ ଟର୍ଣ୍ଣ ଆରାଉଣ୍ଡ ସମୟ ବହୁତ କମିଯିବ।

# ନାଲ୍‌କୋର ଉପଭୋକ୍ତା ସମ୍ମିଳନୀ

ଭୁବନେଶ୍ୱର,୨୦-୪




କାର୍ଯ୍ୟକ୍ରମ ଅବସରରେ ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ(ମଝି) ଏବଂ ଅନ୍ୟମାନେ।

ରାଷ୍ଟ୍ରାୟତ୍ତ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ(ନାଲକୋ) ପକ୍ଷରୁ ଅହମ୍ମଦାବାଦଠାରେ ଏକ ଉପଭୋକ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୁଜରାଟ ଏବଂ ଆଖପାଖ ରାଜ୍ୟର ଆଲୁମିନିୟମ ଏବଂ ଆଲୁମିନା ଉପଭୋକ୍ତା ଏଥିରେ ଅଂଶ ଗ୍ରହଣ କରିଥିଲେ। ୨୦୧୯-୨୦ରେ ଆଲୁମିନିୟମ ଏବଂ ଆଲୁମିନା ବଜାର ସ୍ଥିତାବସ୍ଥା ବଜାୟ ରଖିବାକୁ ସକ୍ଷମ ହେବ ବୋଲି ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଏଥିରେ ସୂଚନା ଦେଇଛନ୍ତି। ଆଲୁମିନିୟମ ଶିଳ୍ପ ଏହାର ଉତ୍ପାଦକୁ ବ୍ୟୟସାପେକ୍ଷ କରିବା ଉପରେ ଚାନ୍ଦ ଗୁରୁତ୍ୱାରୋପ କରିଥିଲେ। ଏହା ଚାହିଦା ବୃଦ୍ଧିରେ ସହାୟକ। ଭାରତରେ ଆଲୁମିନିୟମ୍ ଉତ୍ପାଦର ଯଥେଷ୍ଟ ଚାହିଦା ରହିଛି। ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଭାରତ ଦ୍ୱିତୀୟ ବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ହୋଇ ପାରିବ ବୋଲି କହିଛନ୍ତି।

# ୩ଗୁଣା ବଢ଼ିଛି ନୂଆ ନିଯୁକ୍ତି:ଇପିଏଫ୍‌ଓ

ନୂଆଦିଲ୍ଲୀ,୨୦-୪

ଫେବୃୟାରୀରେ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ବର୍ଷକର ଏହି ମାସ ତୁଳନାରେ ୩ ଗୁଣ ବୃଦ୍ଧି ପାଇ ୮.୬୧ ଲକ୍ଷରେ ପହଞ୍ଚିଯାଇଛି। କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ)ର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜାନୁୟାରୀରେ ନୂଆ ନିଯୁକ୍ତି ସଂଖ୍ୟା ସର୍ବାଧିକ ୮.୯୪ ଲକ୍ଷ ରହିଛି। ଏଥିପୂର୍ବରୁ ପୂର୍ବ ମାସରେ ଜାରି ଅନ୍ତରୀଣ ତଥ୍ୟ ଅନୁଯାୟୀ, ଏହା ୮.୯୬ ଲକ୍ଷ ରହିବ ବୋଲି କୁହାଯାଇଥିଲା। ସୂଚନାଥାଉ କି, ଇପିଏଫ୍‌ଓ ଗତବର୍ଷ ଏପ୍ରିଲରୁ କମ୍ପାନୀଙ୍କ ବେତନ ରେଜିଷ୍ଟରରେ ସାମିଲ ହେଉଥିବା ନାମ ଆଧାରରେ ନିଯୁକ୍ତି ସୃଷ୍ଟି ତଥ୍ୟ ଜାରି କରିବା ଆରମ୍ଭ କରିଛି। ସଂଗଠନ ୨୦୧୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ତଥ୍ୟ ପୂର୍ବରୁ ସଂଗ୍ରହ କରିଥିଲା। ଫେବୃୟାରୀରେ ୨୨ରୁ ୨୫ ବର୍ଷ ବୟସ ବର୍ଗରେ ୨.୩୬ ଲକ୍ଷଙ୍କୁ ଏବଂ ୧୮ରୁ ୨୧ ବର୍ଷ ବୟସ ବର୍ଗରେ ୨.୦୯ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିଛି। ତଥ୍ୟ ଅନୁଯାୟୀ ୨୦୧୭ ସେପ୍ଟେମ୍ବରରୁ ଚଳିତବର୍ଷ ଫେବୃୟାରୀ ମଧ୍ୟରେ ୧୮ ମାସରେ ୮୦.୮୬ ଲକ୍ଷ ନୂଆ ରୋଜଗାର ସୃଷ୍ଟି ହୋଇଥିବା ଦର୍ଶାଯାଇଛି।




କମ୍ପାନୀର ୧୦ଲକ୍ଷ ତମ କାରକୁ ଉନ୍ମୋଚନ କରାଯାଉଛି।

# ଫକ୍ସୱାଗନ ପୁଣେ ପ୍ଲାଣ୍ଟକୁ ସଫଳତା

ପୁଣେ,୨୦-୪

ଉତ୍ପାଦନ କ୍ଷେତ୍ରରେ ଫକ୍ସୱାଗନର ପୁଣେ ସ୍ଥିତ ପ୍ଲାଣ୍ଟ ସଫଳତା ହାସଲ କରିଛି। କମ୍ପାନୀ ଏହି ପ୍ଲାଣ୍ଟରୁ ୧୦ ଲକ୍ଷ ତମ କାର ଉତ୍ପାଦନ କରିଛି। ପୂର୍ତ୍ତି ପାଳନ ପୂର୍ବକ କମ୍ପାନୀ ଏହାର ୧୦ ଲକ୍ଷ ତମ କାର କାର୍ବନ ଷ୍ଟିଲ ଆମିଓକୁ ଉନ୍ମୋଚନ କରିଛି। ଫକ୍ସୱାଗନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଗୁରପ୍ରତାପ ବୋପାରାଇ ଏବଂ ପାସେଞ୍ଜର କାର ୟୁନିଟ ନିର୍ଦ୍ଦେଶକ ଷ୍ଟେଫେନ ନାପ୍‌ଙ୍କ ଉପସ୍ଥିତିରେ ଏହାକୁ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ଶୀର୍ଷ ମ୍ୟାନେଜମେଣ୍ଟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜେଟ୍ ଅଂଶଧନ ଉପରେ ରିଲାଏନ୍ସର ନଜର

ନୂଆଦିଲ୍ଲୀ,୨୦-୪




ଟେକ୍ସଟାଇଲରୁ ଆରମ୍ଭ କରି ଟେଲିକମ୍ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଜର ପ୍ରଭୁତ୍ୱ ବିସ୍ତାର କରିଥିବା ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବେ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜର ଅଂଶଧନ କିଣିବାକୁ ଆଗ୍ରହୀ ଥିବା ଜଣାପଡିଛି। ଅନ୍ୟପକ୍ଷରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆକୁ ଆର୍ଥିକ ସହାୟତା ପ୍ରଦାନ କରି ଏହାକୁ ଛିଡା କରିବା ଲାଗି ମଧ କମ୍ପାନୀ ବିଚାର କରୁଛି। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶିତ ତଥ୍ୟକୁ ଭିତ୍ତି କରି ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି। ଯଦିଓ ଜେଟ୍‌ର ନିଲାମୀ ପ୍ରକ୍ରିୟାରେ ରିଲାଏନ୍ସ ଭାଗ ନେଇ ନାହିଁ, ତଥାପି ଏହା ଏତିହାଦ ଏୟାରୱେଜ ସହ ମିଶି ଜେଟ୍‌ର ଅଂଶଧନ କିଣିବାକୁ ଚାହୁଁଛି। ୟୁଏଇର ଏୟାରଲାଇନ୍ସ କମ୍ପାନୀ ଇତିମଧ୍ୟରେ ଜେଟ୍‌ର ନିଲାମୀ ପ୍ରକ୍ରିୟାରେ ଭାଗ ନେଇ ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ଦାଖଲ କରିଛି। ପୂର୍ବରୁ ଏହି କମ୍ପାନୀ ଜେଟ୍‌ର ୨୪% ଅଂଶଧନ ମାଲିକ ହୋଇଥିବା ବେଳେ ଏଫଡିଆଇ ନିୟମ ଅନୁଯାୟୀ ଏହା ଅଟୋମେଟିକ ରୁଟ୍ ଜରିଆରେ ୪୯% ପର୍ଯ୍ୟନ୍ତ ଅଂଶଧନ ନେଇପାରିବ। ଏହି ନିୟମ ଅନୁଯାୟୀ, ଜଣେ ଏନ୍‌ଆର୍‌ଆଇ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଅଂଶଧନ କିଣିପାରିବ। ତେବେ ୪୯ ପ୍ରତିଶତ ପରେ ଅଧିକ ଅଂଶଧନ କିଣିବାକୁ ହେଲେ ଏତିହାଦକୁ କେନ୍ଦ୍ର ସରକାରଙ୍କଠାରୁ ପ୍ରାକ୍ ଅନୁମତି ନେବାକୁ ହେବ। ତେବେ ଏସମ୍ପର୍କରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ କୌଣସି ପ୍ରତିକ୍ରିୟା ଦେଇନାହିଁ। କମ୍ପାନୀ ମୁଖପାତ୍ର କହିଛନ୍ତି ଯେ, ଏୟାରଲାଇନ୍ସ ସେକ୍ଟରରେ ପାଦ ଥାପିବା ନେଇ କମ୍ପାନୀ ବିଭିନ୍ନ ବିକଳ୍ପ ଉପରେ ବିଚାର କରୁଛି। ସେବି ନିକଟରେ ଏ ସଂକ୍ରାନ୍ତରେ କମ୍ପାନୀ ପୂର୍ବରୁ ଜଣାଇବ। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଜେଟ୍‌କୁ ପାଣ୍ଠି ଯୋଗାଣ ନେଇ ଋଣପ୍ରଦାନକାରୀଙ୍କ ସହ ରିଲାଏନ୍ସର ଆଲୋଚନା ଜାରି ରହିଛି। ଏହି କାରଣରୁ ସମାଧାନରେ ବିଳମ୍ବ ହେଉଥିବାରୁ କମ୍ପାନୀ ମ୍ୟାନେଜମେଣ୍ଟ ଅଦିନରେ ଜେଟ୍‌କୁ ବନ୍ଦ କରିବାକୁ ବାଧ ହୋଇଛି। ଅନ୍ୟପକ୍ଷରେ ଏୟାର ଇଣ୍ଡିଆ ପ୍ରତି ରିଲାଏନ୍ସର ପ୍ରୀତି ନେଇ ପ୍ରଶ୍ନ ହେବାରୁ ଅନ୍ୟ ଏକ ସୂତ୍ର କହିଛନ୍ତି ଯେ, ଏହାକୁ ନେଇ କମ୍ପାନୀ ବୋର୍ଡରେ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଉପରେ କମ୍ପାନୀ ଧ୍ୟାନ ଦେବ। ଆଗ୍ରହୀ କମ୍ପାନୀମାନେ ନିଷ୍ପତ୍ତି ନେବା ପାଇଁ ପର୍ଯ୍ୟାପ୍ତ ସମୟ ପାଇଥିବାରୁ ରିଲାଏନ୍ସ ସହ ଆଲୋଚନା ଧୀରଗତିରେ ଚାଲିଥିବା ସେ କହିଛନ୍ତି। ସୂଚନାଥାଉ କି, ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର ନେଇ କେନ୍ଦ୍ର ସରକାର ଗତବର୍ଷ ମାର୍ଚ୍ଚରେ ଏକ ଇନଫରମେଶନ ମେମୋରେଣ୍ଡନ ଜାରି କରିଥିଲେ। ତେବେ ବିଡ୍ ପାଇଁ କେହି ଆଗ୍ରହ ନ ଦେଖାଇବାରୁ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଗଠିତ ମନ୍ତ୍ରିଗୋଷ୍ଠୀ ଏୟାର ଇଣ୍ଡିଆରୁ ୭୬ ପ୍ରତିଶତ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତିରୁ ଓହରିଯାଇଥିଲେ। ୨୦୧୭ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଉପରେ ୪୮,୭୮୧ କୋଟି ଟଙ୍କାର ଋଣ ଥିବା ବେଳେ ଏହା ହ୍ରାସ ପାଇଁ ସହଯୋଗୀ କମ୍ପାନୀ ଓ ସମ୍ପତ୍ତିକୁ ବିକ୍ରି ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଜେଟ୍ ଏୟାରୱେଜ ଉପରେ ୮୪୧୪ କୋଟି ଟଙ୍କାର ଋଣ ରହିଛି।

### ଟୁଇଟର ଜରିଆରେ ମିଳୁଛି ନିଯୁକ୍ତି ପ୍ରସ୍ତାବ

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ କର୍ମଚାରୀଙ୍କୁ ଏବେ ସୋସିଆଲ ମିଡିଆ ସାଇଟ ଟୁଇଟର ସାହାରା ହୋଇଛି। ଏହାରି ମାଧ୍ୟମରେ ଛୋଟ ବଡ଼ କମ୍ପାନୀମାନେ ଏବେ ଜେଟ୍ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରସ୍ତାବମାନ ପଠାଉଥିବା ଜଣାପଡିଛି। ଇତିମଧ୍ୟରେ ସ୍ପାଇଶଜେଟ୍ ସିଏମ୍‌ଡି ଅଜୟ ସିଂହ ୧୦୦ ପାଇଲଟ, ୨୦୦ରୁ ଅଧିକ କ୍ୟାବିନ କ୍ରୁ ଏବଂ ୨୦୦ରୁ ଅଧିକ ଟେକ୍ନିକାଲ -ଏୟାରପୋର୍ଟ ଷ୍ଟାଫ୍‌ଙ୍କୁ ଚାକିରି ଦେଇଛନ୍ତି।

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ କର୍ମଚାରୀ

ଜେଟ୍ ଏୟାରୱେଜ ବନ୍ଦ ହୋଇଯିବା ପରେ ଆର୍ଥିକ ସଙ୍କଟର ସାମ୍ନା କରୁଥିବା କମ୍ପାନୀର କର୍ମଚାରୀମାନେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ବକେୟା ଦରମା ଏବଂ ଜରୁରୀ ପାଣ୍ଠି ପ୍ରଦାନ କରିବାରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସହାୟତା କରନ୍ତୁ ବୋଲି ସେମାନେ ପତ୍ରରେ ଦର୍ଶାଇଛନ୍ତି। କମ୍ପାନୀ ବନ୍ଦ ହୋଇଯିବା ପରେ ଭବିଷ୍ୟତ ଅନ୍ଧକାରମୟ ହୋଇଯାଇଥିବା ବେଳେ ୩ ମାସ ହେବ ଦରମା ନ ପାଇ ସେମାନେ ଏବେ ପରିବାର ସହ ତହଲବିକଳ ହେଉଥିବା ପତ୍ରରେ ଦର୍ଶାଇଛନ୍ତି। ଅନିଶ୍ଚିତ ଭବିଷ୍ୟତ ଭିତରେ ଜେଟ୍‌ର ୨ଟି ୟୁନିୟନ ସୋସାଇଟି ଫର୍ ୱେଲଫେୟାର ଅଫ୍ ଇଣ୍ଡିଆନ ପାଇଲଟ୍ସ ଏବଂ ଜେଟ୍ ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ ଇଞ୍ଜିନିୟର୍ସ ୱେଲଫେୟାର ଆସୋସିଏଶନ ପତ୍ର ଲେଖି ବକେୟା ଦରମା ପ୍ରଦାନ କରିବାରେ ସହାୟତା କରନ୍ତୁ ବୋଲି କହିଛନ୍ତି।

### ଜେଟ୍‌ର ଯୋଗ୍ୟ କର୍ମଚାରୀଙ୍କୁ ନିଯୁକ୍ତି ମିଳିଯିବ: ଜୟନ୍ତ ସିହ୍ନା




ଜୟନ୍ତ ସିହ୍ନା।

ଆର୍ଥିକ ସଙ୍କଟ କାରଣରୁ ଜେଟ୍ ଏୟାରୱେଜ ବନ୍ଦ ହୋଇଯିବା ପରେ ପ୍ରାୟ ୨୨ ହଜାର କର୍ମଚାରୀଙ୍କ ଭବିଷ୍ୟତ ଏବେ ଅନ୍ଧକାରରେ ବୁଡ଼ି ଯାଇଛି। ଏହା ଉପରେ ନିଜ ପ୍ରତିକ୍ରିୟାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନା କହିଛନ୍ତି ଯେ, ଜେଟ୍‌ର ସମସ୍ତ ଯୋଗ୍ୟ କର୍ମଚାରୀଙ୍କୁ ଯେତେ ଶୀଘ୍ର ସମ୍ଭବ ନିଯୁକ୍ତି ମିଳିଯାଉ ଏହା ସରକାର ଚାହୁଁଛନ୍ତି। ଖୁବଶୀଘ୍ର ଯୋଗ୍ୟ କର୍ମଚାରୀଙ୍କୁ ନିଯୁକ୍ତି ମିଳିଯିବ। କାରଣ ବେସାମରିକ ବିମାନ ଶିଳ୍ପ ବିକଶିତ ହେଉଛି ଏବଂ ଆଗାମୀ ଦିନରେ ଏହି କ୍ଷେତ୍ରରେ ବହୁ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି ହେବ। ସରକାରୀ ହସ୍ତକ୍ଷେପ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ବିପଦ ଦେଖାଦେଇଥିବା ଅବସ୍ଥାରେ ସରକାର ହସ୍ତକ୍ଷେପ କରନ୍ତି। ଏହା ସାରା ବିଶ୍ୱରେ ଚାଲିଆସୁଛି। ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଓ ଜେଟ୍ ମାମଲା ମଧ୍ୟରେ ରହିଥିବା ପାର୍ଥକ୍ୟ ବୁଝିବାକୁ ହେବ। ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲା କାରଣରୁ ଅର୍ଥନୀତି ପ୍ରଭାବିତ ହେବାର ସମ୍ଭାବନା ରହିଛି ଏବଂ ବହୁ ପ୍ରକାର ବିପଦର ସାମ୍ନା କରିବାକୁ ପଡିପାରେ। ଅନ୍ୟପକ୍ଷରେ ଆଇନ ଓ ନିୟାମକୀୟ ଢାଞ୍ଚା ପାଳନ କରି ଜେଟ୍ ବ୍ୟବସାୟ କରୁଥିବା ବେଳେ ଏହା ବନ୍ଦ ହୋଇଯିବା ଦ୍ୱାରା ଅର୍ଥନୀତି ଉପରେ ସେଭଳି ପ୍ରଭାବ ପଡ଼ିବ ନାହିଁ ବୋଲି ସିହ୍ନା କହିଛନ୍ତି।



# DISTRICT OFFICE, KHORDHA

**Special Land Acquisition (NH) Cell**
**Office of the Land Acquisition Officer (NH) and Competent Authority**
**Plot No. 318 (Dharakote House), Kharavela Nagar, Unit-III, Bhubaneswar-751001**
**Tel. No.: (0674)-2394492**

## PUBLIC NOTICE

**No.: 212** **Date: 11.04.2019**

In exercise of powers conferred by sub-section (1) of section 3(A) of the National Highway Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening / six laning etc.), maintenance, management and operation of National Highway No.-5 (New NH-16), in the stretch of land from Km.316.000 to Km.356.000 and Km.361.500 to Km.414.000 (Ichapuram-Bhubaneswar Section) of Puintola to Tangi and Tangi to Bhubaneswar in the district of Khordha in the State of Odisha, have declared its intention to acquire such land vide their Notification No. S.O. 1275(E) dt.08th March, 2019 published in the Gazette of India No. 1139 on dt.09.03.2019 Extraordinary, Part II.

Any person interested in the said land may, within twenty-one days from the date of the publication of this notification, object to the use of such land for the aforesaid purpose under sub-section (1) of section 3C of the said Act.

| 3. | 2 | Private | Sarad - 3 | 0.0119999(Acre) | 0.0048563 |
| 4. | 3 | Private | Sarad - 3 | 0.0050001(Acre) | 0.0020235 |
| 5. | 4 | Private | Sarad - 3 | 0.0240001(Acre) | 0.0097127 |
| 6. | 7 | Private | Puratan Patit | 0.0710000(Acre) | 0.0287333 |
| **Village: Jariput** | | | | | |
| 1. | 1184 | Private | Sarad - 2 | 0.0099999(Acre) | 0.0040469 |
| 2. | 1177 | Private | Bajefasal - 3 | 0.1620000(Acre) | 0.0655605 |
| 3. | 1180 | Private | Sarad - 3 | 0.0760001(Acre) | 0.0307568 |
| 4. | 1181 | Private | Sarad - 2 | 0.0350000(Acre) | 0.0141643 |
| 5. | 1182 | Private | Sarad - 2 | 0.0180000(Acre) | 0.0072845 |
| 6. | 1183 | Private | Sarad - 2 | 0.0540000(Acre) | 0.0218535 |
| 7. | 1200 | Private | Sarad - 2 | 0.0099999(Acre) | 0.0040469 |
| 8. | 1201 | Private | Sarad - 2 | 0.0800001(Acre) | 0.0323756 |
| 9. | 1204 | Private | Sarad - 2 | 0.0050001(Acre) | 0.0020235 |
| 10. | 1205 | Private | Sarad - 2 | 0.0800001(Acre) | 0.0323756 |
| 11. | 1207 | Private | Sarad - 2 | 0.0299999(Acre) | 0.0121408 |
| 12. | 1210 | Government | Nal | 0.0030000(Acre) | 0.0012141 |
| 13. | 1211 | Private | Sarad - 2 | 0.0050001(Acre) | 0.0020235 |
| **Village: Khajuria** | | | | | |
| 1. | 164 | Government | Gochar | 0.0370000(Acre) | 0.0149737 |
| 2. | 165 | Government | Rasta | 0.0030000(Acre) | 0.0012141 |
| 3. | 217 | Private | Bajefasal -3 | 1.0959999(Acre) | 0.4435451 |
| 4. | 221 | Private | Sarad - 3 | 0.3250000(Acre) | 0.1315257 |
| 5. | 222 | Private | Bajefasal -3 | 0.2000000(Acre) | 0.0809389 |
| 6. | 223 | Government | Sarad - 2 | 0.3349999(Acre) | 0.1355726 |
| 7. | 224/733 | Private | Gharabari | 0.2700000(Acre) | 0.1092675 |
| 8. | 225/729 | Private | Sarad - 3 | 0.1250000(Acre) | 0.0505868 |
| 9. | 226/731 | Private | Sarad - 2 | 0.0499999(Acre) | 0.0202347 |
| 10. | 227 | Private | Bajefasal -3 | 0.0360000(Acre) | 0.0145690 |
| 11. | 227/732 | Private | Bajefasal -3 | 0.0340000(Acre) | 0.0137596 |
| 12. | 228 | Private | Gharabari | 0.3320001(Acre) | 0.1343586 |
| 13. | 230 | Government | Chhota Jangal | 1.5619999(Acre) | 0.6321327 |
| 14. | 231 | Private | Bagayat -2 | 0.1800000(Acre) | 0.0728450 |
| 15. | 232 | Government | Chhota Jangal | 0.3120001(Acre) | 0.1262647 |
| 16. | 243 | Government | Patit | 0.5410000(Acre) | 0.2189397 |
| 17. | 244 | Private | Bajefasal -3 | 0.0560000(Acre) | 0.0226629 |
| 18. | 245 | Private | Bajefasal -3 | 0.1569999(Acre) | 0.0635370 |
| 19. | 245/816 | Private | Gharabari | 0.1579999(Acre) | 0.0639417 |
| 20. | 246 | Private | Bajefasal -3 | 0.0150000(Acre) | 0.0060704 |
| 21. | 247 | Private | Sarad -2 | 0.1399999(Acre) | 0.0566572 |
| 22. | 248 | Private | Sarad -3 | 0.1579999(Acre) | 0.0639417 |
| 23. | 248/650 | Private | Sarad -3 | 0.1990000(Acre) | 0.0805342 |
| 24. | 248/650/864 | Private | Sarad -3 | 0.1440000(Acre) | 0.0582760 |
| 25. | 248/663 | Private | Sarad -3 | 0.0669999(Acre) | 0.0271145 |
| 26. | 248/863 | Private | Sarad -3 | 0.2170000(Acre) | 0.0878187 |
| 27. | 249 | Private | Sarad -3 | 0.2099999(Acre) | 0.0849858 |
| 28. | 250 | Private | Sarad -3 | 0.2160000(Acre) | 0.0874140 |
| 29. | 250/677 | Private | Sarad -3 | 0.0420001(Acre) | 0.0169972 |
| 30. | 270 | Private | Sarad - 2 | 0.2250001(Acre) | 0.0910563 |
| 31. | 271 | Private | Sarad - 3 | 0.0400001(Acre) | 0.0161878 |
| 32. | 272 | Private | Sarad - 2 | 0.0700000(Acre) | 0.0283286 |
| 33. | 273 | Private | Sarad - 3 | 0.2299999(Acre) | 0.0930797 |
| 34. | 274 | Private | Sarad - 3 | 0.1749999(Acre) | 0.0708215 |
| 35. | 275 | Private | Sarad - 2 | 0.3100000(Acre) | 0.1254553 |
| 36. | 276 | Private | Sarad - 2 | 0.1850001(Acre) | 0.0748685 |
| 37. | 278 | Private | Sarad - 3 | 0.0099999(Acre) | 0.0040469 |
| 38. | 279 | Private | Sarad - 3 | 0.4050001(Acre) | 0.1639013 |
| 39. | 280/743 | Private | Sarad - 3 | 0.0900000(Acre) | 0.0364225 |
| 40. | 281 | Private | Sarad - 3 | 0.0050001(Acre) | 0.0020235 |
| 41. | 283 | Private | Sarad -2 | 0.0600001(Acre) | 0.0242817 |
| 42. | 285 | Government | Pani nal | 0.0250001(Acre) | 0.0101174 |
| 43. | 286 | Private | Sarad -2 | 0.1300001(Acre) | 0.0526103 |
| 44. | 287 | Private | Sarad -2 | 0.0400001(Acre) | 0.0161878 |
| 45. | 288 | Private | Sarad -2 | 0.0600001(Acre) | 0.0242817 |
| 46. | 290 | Private | Sarad -1 | 0.4099999(Acre) | 0.1659247 |
| 47. | 295 | Private | Sarad -3 | 0.2130000(Acre) | 0.0861999 |
| 48. | 295/761 | Private | Gharabari | 0.2119999(Acre) | 0.0857952 |
| 49. | 298 | Private | Sarad -2 | 1.0049999(Acre) | 0.4067179 |
| 50. | 299 | Private | Sarad -2 | 0.3150001(Acre) | 0.1274788 |
| 51. | 300 | Private | Sarad -3 | 0.1250000(Acre) | 0.0505868 |
| 52. | 301 | Private | Sarad -3 | 0.4360000(Acre) | 0.1764468 |
| 53. | 306 | Private | Sarad -3 | 0.2370000(Acre) | 0.0959126 |
| 54. | 307 | Private | Sarad -3 | 0.4099999(Acre) | 0.1659247 |
| 55. | 308 | Private | Sarad -2 | 0.0499999(Acre) | 0.0202347 |
| 56. | 513 | Private | Sarad -2 | 1.0579999(Acre) | 0.4281667 |
| 57. | 513/661 | Private | Sarad -2 | 0.1549999(Acre) | 0.0627276 |
| 58. | 513/672 | Private | Sarad -2 | 0.6350001(Acre) | 0.2569810 |

| Sl. No. | Survey / Plot Number | Type of Land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| 59. | 513/673/766 | Private | Sarad -2 | 0.2299999(Acre) | 0.0930797 |
| 60. | 513/675 | Private | Sarad -2 | 0.0124000(Acre) | 0.0050182 |
| 61. | 513/675/767 | Private | Gharabari | 0.0124000(Acre) | 0.0050182 |
| 62. | 513/730 | Private | Gharabari | 0.4670000(Acre) | 0.1889923 |
| 63. | 514 | Private | Sarad -3 | 0.1350001(Acre) | 0.0546338 |
| 64. | 515 | Private | Sarad -3 | 0.0250001(Acre) | 0.0101174 |
| 65. | 519 | Private | Sarad -2 | 0.3100000(Acre) | 0.1254553 |
| 66. | 520 | Private | Sarad -3 | 0.6300000(Acre) | 0.2549575 |
| 67. | 521 | Private | Sarad -2 | 0.1549999(Acre) | 0.0627276 |
| 68. | 522 | Private | Sarad -1 | 0.6550001(Acre) | 0.2650749 |
| 69. | 523 | Private | Sarad -2 | 0.2670000(Acre) | 0.1080534 |
| 70. | 524 | Private | Sarad -2 | 1.3299999(Acre) | 0.5382436 |
| 71. | 525 | Private | Sarad -3 | 0.0050001(Acre) | 0.0020235 |
| 72. | 530 | Private | Sarad -2 | 0.0450001(Acre) | 0.0182113 |
| 73. | 536 | Private | Sarad -3 | 0.0400001(Acre) | 0.0161878 |
| 74. | 572 | Private | Bajefasal -3 | 0.0590001(Acre) | 0.0238770 |
| 75. | 573 | Private | Sarad -2 | 0.3400000(Acre) | 0.1375961 |
| 76. | 573/681 | Private | Sarad -2 | 0.3420000(Acre) | 0.1384055 |
| 77. | 574 | Government | Jalasaya | 0.0750000(Acre) | 0.0303521 |
| 78. | 575 | Private | Sarad -2 | 0.0299999(Acre) | 0.0121408 |
| 79. | 576 | Private | Sarad -2 | 1.1200000(Acre) | 0.4532578 |
| 80. | 577 | Private | Sarad -2 | 0.3425001(Acre) | 0.1386079 |
| 81. | 577/765 | Private | Sarad -2 | 0.3425001(Acre) | 0.1386079 |
| 82. | 578/737 | Private | Gharabari | 0.5750000(Acre) | 0.2326993 |
| 83. | 583 | Private | Sarad -1 | 1.6650001(Acre) | 0.6738163 |
| 84. | 584 | Private | Sarad -1 | 0.1240000(Acre) | 0.0501821 |
| 85. | 585 | Private | Sarad -2 | 0.2649999(Acre) | 0.1072440 |
| 86. | 586 | Private | Sarad -2 | 0.0750000(Acre) | 0.0303521 |
| 87. | 587 | Private | Sarad -2 | 0.3349999(Acre) | 0.1355726 |
| 88. | 588 | Private | Sarad -2 | 0.3050000(Acre) | 0.1234318 |
| 89. | 589 | Private | Sarad -3 | 0.5480001(Acre) | 0.2217726 |
| 90. | 589/670 | Private | Sarad -3 | 0.4449999(Acre) | 0.1800890 |
| 91. | 590 | Private | Sarad -2 | 0.6500000(Acre) | 0.2630514 |
| 92. | 594 | Private | Sarad -3 | 0.0610001(Acre) | 0.0246864 |
| 93. | 595 | Private | Sarad -1 | 0.1670001(Acre) | 0.0675840 |
| 94. | 597 | Private | Sarad -1 | 0.5100001(Acre) | 0.2063942 |
| 95. | 599 | Private | Sarad -2 | 0.1600000(Acre) | 0.0647511 |
| **Village: Nizgarhkuhudi** | | | | | |
| 1. | 730 | Private | Sarad - 2 | 0.0200000(Acre) | 0.0080939 |
| 2. | 752 | Government | Puratan Patit | 0.1480001(Acre) | 0.0598948 |
| 3. | 753 | Private | Sarad - 3 | 0.0849999(Acre) | 0.0343990 |
| 4. | 753/1983 | Private | Sarad - 2 | 0.0080001(Acre) | 0.0032376 |
| 5. | 754 | Private | Sarad - 2 | 0.0099999(Acre) | 0.0040469 |
| 6. | 755 | Private | Puratan Patit | 0.0839999(Acre) | 0.0339943 |
| 7. | 756 | Government | Rasta | 0.0170000(Acre) | 0.0068798 |
| 8. | 763 | Government | Puratan Patit | 0.3250000(Acre) | 0.1315257 |
| **Village: Pariorada** | | | | | |
| 1. | 897 | Government | Gochar | 0.0050001(Acre) | 0.0020235 |
| 2. | 898 | Government | Rasta | 0.0080001(Acre) | 0.0032376 |
| 3. | 899 | Government | Gochar | 0.3100000(Acre) | 0.1254553 |
| **Village: Patrapada** | | | | | |
| 1. | 10/241 | Government | Chhota Jangal | 2.3880001(Acre) | 0.9664104 |
| 2. | 14 | Government | Chhota Jangal | 0.4700000(Acre) | 0.1902064 |
| 3. | 15 | Government | Rasta | 0.0440001(Acre) | 0.0178066 |
| 4. | 21 | Government | Chhota Jangal | 1.4899999(Acre) | 0.6029947 |
| 5. | 221 | Government | Chhota Jangal | 1.0800000(Acre) | 0.4370700 |
| 6. | 222/244 | Government | Chhota Jangal | 2.0910000(Acre) | 0.8462161 |
| 7. | 223 | Government | Chhota Jangal | 1.3299999(Acre) | 0.5382436 |
| 8. | 3 | Government | Chhota Jangal | 1.5380001(Acre) | 0.6224201 |
| 9. | 4 | Government | Chhota Jangal | 1.5760001(Acre) | 0.6377985 |
| 10. | 7/240 | Government | Chhota Jangal | 2.0869999(Acre) | 0.8445973 |
| **Village: Tangi** | | | | | |
| 1. | 283 | Private | Sarad Dofasal - 2 | 0.0050001(Acre) | 0.0020235 |
| 2. | 284 | Private | Sarad Dofasal - 2 | 0.0639999(Acre) | 0.0259004 |
| 3. | 292 | Private | Sarad - 2 | 0.0109999(Acre) | 0.0044516 |
| 4. | 293 | Private | Sarad - 2 | 0.0499999(Acre) | 0.0202347 |
| 5. | 296 | Private | Sarad - 3 | 0.0279999(Acre) | 0.0113314 |
| 6. | 299 | Private | Sarad - 2 | 0.0180000(Acre) | 0.0072845 |
| **Village: Totapada** | | | | | |
| 1. | 1266 | Private | Sarad Anajalasechit - 2 | 0.0109999(Acre) | 0.0044516 |
| 2. | 1272 | Private | Sarad Anajalasechit - 2 | 0.0280001(Acre) | 0.0113315 |
| 3. | 1274 | Private | Sarad Anajalasechit - 2 | 0.0050001(Acre) | 0.0020235 |
| 4. | 1276 | Private | Sarad Anajalasechit - 2 | 0.0120002(Acre) | 0.0048564 |
| 5. | 1277 | Private | Sarad Anajalasechit - 2 | 0.0200000(Acre) | 0.0080939 |
| 6. | 1278 | Private | Sarad Anajalasechit - 2 | 0.0099999(Acre) | 0.0040469 |
| 7. | 1281 | Private | Sarad Anajalasechit - 2 | 0.0260001(Acre) | 0.0105221 |
| 8. | 1284 | Private | Sarad Anajalasechit - 2 | 0.0220001(Acre) | 0.0089033 |
| 9. | 1285 | Private | Sarad Anajalasechit - 2 | 0.0360000(Acre) | 0.0145690 |
| 10. | 1286 | Private | Sarad Anajalasechit - 2 | 0.0020000(Acre) | 0.0008094 |
| 11. | 1291 | Private | Sarad Anajalasechit - 2 | 0.0100001(Acre) | 0.0040470 |
| 12. | 1292 | Private | Gharabari | 0.0070001(Acre) | 0.0028329 |
| 13. | 1295 | Private | Gharabari | 0.0180000(Acre) | 0.0072845 |
| 14. | 1296 | Private | Gharabari | 0.0200000(Acre) | 0.0080939 |
| 15. | 1299 | Private | Gharabari | 0.0350000(Acre) | 0.0141643 |
| 16. | 1300 | Private | Sarad Anajalasechit - 2 | 0.0060001(Acre) | 0.0024282 |
| 17. | 1302 | Private | Sarad Anajalasechit - 2 | 0.0100001(Acre) | 0.0040470 |
| 18. | 1304 | Private | Sarad Anajalasechit - 2 | 0.0020000(Acre) | 0.0008094 |
| 19. | 1305 | Private | Sarad Anajalasechit - 2 | 0.0070001(Acre) | 0.0028329 |
| 20. | 1306 | Private | Sarad Anajalasechit - 2 | 0.0050001(Acre) | 0.0020235 |
| 21. | 1307 | Private | Sarad Anajalasechit - 2 | 0.0080001(Acre) | 0.0032376 |
| | | Total | | 126.9682 | 51.3833 |

[ F.No. NHAI/11019/02/Bhubaneswar-Puintola(LA 3a)2018/PIU/BBSR/3A1]
**RAJESH GUPTA, Dy. Secy**




**ସଂକ୍ଷେପରେ**

## ବକ୍ସର ମିଲର ଦ୍ୱିତୀୟ ଥର ଡୋପ୍ ଟେଷ୍ଟରେ ବିଫଳ

**ଲସ୍‌ଆଞ୍ଜେଲ୍ସ, ୨୦।୪ (ଏଏଫ୍‌ପି):** ଆମେରିକୀୟ ବକ୍ସର ଜାରେଲ ମିଲର ଦ୍ୱିତୀୟ ଥର ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ୟୁଏସ ମିଡିଆ ରିପୋର୍ଟରେ ଏହା ପ୍ରକାଶ ପାଇଛି। ମିଲର ପ୍ରଥମ ଟେଷ୍ଟରେ ବିଫଳ ହେବା ପରେ ନ୍ୟୁୟର୍କ ବକ୍ସିଂ ଅଫିସିଆଲମାନେ ବୁଧବାର ତାଙ୍କୁ ଲାଇସେନ୍ସ ଦେବାକୁ ମନା କରିଦେଇଥିଲେ। ମିଲରଙ୍କ ନିକଟରେ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଦ୍ୱାରା ହୋଇଥିବା ଡୋପ୍ ଟେଷ୍ଟରେ ପଜିଟିଭ ଆସିଥିଲା। ତାଙ୍କ ସାମ୍ପଲରେ ନିଷିଦ୍ଧ ହ୍ୟୁମ୍ୟାନ ଗ୍ରୋଥ୍ ହରମୋନ୍ (ଏଚ୍‌ଜିଏଚ୍) ମାତ୍ରା ଠାବ କରାଯାଇଥିଲା। ମିଲର ଜୁନ୍ ୧ରେ ହେଭିୱେଟ୍ ଚାମ୍ପିୟନ ଆନ୍ଥୋନୀ ଜୋସୁଆଙ୍କ ସହିତ ଲଢେଇ କରିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ମଙ୍ଗଳବାର ପ୍ରଥମ ଡୋପ୍ ଟେଷ୍ଟ ଫଳାଫଳ ପରେ ତାଙ୍କୁ ଏଥିରୁ ବଞ୍ଚିତ ହେବାକୁ ପଡ଼ିଛି। ଫଳାଫଳ ନେଇ ସାଲିଟା ପ୍ରମୋଶନ୍ସ ଏବଂ ଗ୍ରେଗ୍ କୋହେନ ପ୍ରମୋଶନ୍ସ ପକ୍ଷରୁ ନୈରାଶ୍ୟ ପ୍ରକାଶ କରାଯାଇଛି। ଏହି ଲଢେଇ ଦେଖିବାଲାଗି ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ବକ୍ସିଂପ୍ରେମୀମାନେ ବିରକ୍ତି ପ୍ରକାଶ କରିଛନ୍ତି। ୨୪ବର୍ଷୀୟ ମିଲର ତାଙ୍କର ୨୪ଟି ପ୍ରଫେଶନାଲ ବାଉଟ୍‌ରେ ଅପରାଜେୟ ରହିଛନ୍ତି। ମାଡିସନ ସ୍କ୍ୱୋୟାର ଗାର୍ଡେନରେ ସେ ବ୍ରିଟେନ ବକ୍ସର ଜୋସୁଆଙ୍କ ସହିତ ଡବ୍ଲ୍ୟୁବିଏ, ଆଇବିଏଫ୍ ଏବଂ ଡବ୍ଲ୍ୟୁବିଓ ଟାଇଟଲ ପାଇଁ ଲଢିଥାନ୍ତେ। ସୂଚନାଯୋଗ୍ୟ, ମିଲର ପୂର୍ବରୁ ୨୦୧୪ରେ କିକ୍‌ବକ୍ସିଂ ସହିତ ସମ୍ପୃକ୍ତ ଥିଲେ। ମେଥିଲିହେକ୍ସାନିମାଇନ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ି କାଲିଫର୍ନିଆ ଷ୍ଟେଟ୍ ଆଥଲେଟିକ୍ କମିଶନ ଦ୍ୱାରା ୯ ମାସ ବାସନ୍ଦ ହୋଇଥିଲେ।

# ପାଣ୍ଡ୍ୟା, ରାହୁଲଙ୍କୁ ଜରିମାନା

**ନୂଆଦିଲ୍ଲୀ, ୨୦।୪ (ପି.ଟି.)**

### ଦେବେ କୋଡ଼ିଏ ଲକ୍ଷ ଲେଖାଏଁ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅମ୍ବୁଡ୍‌ସମ୍ୟାନ ଜଷ୍ଟିସ ଡି.କେ. ଜୈନ ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ୍ ରାହୁଲଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଏକ ଲୋକପ୍ରିୟ ଟିଭି ଶୋ'ରେ ଏହି ଦୁଇ ଭାରତୀୟ କ୍ରିକେଟର ମହିଳାଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଜୈନଙ୍କ ନିର୍ଦ୍ଦେଶନାମା ବିସିସିଆଇ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି। ପାଣ୍ଡ୍ୟା ଓ ରାହୁଲଙ୍କ ବିରୋଧରେ ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସେ କହିଛନ୍ତି। କାରଣ ଉଭୟେ ପୂର୍ବରୁ ଏହି ମାମଲାରେ ସାମୟିକ ସସ୍‌ପେଣ୍ଡ ହୋଇ ୫ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବାରୁ ବଞ୍ଚିତ ହୋଇ ସାରିଛନ୍ତି। ଏହାଛଡ଼ା ମହିଳାଙ୍କ ଉପରେ ଆପତ୍ତିଜନକ ମନ୍ତ୍ୟବ ପାଇଁ ନିଃସର୍ତ୍ତ କ୍ଷମାପ୍ରାର୍ଥନା ମଧ୍ୟ କରିସାରିଛନ୍ତି। ପାଣ୍ଡ୍ୟା ଓ ରାହୁଲ ଉଭୟେ ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ପ୍ରତ୍ୟେକଙ୍କୁ ଯେଉଁ ୨୦ ଲକ୍ଷ ଟଙ୍କା ଜରିମାନା ହୋଇଛି ସେଥିରୁ ୧୦ ଲକ୍ଷ ଟଙ୍କା 'ଭାରତ କେ ବୀର୍ ଆପ୍'ରେ ଜମା କରିବାକୁ ପଡ଼ିବ। ଏହି ରାଶିକୁ କାର୍ଯ୍ୟରତ ଥିବା ଅବସ୍ଥାରେ ପ୍ରାଣବଳୀ ଦେଇଥିବା ଅର୍ଦ୍ଧ-ସାମରିକ ବାହିନୀର ୧୦ କନଷ୍ଟେବଲଙ୍କ ବିଧବାପତ୍ନୀଙ୍କୁ ଏକ ଲକ୍ଷ ଟଙ୍କା ଲେଖାଁଏ ପ୍ରଦାନ କରାଯିବ। ଅବଶିଷ୍ଟ ୧୦ ଲକ୍ଷ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ ପାଣ୍ଠିରେ ଜମା କରିବାକୁ ପଡ଼ିବ। ଜରିମାନା ରାଶିକୁ ୪ ସପ୍ତାହ ମଧ୍ୟରେ ଜମା ଦେବାକୁ ପଡ଼ିବ। ଏଥିରେ ବିଳମ୍ବ ଘଟିଲେ ସେମାନଙ୍କ ମ୍ୟାଚ୍ ଫି'ରୁ ଆବଶ୍ୟକ ରାଶି କାଟିନିଆଯିବ ବୋଲି ଜୈନ ଉଲ୍ଲେଖ କରିଛନ୍ତି। ଜୈନ କହିଛନ୍ତି, ଟିଭି ଶୋ' କାର୍ଯ୍ୟକ୍ରମରେ ଖେଳାଳି ଦ୍ୱୟ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ସମ୍ବେଦନଶୀଳ ଥିଲା। ବ୍ୟକ୍ତିଗତ ମତ ଉପସ୍ଥାପନବେଳେ ସେମାନେ ତାହାକୁ ଏଡାଇ ଦେଇପାରିଥାନ୍ତେ। ଭାରତରେ ବିଶେଷ କରି ଯୁବ ସମାଜରେ କ୍ରିକେଟରମାନଙ୍କ ଯଥେଷ୍ଟ ପ୍ରଭାବ ରହିଛି। ଅନେକେ ସେମାନଙ୍କୁ ସେମାନଙ୍କ ରୋଲ ମଡେଲ ବିଚାରିଥାନ୍ତି। ତେଣୁ କ୍ରିକେଟରମାନେ ସେମାନଙ୍କ ଚରିତ୍ର ତଥା ବ୍ୟବହାର ଆଚରଣ ନେଇ ସଚେତନ ରହିବା ଉଚିତ୍। ପାଣ୍ଡ୍ୟାଙ୍କୁ ୨୫ ଏବଂ ରାହୁଲଙ୍କୁ ୨୭ବର୍ଷ ବୟସ। ଚଳିତମାସ ପ୍ରାରମ୍ଭରେ ସେମାନଙ୍କୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଅମ୍ବୁଡ୍‌ସମ୍ୟାନଙ୍କ ନିକଟରେ ହାଜର ହେବାକୁପଡ଼ିଥିଲା। ଉଭୟଙ୍କ ନାମ ସୋମବାର ଭାରତର ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିଲେ ମଧ୍ୟ ସେମାନେ ଜୈନଙ୍କ ରାୟକୁ ଅପେକ୍ଷା କରି ରହିଥିଲେ।



ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ।

# ସ୍ୱାର୍ଥଜନିତ ଦ୍ୱନ୍ଦ୍ୱ ପ୍ରସଙ୍ଗ: ଗାଙ୍ଗୁଲିଙ୍କ ସପକ୍ଷରେ ବିସିସିଆଇ

**ନୂଆଦିଲ୍ଲୀ, ୨୦।୪ (ପି.ଟି.):** ସୌରଭ ଗାଙ୍ଗୁଲିଙ୍କ ବିରୋଧରେ ଆଗତ ସ୍ୱାର୍ଥଜନିତ ମାମଲାର ଶୁଣାଣି ଶନିବାର ହୋଇଛି। ବିସିସିଆଇ ଅମ୍ବୁଡ୍ସମ୍ୟାନ ଜଷ୍ଟିସ ଡି.କେ.ଜୈନ ପୂର୍ବତନ ଭାରତୀୟ ଅଧିନାୟକଙ୍କଠାରୁ ଲିଖିତ ଜବାବ ଚାହିଁଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ବିସିସିଆଇ ଗାଙ୍ଗୁଲିଙ୍କ ସପକ୍ଷରେ ରହିଛି। ବେଙ୍ଗଲର ୩ଜଣ କ୍ରିକେଟପ୍ରେମୀ ଭାସ୍ୱତି ଶାନ୍ତୁଜା, ଅଭିଜିତ ମୁଖାର୍ଜୀ ଏବଂ ରଣଜିତ ସିଲ୍ ଅଭିଯୋଗ କରିଛନ୍ତି ଯେ, ଗାଙ୍ଗୁଲି ଏବେ ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି)ର ସଭାପତି ଏବଂ କ୍ରିକେଟ ପରାମର୍ଶଦାତା କମିଟିର ସଦସ୍ୟ ରହିଥିବା ବେଳେ ଆଇପିଏଲ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସର ଉପଦେଷ୍ଟା ଅଛନ୍ତି। ତାଙ୍କର ଏହି ଦ୍ୱୈତ୍ୟ ଭୂମିକାକୁ ନେଇ ସ୍ୱାର୍ଥଗତ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଖବର ଅନୁସାରେ ଗାଙ୍ଗୁଲି ଦଣ୍ଡିତ ହୁଅନ୍ତୁ ବୋଲି ପ୍ରଶାସକ କମିଟି (ସିଓଏ) ଚାହୁଁନାହିଁ। ସିଓଏ କହିବା ଅନୁସାରେ ନୂଆ ସମ୍ବିଧାନ କାର୍ଯ୍ୟକାରୀ ହେବା ପରେ ସବ୍ କମିଟିଗୁଡ଼ିକ ଭାଙ୍ଗିଦିଆଯାଇଛି। ଗାଙ୍ଗୁଲି ଆଇପିଏଲ ଟେକ୍‌ନିକାଲ କମିଟି ଏବଂ ଗଭର୍ନିଂ କାଉନ୍‌ସିଲରୁ ଇସ୍ତଫା ଦେଇସାରିଛନ୍ତି। କିନ୍ତୁ ସେ ଏବେ ସୁଦ୍ଧା କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ଅଂଶବିଶେଷ ରହିଛନ୍ତି। କିନ୍ତୁ ଏହି କମିଟି ବୈଠକ ୪ବର୍ଷ ମଧ୍ୟରେ ଦୁଇଥର ବସିଛି। ଏହି ଦୃଷ୍ଟିରୁ ମାମଲାର ସମାଧାନ ସୂତ୍ର ବାହାର କରାଯିବା ଉଚିତ୍।

# ଦ୍ରୁତ ବୋଲିଂ ହାଲ୍‌କା ମନେହେଉଛି

**ଗୌତମ ଗମ୍ଭୀର**

ଭାରତୀୟ ବିଶ୍ୱକପ୍ ଦଳରେ ୩ଜଣ ଦ୍ରୁତ ବୋଲର ସ୍ଥାନ ପାଇବା ମୋତେ ଆଶ୍ଚର୍ଯ୍ୟ କରିଛି। ଯେ କୌଣସି ଫର୍ମାଟରେ ବ୍ୟାଟ୍ସମ୍ୟାନ ସ୍କୋର କରନ୍ତି ଓ ଦ୍ରୁତ ବୋଲରମାନେ ମ୍ୟାଚ୍ ଜିତାଇଥନ୍ତି। ତେଣୁ ଦ୍ରୁତ ବୋଲିଂ ବିଭାଗରେ ଭାରତ ସାମାନ୍ୟ ହାଲକା ମନେହେଉଛି। ହାର୍ଦ୍ଦିକ ପାଣ୍ଡ୍ୟା ଓ ବିଜୟ ଶଙ୍କର ଭଳି ଅଲରାଉଣ୍ଡର ହୋଇଥିଲେ ମଧ୍ୟ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଜାରି ରହିଛି। ମୋ ମତରେ ଯଦି ବୋଲରମାନେ ମହଙ୍ଗା ସାବ୍ୟସ୍ତ ହୁଅନ୍ତି ତେବେ ବିଜୟଙ୍କ ସ୍ଥାନରେ ନବଦୀପ ସଇନିଙ୍କୁ ଦଳରେ ସାମିଲ କରାଗଲେ ଭାରତ ଫାଇଦାରେ ରହିବ। ଅମ୍ବାତି ରାୟୁଡୁ ଓ ରିଷଭ ପନ୍ତଙ୍କୁ ଦଳରୁ ବାଦ୍ ଦିଆଯିବା ନେଇ ଚର୍ଚ୍ଚା ହେଉଛି। ରାୟୁଡୁଙ୍କ ଦକ୍ଷତା ବଦଳରେ ତାଙ୍କ ଆଇପିଏଲ ଫର୍ମକୁ ନେଇ ବିଚାର କରାଯାଉଛି। ମିଡଲ ଅର୍ଡରରେ ରାୟୁଡୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେ ଦଳରେ ସ୍ଥାନ ପାଇବାର ହକ୍ ରଖୁଛନ୍ତି। ଅନ୍ୟପଟେ ପନ୍ତଙ୍କ ବୟସ କମ୍ ହୋଇଥିବାରୁ ତାଙ୍କ ଆଗରେ ଲମ୍ବା ଭବିଷ୍ୟତ ରହିଛି। ଶଟ୍ ଚୟନରେ ଭୁଲ୍ ନ କଲେ ସେ ଭାରତ ପାଇଁ ଦୀର୍ଘ ସମୟ ଧରି ଖେଳିପାରିବେ। ପନ୍ତଙ୍କ ନିକଟରେ ପ୍ରଚୁର ପ୍ରତିଭା ରହିଛି ଓ ତାଙ୍କୁ ସତର୍କତା ସହ ଖେଳାଇବାର ଆବଶ୍ୟକାତା ରହିଛି।

ଆଇପିଏଲ୍ କଥା ବିଚାର କଲେ ରବିବାର ଦୁଇଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଘରୋଇ ସନରାଇଜର୍ସ ହାଇଦ୍ରାବାଦ ଓ କୋଲକାତା ନାଇଟ ରାଇଡର୍ସ ପରସ୍ପରକୁ ଭେଟିବେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଚେନ୍ନାଇ ସୁପର କିଙ୍ଗ୍ସ ମୁହାଁମୁହିଁ ହେବେ। ଶୁକ୍ରବାର ଇଡେନ୍ ଗାର୍ଡେନରେ ବାଙ୍ଗାଲୋର ୨୧୩ ରନ ସଂଗ୍ରହ କରି ଘରୋଇ କୋଲକାତାକୁ ୧୦ ରନରେ ପରାସ୍ତ କରିଛି। ବାଙ୍ଗାଲୋରର ଏହି ବିଜୟ ମୋତେ ଖୁସି ଦେଇଛି। ତେବେ ବାଙ୍ଗାଲୋର ଯେଉଁଭଳି ଖେଳୁଛି ସେଥିପାଇଁ ପ୍ରଶଂସକ ପ୍ରାର୍ଥନା କରିବା ଆବଶ୍ୟକ। ଦୁର୍ଭାଗ୍ୟବଶତଃ କ୍ରୀଡ଼ାରେ କେବଳ ପ୍ରାର୍ଥନା ନୁହଁ, ପ୍ରଦର୍ଶନର ମଧ୍ୟ ଆବଶ୍ୟକତା ଥାଏ।

-(ଗେମ୍ ପ୍ଲାନ୍)

SEAGRAM'S
ROYAL STAG
MEGA CRICKET · CRICKET GEAR

# ୧୯୭୫ ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ୧୯୭୫ରେ ଆୟୋଜିତ ହୋଇଥିଲା। ଜୁନ୍ ୭ରୁ ୧୧ ତାରିଖ ମଧ୍ୟରେ ଖେଳାଯାଇଥିବା ଏହି ମେଗା ଇଭେଣ୍ଟରେ ଆୟୋଜକ ଇଂଲଣ୍ଡ ସମେତ ୮ଟି ଦେଶ ଅଂଶଗ୍ରହଣ କରିଥିଲେ। ଭାରତ ମଧ୍ୟ ଏଥିରେ ସାମିଲ ଥିଲା। ଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ପ୍ରଥମ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଭାରତ ଗ୍ରୁପ୍-ଏ'ରେ ସାମିଲ ହୋଇଥିଲା। ଭାରତ ସମେତ ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଇଷ୍ଟଆଫ୍ରିକା ମଧ୍ୟ ଏହି ଗ୍ରୁପ୍‌ରେ ସାମିଲ ଥିଲେ। ଭାରତ ଗ୍ରୁପ୍ ପର୍ଯ୍ୟାୟରେ ୩ଟି ମ୍ୟାଚ୍ ଖେଳିଥିଲା ଓ ଗୋଟିଏରେ ବିଜୟୀ ହୋଇଥିଲେ ମଧ୍ୟ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇ ନକ୍ ଆଉଟ୍ ପର୍ଯ୍ୟାୟକୁ ଉଠିପାରି ନ ଥିଲା। ଗ୍ରୁପ୍ ପର୍ଯ୍ୟାୟର ପ୍ରତ୍ୟେକ ଦଳ ବାକି ୩ଟି ଦଳ ସହ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ବିଶ୍ୱକପ୍‌ରେ କ୍ରିକେଟର ଦିନିକିଆ ଫର୍ମାଟ ନୂଆ କରି ଅସିଥାଏ। ଏହି ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ଆଦୌ ଉତ୍ସାହଜନକ ନ ଥିଲା। ଗ୍ରୁପ୍ ଏ'ର ତୃତୀୟ ସ୍ଥାନରେ ରହି ଭାରତ ଅଭିଯାନ ଶେଷ କରିଥିଲା। ଏହି ବିଶ୍ୱକପ୍‌ରେ ଭାରତର ନେତୃତ୍ୱ ନେଇଥିଲେ ଅଫ୍ ସ୍ପିନର ଶ୍ରୀନିବାସ ଭେଙ୍କଟରାଘବନ।

ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ଘରୋଇ ଇଂଲଣ୍ଡ ପରସ୍ପରକୁ ଭେଟିଥିଲେ। ଦିନିକିଆ ଇତିହାସରେ ଏହି ମ୍ୟାଚ୍ ଏକ ଅଲୋଡ଼ା କାରଣ ପାଇଁ ଅବଶ୍ୟ ପ୍ରସିଦ୍ଧ ଥିଲା। ଭାରତୀୟ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କରଙ୍କ ମନ୍ଥର ବ୍ୟାଟିଂକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ସୃଷ୍ଟି ହୋଇଥିଲା। ଇଂଲଣ୍ଡର ବୃହତ୍ ସ୍କୋର ଜବାବରେ ଗାଭାସ୍କର ଓପନିଂ କରିବାକୁ ଆସି ପୂରା ୬୦ ଓଭର ବ୍ୟାଟିଂ କରିଥିଲେ ମଧ୍ୟ ୩୬ ରନ କରି ଅପରାଜିତ ରହିଥିଲେ। ଭାରତୀୟ ପ୍ରଶଂସକଙ୍କୁ ଏହା ନିରାଶ କରିଥିଲା। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୬୦ ଓଭରରେ ୪ ଉଇକେଟ ହରାଇ ୩୩୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଡେନିସ ଆମିସ୍ ୧୩୭ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଇଥ୍ ଫ୍ଲେଚର ୬୮ ରନ କରି ଆଉଟ ହୋଇଥିବା ବେଳେ ଅଧିନାୟକ ମାଇକ୍ ଡେନେସ ୩୭ ଓ କ୍ରିସ୍ ଓଲ୍ଡ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ସୟଦ ଅବିଦ ଅଲି ୨ଟି ଉଇକେଟ ନେଇଥିଲେ। ଜବାବରେ ଭାରତ ୬୦ ଓଭର ବ୍ୟାଟିଂ କରି ୩ ଉଇକେଟରେ ମାତ୍ର ୧୩୨ ରନ କରି ବୃହତ ୨୦୨ ରନରେ ପରାସ୍ତ ହୋଇଥିଲା। ଗୁଣ୍ଡାପ୍ପା ବିଶ୍ୱନାଥ ୩୭, ଅଂଶୁମାନ ଗାଏକ୍ୱାଡ, ୨୨ ରନ କରିଥିଲେ। ଓପନିଂ କରିବାକୁ ଆସି ଗାଭାସ୍କର ୧୭୪ଟି ବଲ ଖେଳି ୧ ଚୌକା ସହ ୩୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଗାଭାସ୍କରଙ୍କ ଏହି ଧିମା ଇନିଂସ ବିବାଦ ସୃଷ୍ଟି କରିଥିଲା ଓ ସବୁଆଡୁ ସମାଲୋଚନା କରାଯାଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଇଷ୍ଟଆଫ୍ରିକାକୁ ଭେଟିଥିଲା। ଏଥିରେ ଭାରତ ୧୮୧ଟି ବଲ୍ ବାକିଥାଇ ୧୦ ଉଇକେଟରେ ବୃହତ୍ ବିଜୟ ହାସଲ କରିଥିଲା। ଇଷ୍ଟ ଆଫ୍ରିକା ଦୁର୍ବଳ ଥିବାରୁ ଭାରତର ଏହି ବୃହତ୍ ବିଜୟ ସେତେଟା ପ୍ରଶଂସା ପାଇ ନ ଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଇଷ୍ଟ ଆଫ୍ରିକା ୫୫.୩ ଓଭରରେ ୧୨୦ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଜବହୀର ଶାହା ସର୍ବାଧିକ ୩୭, ରମେଶ ସେଠୀ ୨୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ତରଫରୁ ମଦନ ଲାଲ ୩, ଅବିଦ ଅଲି, ମହେନ୍ଦ୍ର ଅମରନାଥ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ବ୍ୟାଟିଂ ଆରମ୍ଭ କରି ବିନା କୌଣସି କ୍ଷତିରେ ୨୯.୫ ଓଭରରେ ୧୨୩ ରନ କରି ବିଜୟୀ ହୋଇଥିଲା। ଗାଭାସ୍କର ୮୬ ବଲରୁ ୯ ଚୌକା ସହ ୬୫, ଫାରୁକ ଇଞ୍ଜିନିୟର ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ଇଞ୍ଜିନିୟର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଭାରତ ତା'ର ତୃତୀୟ ତଥା ଗ୍ରୁପ୍ ଏ'ର ଅନ୍ତିମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିଥିଲା। ଏଥିରେ ନ୍ୟୁଜିଲାଣ୍ଡ ୭ଟି ବଲ୍ ଥାଇ ୪ ଉଇକେଟରେ ବିଜୟୀ ହୋଇଥିଲା। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୬୦ ଓଭରରେ ୨୩୦ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଅବିଦ୍ ଅଲି ସର୍ବାଧିକ ୭୦, ଗାଏକ୍ୱାଡ ୩୭, ଇଞ୍ଜିନିୟର ୨୪, ଅଧିନାୟକ ଏସ୍ ଭେଙ୍କଟରାଘବନ ୨୬, ମଦନଲାଲ ୨୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ବ୍ରାଏନ ମ୍ୟାକକେକନି ୩, ସାର ରିଚାର୍ଡ ହାଡଲି, ଡାଏଲ ହାଡଲି ଓ ହେଡଲି ହାଓ୍ୱାର୍ଥ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ବ୍ୟାଟିଂ ଆରମ୍ଭ କରି ୫୮.୫ ଓଭରରେ ୬ ଉଇକେଟ ହରାଇ ୨୩୩ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ଅଧିନାୟକ ତଥା ଓପନର ଗ୍ଲେନ୍ ଟର୍ନର ଅପରାଜିତ ୧୧୪ ରନ ସଂଗ୍ରହ କରିଥିଲେ। ଅବିଦ ଅଲି ୨, ମଦନଲାଲ, ଅମରନାଥ ଓ ବେଦୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ସୁନୀଲ ଗାଭାସ୍କର

ଆଇସିସି ବିଶ୍ୱକପ୍
ଆଉ ୩୮ ଦିନ

## ମନେ ପଡ଼ନ୍ତି

**ସ୍ୱର୍ଗତ ଶ୍ରୀ ନିର୍ମଳେନ୍ଦୁ ମହାନ୍ତିଙ୍କ**
ଦଶାହ (ତାରିଖ ୨୧।୦୪।୨୦୧୯) ଉପଲକ୍ଷେ
ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ତିରୋଧାନ ଦିବସ ତାରିଖ ୧୨।୦୪।୨୦୧୯
ସ୍ଥାନ: ବେଣୁପୁର, ବାଲିଅନ୍ତା, ଖୋର୍ଦ୍ଧା



ଅମ୍ଳାନ ଜ୍ୟୋତି ଅମାପ ଖ୍ୟାତି ଅଶେଷ ଯଶ ରହିଥାଉ।
ଅଶ୍ରୁଳ ଆମ ଭକ୍ତିପୂତ ଭାବ ତୁମରି ଆଶିଷେ ପୂରିଯାଉ।।
ମାଆ ପଛେ ପଛେ ତମେ ଚାଲିଗଲ ଶୋକର ସାଗରେ ଠେଲିଦେଲ।
ତୁମ ଶିକ୍ଷା, ଦିକ୍ଷା, ବିମଳ, ପ୍ରତିଭା, ନିର୍ମଳ, ଶଶାଙ୍କ ସମତୁଲ।
ନିର୍ମଳେନ୍ଦୁ ତୁମ ପରି କେ ହେବ କି ସର୍ବ ବିଦ୍ୟାର ତୁମ କେନ୍ଦ୍ର।
ଆଶିଷ ତୁମର ରହିଥାଉ ସଦା ତୁମ ନର ମଧ୍ୟେ ଯଥା ଇନ୍ଦ୍ର।
'ଆପଣଙ୍କର ଶୋକସନ୍ତପ୍ତ'
ବଡ଼ ନାତୁଣୀ, ବଡ଼ ନାତୁଣୀ ଜ୍ୱାଇଁ, ମହାନ୍ତି ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ।
ଧ-୧୨୨୬୨

**ଶ୍ରଦ୍ଧାଞ୍ଜଳି**



✓ ବିମ୍ବାଧର ମିଶ୍ର
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
ଅଷ୍ଟାଦଶତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁବାନ୍ଧବଙ୍କ ବିନମ୍ର ପ୍ରାର୍ଥନା। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଲି, ପୁଅ-ଶିବୁ, ବୁବୁ
ବୋହୁ-ସୋନି, ସୋନାଲି
ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍
ନାତି-ପିଟୁ,ରିଓ, ନାତୁଣୀ-ଆହାନା, ରିହାନା
ଧ-୬୬୨୨୦

**ଦ୍ୱାଦଶାହ ଉପଲକ୍ଷେ**



ସ୍ୱର୍ଗତ ରବୀନ୍ଦ୍ର କୁମାର ମହାପାତ୍ର
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୯।୦୧।୧୯୬୩
ତିରୋଧାନ: ୧୦।୦୪।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର-ଆଦିତ୍ୟ, ଅରବିନ୍ଦ, ଜ୍ୱାଇଁ-ଦିପ୍ତାଂଶୁ, ଝିଅ-ଅରୁନ୍ଧତି, ହତଭାଗିନୀ ପତ୍ନୀ: ସୁଜାତା, ବନ୍ଧୁ ଓ ବୈଦ୍ୟ ପରିବାରବର୍ଗ। ଧ-୧୨୧୮୩

**ଦ୍ୱାଦଶାହ ଉପଲକ୍ଷେ**



ସ୍ୱର୍ଗତ ରବୀନ୍ଦ୍ର କୁମାର ମହାପାତ୍ର
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୯.୦୧.୧୯୬୩
ତିରୋଧାନ: ୧୦.୦୪.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଦିଗ୍‌ଦର୍ଶନ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କଠାରେ ଭକ୍ତିପୂର୍ଣ୍ଣ ପ୍ରାର୍ଥନା କରୁଛୁ।
ଶୋକ ସନ୍ତପ୍ତ
ବନ୍ଧୁ ଓ ବୈଦ୍ୟ ପରିବାରବର୍ଗ
ଆଦିତ୍ୟ ଟ୍ରେଡ଼ିଂ କୋ
ଆଦିତ୍ୟ ଏଣ୍ଟରପ୍ରାଇଜେସ ଓ ଲିଙ୍ଗରାଜ ସପ୍ଲାଏ ଏଜେନ୍ସି
ଧ-୧୨୨୫୦

**୧୭ ତମ ଶ୍ରାଦ୍ଧବାର୍ଷିକୀ**
**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ମୀରା ମିଶ୍ର (ଆଚାର୍ଯ୍ୟ)
ଆବିର୍ଭାବ- ୧୮.୨.୧୯୪୩
ତିରୋଧାନ - ୨୯.୪.୨୦୦୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଅନ୍ତର୍ଯ୍ୟାମୀ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଆମର ବିନମ୍ର ପ୍ରାର୍ଥନା।
ପୁତ୍ର ଓ ପୁତ୍ରବଧୂ- ହର୍ଷ, ମାମୁନି, ଟିକୁ, ଶିବାନୀ, ରୁବୁଲ୍, ରୁନୁ, ନାତି ଓ ନାତୁଣୀ- ଡାଲିଆ, ଜିନିଆ, ରୋହନ, ସୋହନ ଓ ପରିବାରବର୍ଗ।
ଧ-୬୬୦୯୮

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଏପ୍ରିଲ ୨୧/୨୦୧୯ Balasore, Sunday, April 21/ 2019

# ମୁମ୍ବାଇକୁ ହରାଇଲା ରାଜସ୍ଥାନ

ଜୟପୁର, ୨୦।୪(ପି.ଟି.)

ଆଇପିଏଲ୍‌ରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଘରୋଇ ରାଜସ୍ଥାନ ରୟାଲ୍ସ ୫ ଉଇକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୫ ଉଇକେଟରେ ୧୬୧ ରନ କରିଥିବାବେଳେ ରାଜସ୍ଥାନ ୫ଟି ବଲ୍ ଓ ୫ ଉଇକେଟ୍ ବଳକା ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅଧିନାୟକ ପଦକୁ ଫେରିଥିବା ଷ୍ଟିଭ ସ୍ମିଥ୍ ନେତୃତ୍ୱର ପ୍ରଥମ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିଛନ୍ତି। ପ୍ରତିଯୋଗିତାରେ ରାଜସ୍ଥାନ ୯ମ ମ୍ୟାଚ୍‌ରୁ ଏହା ୩ୟ ବିଜୟ ଥିଲା। ଦଳ ୬ ପଏଣ୍ଟ ସହ ଟେବୁଲ ତାଲିକାର ୭ମ ସ୍ଥାନରେ ରହିଛି। ଅପରପକ୍ଷରେ ମୁମ୍ବାଇ ୧୦ ମ୍ୟାଚ୍‌ରୁ ୪ ପରାଜୟ ଓ ୬ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲରେ ଚେନ୍ନାଇ ସୁପର୍ କିଙ୍ଗ୍ସ ପଛକୁ ୨ୟ ସ୍ଥାନରେ ରହିଛି।

ସ୍ଥାନୀୟ ସୱାଇ ମାନସିଂହ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ତେବେ ଦଳୀୟ ସ୍କୋର ୧୧ ରନ ହୋଇଥିବା ଅଧିନାୟକ ରୋହିତ୍ (୫ ରନ) ଶସ୍ତାରେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ କିନ୍ତୁ କ୍ୱିଣ୍ଟନ ଡି କକ୍‌ଙ୍କ ଲଢୁଆ ଅର୍ଦ୍ଧଶତକ ସାଙ୍ଗକୁ ମଧ୍ୟକ୍ରମରେ ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ଇନିଂସ ବଳରେ ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ୍ ହରାଇ ୧୬୧ ରନ କରିଥିଲା। ଡି କକ୍ ୪୭ ବଲରୁ ୬ ଚୌକା ଓ ୨ ଛକା ବଳରେ ସର୍ବାଧିକ ୬୫ ରନ କରିଥିଲେ। ସୂର୍ଯ୍ୟକୁମାର ଯାଦବ ୩୪ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨୩ ରନ କରିଥିବାବେଳେ ବିସ୍ଫୋରକ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କିରନ ପୋଲାର୍ଡ (୧୦) ନିରାଶ କରିଥିଲେ। ବେନ୍ କଟିଂ ୧୩ ଓ କ୍ରୁନାଲ ପାଣ୍ଡ୍ୟା ୨ ରନ କରି ଅପରାଜିତ ଥିଲେ। ଘରୋଇ ଦଳ ପକ୍ଷରୁ ସଫଳ ବୋଲର ଭାବେ ଲେଗ୍ ସ୍ପିନର ଶ୍ରେୟାସ ଗୋପାଳ ୨ଟି ଉଇକେଟ୍ ନେଇଥିଲେ।

ଜବାବରେ ରାଜସ୍ଥାନ ପ୍ରାରମ୍ଭରୁ ପୂର୍ବତନ ଅଧିନାୟକ ଅଜିଙ୍କ୍ୟ ରାହାନେ (୧୨)ଙ୍କ ଉଇକେଟ୍ ହରାଇଥିଲା। ଦ୍ୱିତୀୟ ଉଇକେଟ୍‌ରେ ଉଇକେଟ୍‌କିପର ସଞ୍ଜୁ ସାମସନ ଓ ସ୍ମିଥ୍ ସ୍ଥିତି ସୁଧାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ୮ମ ଓଭରରେ ମୁମ୍ବାଇର ଲେଗ୍-ସ୍ପିନର ରାହୁଲ ଚହର ସାମସନ (୩୫ ରନ) ଓ ବିସ୍ଫୋରକ ବ୍ୟାଟ୍ସମ୍ୟାନ ବେନ୍ ଷ୍ଟୋକ୍ସ (୦)ଙ୍କୁ ଆଉଟ୍ କରି ରାଜସ୍ଥାନକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ତେବେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତର ନେତୃତ୍ୱ ନେଇଥିବା ରିୟାନ ପରାଗ ଓ ସ୍ମିଥ୍ ୪ର୍ଥ ଉଇକେଟ୍‌ରେ ୮୦ ରନର ଭାଗୀଦାରି କରି ବିଜୟ ନିଶ୍ଚିତ କରିଦେଇଥିଲେ। ୨୯ ବଲ୍‌ରୁ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ରିୟାନ ୪୩ ରନ କରି ଆଉଟ୍ ହୋଇଥିବାବେଳେ ସ୍ମିଥ୍ (୫୯ ରନ, ୪୮ ବଲ, ୫ ଚୌକା, ୧ ଛକା) ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯.୧ ଓଭରରେ ୫ ଉଇକେଟ୍ ହରାଇ ରାଜସ୍ଥାନ ସହଜ ବିଜୟ ଲାଭ କରିଥିଲା। ମ୍ୟାଚ୍ ବିଜୟୀ ଇନିଂସ ପାଇଁ ସ୍ମିଥ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

### ଆଜିର ମ୍ୟାଚ



ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
କୋଲ୍‌କାତା ନାଇଟ୍ ରାଇଡର୍ସ
ସ୍ଥାନ : ହାଇଦ୍ରାବାଦ
ସମୟ : ଅପରାହ୍ନ ୪ଟା

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ବନାମ
ଚେନ୍ନାଇ ସୁପର୍ କିଙ୍ଗ୍ସ
ସ୍ଥାନ : ବାଙ୍ଗାଲୋର
ସମୟ: ରାତି ୮ଟା

ପ୍ରସାରଣ
ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୯ | ୭ | ୨ | ୧୪ | ୦.୧୦୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୧୨ | ୦.୩୫୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୫ | ୪ | ୧୦ | ୦.୧୪୬ |
| କିଙ୍ଗ୍ସ ଇଲେଭେନ | ୯ | ୫ | ୪ | ୧୦ | -୦.୦୧୫ |
| ସନ୍‌ରାଇଜର୍ସ | ୮ | ୪ | ୪ | ୮ | ୦.୫୪୯ |
| ନାଇଟ ରାଇଡର୍ସ | ୯ | ୪ | ୫ | ୮ | ୦.୨୫୬ |
| ରାଜସ୍ଥାନ ରୟାଲ୍ସ | ୯ | ୩ | ୬ | ୬ | -୦.୪୭୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୨ | ୭ | ୪ | -୦.୯୩୮ |



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଷ୍ଟିଭ୍ ସ୍ମିଥ୍।

### ସଂକ୍ଷିପ୍ତ ସ୍କୋର

- ମୁମ୍ବାଇ ଇଣ୍ଡିଆନ୍ସ- ୧୬୧/୫, ୨୦ ଓଭର (ଡି କକ୍ ୬୫, ସୂର୍ଯ୍ୟକୁମାର ୩୪, ହାର୍ଦ୍ଦିକ ୨୩, ପୋଲାର୍ଡ ୧୦, ଗୋପାଳ ୨/୨୧)।
- ରାଜସ୍ଥାନ ରୟାଲ୍ସ: ୧୬୨/୫, ୧୯.୧ ଓଭର (ସ୍ମିଥ୍ ୫୯*, ସାମସନ ୩୫, ରିୟାନ ୪୩, ରାହୁଲ ଚହର ୩/୨୯)।




# ବାଙ୍ଗାଲୋରକୁ ଜିତାଇଲେ କୋହଲି

**କୋଲକାତା, ୨୦।୪ (ପି.ଟି.):** ଅଧିନାୟକ ବିରାଟ କୋହଲିଙ୍କ ଧୂଆଁଧାର ଶତକ ବଳରେ ଆଇପିଏଲର ୩୫ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୦ ରନରେ ଘରୋଇ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ବାଙ୍ଗାଲୋର ୪ ଉଇକେଟ ହରାଇ ୨୧୩ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୨୦ ଓଭରରେ ୫ ଉଇକେଟ ହରାଇ ୨୦୩ ରନରେ ସୀମିତ ରହିଥିଲା। ୫୮ଟି ବଲ୍‌ର ସମ୍ମୁଖୀନ ହୋଇ ୯ ଚୌକା ଓ ୪ ଛକା ସହ ୧୦୦ରନର ଶତକୀୟ ପାଳି ଖେଳିଥିବା କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୧୪ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି କୋଲକାତା ଦୁଇ ଓପନର କ୍ରିସ୍ ଲିନ୍ ଓ ସୁନୀଲ ନାରିନଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଲିନ୍ ମାତ୍ର ୧ ରନ କରି ୯ ବର୍ଷ ପରେ ଆଇପିଏଲକୁ ପ୍ରତ୍ୟାବର୍ତ୍ତନ କରିଥିବା ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡେଲ ଷ୍ଟେଇନ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ୧୮ ରନ କରି ନାରିନ ନବଦୀପ ସଇନିଙ୍କ ଶିକାର ହୋଇଥିଲେ। ଶୁବମନ ଗିଲ ମାତ୍ର ୯ ରବିନ୍ ଉଥାପ୍ପା ୯ ରନ କରିଥିଲେ। ଏହାପରେ ଆନ୍ଦ୍ରେ ରସେଲ ଓ ନୀତୀଶ ରାଣା। ଧୂଆଁଧାର ବ୍ୟାଟିଂ କରି ପଞ୍ଚମ ଉଇକେଟ ଯୋଡିରେ ୧୧୮ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ରସେଲ ୨୫ ବଲରୁ ୨ ଚୌକା ଓ ୯ଛକା ସହ ୬୫ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହେବା ପରେ ବିଜୟ ଆଶା ମଉଳିଇଥିଲା। ଅନ୍ୟପଟେ ରାଣା ୪୬ ବଲରୁ ୯ ଚୌକା ଓ ୫ ଛକା ସହ ୮୫ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ବୋଲିଂରେ ବାଙ୍ଗାଲୋର ତରଫରୁ ଷ୍ଟେଇନ ୨ଅକ୍ତିଆର କରିଥିଲେ।



ବିରାଟ କୋହଲି

# ରାଜସ୍ଥାନ ରୟାଲ୍ସ ନୂଆ ଅଧିନାୟକ ସ୍ମିଥ

**ରାଜସ୍ଥାନ, ୨୦।୪:** ଆଇପିଏଲ ଫ୍ରାଞ୍ଚାଇଜ ରାଜସ୍ଥାନ ରୟାଲ୍ସ ଦଳର ଅଧିନାୟକ ପଦରୁ ଅଜିଙ୍କ୍ୟ ରାହାନେଙ୍କୁ ବିଦା କରାଯାଇଛି। ଚଳିତ ସିଜନରେ ଖରାପ ଫର୍ମ ଦେଇ ଗତି କରୁଥିବା ଷ୍ଟିଭ ସ୍ମିଥ ଏବେଠାରୁ ଦଳର ନେତୃତ୍ୱ ଭାର ସମ୍ଭାଳିବେ। ଏ ନେଇ ଫ୍ରାଞ୍ଚାଇଜ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ରାହାନେଙ୍କ ଚମତ୍କାର ନେତୃତ୍ୱ ବଳରେ ଦଳ ଗତ ବର୍ଷ ପ୍ଲେ-ଅଫ୍‌ସରେ ପ୍ରବେଶ କରିଥିଲା। କିନ୍ତୁ ଏବେ ଦଳକୁ ବିଜୟ ଦିଗରେ ଅଗ୍ରସର ହେବା ପାଇଁ ଭିନ୍ନ ଦୃଷ୍ଟିକୋଣ ତଥା ଅଧିନାୟକଙ୍କ ଦରକାର। ରାଜସ୍ଥାନ ଦଳର ନତୃତ୍ୱ ସହ ଦୀର୍ଘ ଦିନ ହେଲା ଜଡ଼ିତ ରହିଥିବା ସ୍ମିଥଙ୍କୁ ଅଧିନାୟକ ନିଯୁକ୍ତ କରାଯାଉଛି ବୋଲି ଦଳ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି। ଏ ସମ୍ପର୍କରେ ଦଳର ହେଡ୍ ଅଫ୍ କ୍ରିକେଟ ଜୁବିନ ଭାରୁଚା କହିଛନ୍ତି, ରାହାନେ ସର୍ବଦା ଜଣେ ରୟାଲ ହୋଇ ରହିବେ। ତାଙ୍କ ନେତୃତ୍ୱରେ ଦଳ ୨୦୧୮ ଆଇପିଏଲରେ ଚ୍ୟାଲେଞ୍ଜିଂ ସ୍ଥିତିରେ ପ୍ଲେ-ଅଫ୍‌ସରେ ପ୍ରବେଶ କରିଥିଲା। ସେ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ଅଂଶ। ଉଲ୍ଲେଖଥାଉ କି, ରୟାଲ୍ସ ଦଳ ଏପର୍ଯ୍ୟନ୍ତ ୮ ମ୍ୟାଚ୍ ଖେଳି ୨ ବିଜୟ ସହ ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଛି।

# ଆଇପିଏଲରୁ ଓହରିଲେ ବଟଲର

**ଜୟପୁର,୨୦।୪:** ଜୋସ ବଟଲରଙ୍କ ଆଇପିଏଲ ଅଭିଯାନ ଶନିବାର ଶେଷ ହୋଇଛି। ଇଂଲଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ପ୍ରଥମ ଥର ବାପା ହେବାକୁ ଯାଉଛନ୍ତି। ତାଙ୍କ ସ୍ତ୍ରୀ ଲୁସି ୱେବର ମେଡିକାଲରେ ଆଡ୍‌ମିଟ ହୋଇଥିବାରୁ ସେ ଶୀଘ୍ର ସ୍ୱଦେଶ ଫେରିଛନ୍ତି। ବିଶ୍ୱକପ୍ ପୂର୍ବରୁ ପାକିସ୍ତାନ ବିପକ୍ଷ ସିରିଜ୍ ଖେଳାଯିବାର ଅଛି। ଏଥିନେଇ ତାଙ୍କୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ଚଳିତ ମାସ ୨୬ ତାରିଖ ପୂର୍ବରୁ ସ୍ୱଦେଶ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# କିମ୍ବଦନ୍ତୀ ଚେସ୍ ଖେଳାଳି ଅରାତିଙ୍କ ବିୟୋଗ



ଭୁବନେଶ୍ୱର, ୨୦।୪ (ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟର କିମ୍ବଦନ୍ତୀ ଚେସ୍ ଖେଳାଳି ତଥା ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ)ର ଉପସଭାପତି ଓ ଭୁବନେଶ୍ୱର ଚେସ୍ ଆସୋସିଏଶନ (ବିସିଏ)ର ସମ୍ପାଦକ ଅରାତି ବିଜୟ ମହାନ୍ତିଙ୍କ ପରଲୋକ ଘଟିଛି। ଶନିବାର ସକାଳେ ଶହୀଦ ନଗରସ୍ଥିତ ଏକ ହସ୍ପିଟାଲରେ ୭୫ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ନିମୋନିଆରେ ପୀଡ଼ିତ ଥିଲେ। ଅରାତିଙ୍କ ବିୟୋଗରେ ଓଏସ୍‌ସିଏ ଓ ବିସିଏ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ବିବାହିତ ଅରାତି ରାଜ୍ୟ ସରକାରଙ୍କ ୱାର୍କ୍ସ ଡିପାର୍ଟମେଣ୍ଟରୁ ଅଣ୍ଡର ସେକ୍ରେଟାରୀ ଭାବେ ଅବସର ନେଇଥିଲେ ମଧ୍ୟ ଚେସ୍ ପ୍ରତି ସମର୍ପିତ ରହିଥିଲେ। ଚେସ୍‌ରେ ସଂସ୍କାର ପାଇଁ ଜୀବନର ଅଧିକାଂଶ ସମୟ କଟାଇଥିଲେ ମଧ୍ୟ କେବେ ଥକି ପଡ଼ି ନ ଥିଲେ ଏହି କିମ୍ବଦନ୍ତୀ କ୍ରୀଡ଼ାବିତ୍। ସେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଓଡ଼ିଶା ରାଜ୍ୟ ଚେସ୍ ସଂଘର କାର୍ଯ୍ୟକାରୀ ସଭାପତି ରହିବା ସହ ବହୁ ଉନ୍ନତମାନର ଖେଳାଳିଙ୍କୁ ଚେସ୍ ସିଲଟରେ ପାଠ ପଢ଼ାଇଥିଲେ। ୧୯୬୫ରୁ ୭୨ ପର୍ଯ୍ୟନ୍ତ ଅନେକଥର ରାଜ୍ୟ ଚାମ୍ପିୟନ ହୋଇଥିବା ଏହି ଚେସ୍‌ରନ୍ ସିଭିଲ ସର୍ଭିସ ଖେଳରେ ଓଡ଼ିଶାକୁ ବହୁବାର ଜିତାଇଛନ୍ତି। ଗାର୍ଗି ମହାପାତ୍ର, ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ ତାଙ୍କର ଅନ୍ୟତମ ଶିଷ୍ୟ।

# ଫାଓ ଏକାଡେମୀ ଦଳ ଘୋଷିତ

କଟକ ଅଫିସ,୨୦।୪

ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ) ଆନୁକୂଲ୍ୟରେ ଜାମସେଦପୁରଠାରେ ଆସନ୍ତା ୨୨ରୁ ହିରୋ ୟୁଥ୍ ଲିଗ୍ ଆରମ୍ଭ ହେବ। ଏଥିନିମନ୍ତେ ଶନିବାର ଫାଓ ଏକାଡେମୀ ୧୫ବର୍ଷରୁ କମ୍ ଦଳ ଜାମସେଦପୁର ଯାତ୍ରା କରିଛି। ଫାଓ ଏକାଡେମୀ ଦଳ ରେଷ୍ଟ ଅଫ୍ ଇଣ୍ଡିଆ ଜୋନରେ ସାମିଲ ହୋଇଛି। ଏହି ଜୋନରେ ଓଡ଼ିଶାର ଅନ୍ୟ ଏକ ଦଳ ଭାବେ କଳିଙ୍ଗନଗର ଫୁଟବଲ ଏକାଡେମୀ ସ୍ଥାନ ପାଇଛି। ଏହାଛଡ଼ା ଜାମସେଦପୁର ଏଫ୍‌ସି, ଧାନବାଦ ଫୁଟବଲ ଏକାଡେମୀ ମଧ୍ୟ ରହିଛନ୍ତି। ଏଏଫ୍‌ସି ବି' ଲାଇସେନ୍ସ ପ୍ରାପ୍ତ ନିପେନ୍ଦ୍ର କୁମାର ଦାସ ହେଉଛନ୍ତି ଫାଓ ଏକାଡେମୀ ଦଳର କୋଚ୍।

**ଫାଓ ଏକାଡେମୀ ଦଳ:** ସରିକ ରେହମାନ (ଅଧିନାୟକ), ନୱାଶିଷ ନୁର, ଅମ୍ରିତ ସାମଲ, ସେକ୍ ସାହିଦ, ୱାଙ୍ଗଡେନ ଲାମା, ପରମେଶ୍ୱର ତିର୍କୀ, ଅନମୋଲ ଲାକ୍ରା, ସୁଶିଲ ବାରିକ, ପୀୟୂଷ ପଟ୍ଟନାୟକ, ମହମ୍ମଦ ସର୍ଫରାଜ, ରୋହିତ ଟିଗା, ଓସ୍କାର ମିଞ୍ଜ, ବବୁଲ ନାଏକ, ତାରିକ ମହମ୍ମଦ, ରବିନାରାୟଣ ଦୀପ, ରାହୁଲ ଜୋଜୋ, ଅଫଜଲ ଅଲ୍ଲୀ, ଓମପ୍ରକାଶ ଡୁମାରୀ।



ୟୁଥ୍ ଲିଗ୍ ନିମନ୍ତେ ଘୋଷିତ ଫାଓ ଏକାଡ଼େମୀ ଦଳ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ପ୍ରତି ନିର୍ବାଚନମଣ୍ଡଳୀରେ ରହିବ 'ସ୍ୱତନ୍ତ୍ର ମହିଳା ବୁଥ୍'

**ଚମ୍ପୁଆ, ୨୦।୪(ଡି.ଏନ.ଏ.):** ପାଟଣା(୨୩) ଏବଂ ଚମ୍ପୁଆ (୨୫) ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ, ଅବାଧ ଏବଂ ନିରପେକ୍ଷ ଭାବେ ସମ୍ପାଦନ କରିବାକୁ ପ୍ରଶାସନ ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଉଭୟ ନିର୍ବାଚନମଣ୍ଡଳୀରେ 'ମଡେଲ ବୁଥ୍ ଏବଂ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବୁଥ୍'ର ଆୟୋଜନ କରାଯାଇଛି। ପାଟଣା ଏବଂ ଚମ୍ପୁଆରେ ୧୫ ଲେଖାଏଁ ମଡେଲ ବୁଥ୍ କରାଯିବ ବୋଲି ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଉଭୟ ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ମହିଳା ବୁଥ୍ ରହିବ ବୋଲି ଜଣାପଡ଼ିଛି। ଓଡ଼ିଶା ସାଧାରଣ ନିର୍ବାଚନ ପ୍ରକ୍ରିୟାରେ ପ୍ରଥମ ଥର ପାଇଁ ସାମିଲ ହେବେ ମହିଳା ଅଧିକାରୀ ଏବଂ କର୍ମଚାରୀ। ଚମ୍ପୁଆ ନିର୍ବାଚନମଣ୍ଡଳୀର ବଡ଼ବିଲ, ଯୋଡ଼ା, ରିମୁଳି, ମହତାବ ହାଇସ୍କୁଲ, କାଳିକାପ୍ରସାଦ, କରଞ୍ଜିଆ, କଣ୍ଡରା, ସିଆଳିଯୋଡ଼ା, ଝାଡ଼ଗାଁ ଆଦି ସ୍ଥାନରେ ମଡେଲ୍ ବୁଥ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପାଟଣା ନିର୍ବାଚନମଣ୍ଡଳୀର ପର୍ଶଳା, ଅସନପାଟ, ଉଖୁଣ୍ଡା, କଣ୍ଟିଆପଡ଼ା, ପାଟଣା, ବଡ଼ପାଟଣା, ପୁଟୁଳିଆ, ଟାଙ୍ଗରପଡ଼ା, ସାହାରପଡ଼ା, ଗୋରାଣ୍ଡିଯୋଡ଼ି, ହଳଦୀବଟା, ରାଧାପୁର, ବଳଭଦ୍ରପୁର ଆଦି ସ୍ଥାନରେ ମଡେଲ୍ ବୁଥ୍ କରାଯିବ ବୋଲି ଜଣାଯାଇଛି। ଉଲ୍ଲେଖଯୋଗ୍ୟ, ୨୩ ତାରିଖରେ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏବଂ ପାଟଣାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ହେବ ବୋଲି ଜଣାଯାଇଛି।

■ କେନ୍ଦୁଝର ଜିଲାରେ ଭାଜପାର ମାରାଥନ ପ୍ରଚାର

# 'ଡବଲ ଇଞ୍ଜିନ ସରକାର ଦରକାର'

■ ରାଜ୍ୟ ସରକାର, କଂଗ୍ରେସ ଉପରେ ବର୍ଷିଲେ ଧର୍ମେନ୍ଦ୍ର

■ ରାଜ୍ୟର ବିକାଶରେ ଦୁଇ ପଟ୍ଟନାୟକ ମୁଖ୍ୟ ବାଧକ

**କେନ୍ଦୁଝର/ ରାଇସୁଆଁ/ ପାଟଣା, ୨୦।୪ (ସ୍ୱ.ପ୍ର./ ଡି.ଏନ.ଏ.)**


ଭାଜପା ପ୍ରାର୍ଥୀଙ୍କ ଲାଗି ପ୍ରଚାର କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବା ବେଳେ କେନ୍ଦୁଝର ଜିଲାରେ ଶନିବାର ଭାଜପାର ମାରାଥନ ପ୍ରଚାର କରିଛନ୍ତି ବହୁ ହେଭିୱେଟ୍ ନେତା। ତେଲକୋଇ, ସଦର ସହ ପାଟଣା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ସଂକଳ୍ପ ସଭାରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାର ଓ କଂଗ୍ରେସ ଉପରେ ବର୍ଷିଛନ୍ତି। ତେଲକୋଇ ଅନ୍ତର୍ଗତ ହରିଚନ୍ଦନପୁର ହାଇସ୍କୁଲ ପଡ଼ିଆଠାରେ ଭାଜପାର ବିଜୟ ସଂକଳ୍ପ ସଭାରେ ଧର୍ମେନ୍ଦ୍ର ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଚିଟ୍‌ଫଣ୍ଡ, ଖଣି ଦୁର୍ନୀତି, ପିସି କାରବାର, ଆଇନ ଶୃଙ୍ଖଳା ପରିସ୍ଥିତି ସହ ବିଭିନ୍ନ ଦୁର୍ନୀତିରେ ରାଜ୍ୟ ସରକାର ବୁଡି ରହିଛନ୍ତି। ନବୀନ ସରକାର ୨୦ ବର୍ଷରେ ଓଡ଼ିଶାବାସୀଙ୍କ ଅର୍ଥ ହରିଲୁଟ କରିଛନ୍ତି। ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ସହ ରାଜ୍ୟରେ ଭାଜପା ସରକାର ଗଠନ ନିମନ୍ତେ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ରରେ ସରକାର ଗଠନ କରିବାକୁ ଡବଲ ଇଞ୍ଜିନ ସରକାର ଦରକାର ବୋଲି ସେ କହିଥିଲେ। କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଓ ତେଲକୋଇ ବିଧାନସଭା ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କୁ ପଦ୍ମଫୁଲ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି ସଭାରେ ବହୁ ମହିଳାପୁରୁଷ, ଭାଜପା କର୍ମକର୍ତ୍ତା ଓ ସମର୍ଥକ ଯୋଗ ଦେଇଥିଲେ। ସେହିପରି କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଳାଶଙ୍ଗା ନିକଟ ମୁରୁସୁଆଁ ଗ୍ରାମରେ ଭାଜପାର ବିଜୟ ସଙ୍କଳ୍ପ ସଭାରେ ଧର୍ମେନ୍ଦ୍ର ଯୋଗଦେଇ ସଦର ବିଧାୟକ ପ୍ରାର୍ଥୀ ମୋହନ ମାଝି, ଏମ୍‌ପି ପ୍ରାର୍ଥୀ ଅନନ୍ତ ନାଏକଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ଭୋଟରଙ୍କୁ ଅନୁରୋଧ କରିଥିଲେ। ଏଥିସହ ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲେ। ଖଣି ମାଫିଆ ଏବଂ ବିଜେଡି ମିଶି ଖଣି ଖାଦାନକୁ ଲୁଟ କରିଛନ୍ତି। ଓଡ଼ିଶା ବିକାଶରେ ଦୁଇ ପଟ୍ଟନାୟକ ମୁଖ୍ୟ ବାଧକ ବୋଲି ସେ କହିଥିଲେ।

ପାଟଣା ନିର୍ବାଚନମଣ୍ଡଳୀ ତୁରୁମୁଙ୍ଗାସ୍ଥିତ ନିନୁହାଁ ଫୁଟ୍‌ବଲ ପଡ଼ିଆରେ ମଧ୍ୟ ଭାଜପାର ବିଜୟ ସଂକଳ୍ପ ସଭା ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଧର୍ମେନ୍ଦ୍ର ଯୋଗଦେଇ ଭାଜପାର କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାଏକ ଓ ପାଟଣା ଭାଜପା ବିଧାୟକ ପ୍ରାର୍ଥୀ ଭବାନୀଶଙ୍କର ନାୟକଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ନବୀନ ସରକାର ହଟାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡବଲ ଇଞ୍ଜିନ ସରକାରକୁ ଓଡ଼ିଶାରେ ଥରୁଟିଏ ସୁଯୋଗ ଦିଅ ବୋଲି ଧର୍ମେନ୍ଦ୍ର ଲୋକଙ୍କୁ କହିଥିଲେ। ବରିଷ୍ଠ ଭାଜପା ନେତା ମୋଚିରାମ ସାହୁଙ୍କ ସଂଯୋଜନାରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ସବୁଜ ମହାନ୍ତ ବର୍ମା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ବରିଷ୍ଠ ନେତା ମମିତା ନାଏକ, ଶିବାଜୀ ଗୌତମ ମହାନ୍ତ ବର୍ମା, ନିତ୍ୟନ ମହାପାତ୍ର, ପ୍ରହ୍ଲାଦ ପଲେଇ, ଡଲି ପାତ୍ର, ସନାତନ ପୃଷ୍ଟି, ଦିଲୀପ ନାଏକ ଓ ବିପିନ ବିହାରୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ତୁରୁମୁଙ୍ଗା ଥାନା ଅଧିକାରୀ ବିଜୟ କୃଷ୍ଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା।

# କୁଶଙ୍କ ନେତୃତ୍ୱରେ ନିର୍ବାଚନ ବୈଠକ

**ବଡ଼ବିଲ, ୨୦।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନମଣ୍ଡଳୀରେ ନିର୍ବାଚନ ହେବାକୁ ଆଉ ମାତ୍ର ଦୁଇ ଦିନ ବାକି ରହିଲା। ଏହି ଆସନ ପାଇଁ ମୋଟ ୧୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରାର୍ଥୀମାନେ ହେଲେ କୈଳାଶଚନ୍ଦ୍ର ତନ୍ତୀ, ମୀନାକ୍ଷୀ ମହାନ୍ତ, ମୂରଲୀ ମନୋହର ଶର୍ମା, ଯଦୁମଣି ବାରିକ, ଗଙ୍ଗା ମହାକୁଡ, ଦୀନବନ୍ଧୁ କର, ପଞ୍ଚରତ୍ନ ମହାକୁଡ, ପୂର୍ଣ୍ଣ ଚନ୍ଦ୍ର ମହାନ୍ତ, ରତିକାନ୍ତ ପରିଡ଼ା, ରାଜେନ ମୁଣ୍ଡା, ସୁଶୀଲ ମହାନ୍ତ, ଗୁରୁବକ୍ସ ସିଂ ଆଲୁୱାଲିଆ, ତ୍ରିଲୋଚନ ପଲେଇ, ମହେନ୍ଦ୍ର ଗିରି, ଶ୍ରୀମନ୍ତ ତ୍ରିପାଠୀ ଓ ସହଦେବ ବେହେରା। ନିର୍ବାଚନ ରଣାଙ୍ଗନରେ ସମସ୍ତ ପ୍ରାର୍ଥୀ ବିଜୟ ଆଶା ରଖି ନିଜର ସକ୍ଷମତା ଅନୁଯାୟୀ ପ୍ରଚାର ଚଳାଇଛନ୍ତି। ଭାଜପା ଓ ବିଜେଡି ମଧ୍ୟରେ କଡା ଟକ୍କର ହେବା ଏକ ପ୍ରକାର ସୁନିଶ୍ଚିତ ହୋଇଯାଇଛି। ବିଜେଡିରୁ ସନାତନଙ୍କ ପ୍ରାର୍ଥୀ ମୀନାକ୍ଷୀଙ୍କ ନିମନ୍ତେ ସନାତନ ପ୍ରଚାରକୁ ଜୋରଦାର କରିଛନ୍ତି।

ବିଜେଡିରୁ ଟିକେଟ ନ ପାଇ ଚୁପ ହୋଇ ବସିଥିବା କୁଶ ଆପଟଙ୍କ ନେତୃତ୍ୱରେ ଦଳୀୟ କର୍ମୀଙ୍କୁ ନେଇ ଶନିବାର ଏକ ବୈଠକ ହୋଇଥିଲା। ବଡ଼ବିଲ ସହର ଉପକଣ୍ଠରେ ଥିବା କାରୁବାକୀଠାରେ ଆୟୋଜିତ ଏହି ବୈଠକରେ ପ୍ରାୟ ୨ ହଜାର କର୍ମୀ ଏକତ୍ରିତ ହୋଇଥିଲେ। ସନାତନଙ୍କ ପ୍ରାର୍ଥୀ ନୁହେଁ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବା ଲକ୍ଷ୍ୟ ନେଇ କାମରେ ସମସ୍ତେ ଲାଗିବା ନିମନ୍ତେ କୁଶ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

# ବିଜେଡି ପାଇଁ ପ୍ରଚାର କଲେ ସନାତନ

**ଚମ୍ପୁଆ, ୨୦।୪ (ଡି.ଏନ.ଏ.)**

ବିଜେଡିକୁ ଭୋଟ ଦେବା ପାଇଁ ଶନିବାର ଚମ୍ପୁଆ ଶିରପୁରଠାରେ ବିଧାୟକ ସନାତନ ମହାକୁଡ ଲୋକଙ୍କୁ ଭୋଟ ଭିକ୍ଷା କରିଛନ୍ତି। ମୁଁ ବିଜେଡି ନୁହଁ ମାତ୍ର ମୋ ସମର୍ଥିତ ପ୍ରାର୍ଥୀଙ୍କୁ ବିଜେଡି ପ୍ରାର୍ଥୀ କରିଥିବାରୁ ତାଙ୍କୁ ଆଗାମୀ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ମୋର ବନ୍ଧୁତ୍ୱ ରହିଥିବାରୁ ଏହି ପ୍ରାର୍ଥୀଙ୍କୁ ଜିତାଇବା ମୋର କର୍ତ୍ତବ୍ୟ ବୋଲି ସେ କହିଥିଲେ। ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଲୋକଙ୍କ ସେବା କରିବି। ମୋ ମର୍ଯ୍ୟାଦା ରଖିବା ପାଇଁ ଏମ୍‌ପି ପ୍ରାର୍ଥୀ ଚନ୍ଦ୍ରାଣୀ ମୁର୍ମୁ ଓ ବିଧାୟକ ପ୍ରାର୍ଥୀ ମୀନାକ୍ଷୀ ମହାନ୍ତଙ୍କୁ ଭୋଟ ଦେଇ ଜିତାନ୍ତୁ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିତ୍ତଶାଳୀ ଚମ୍ପୁଆ ନିର୍ବାଚନମଣ୍ଡଳୀରେ କ'ଣ ଉନ୍ନତି କରିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ।

# 'ନିରପେକ୍ଷ ତଦନ୍ତ କର'

■ ଉଦ୍ଦେଶ୍ୟମୂଳକ ଅଭିଯୋଗକୁ ବିରୋଧ

■ ଥାନା ଘେରିଲେ ବିଜେଡି କର୍ମୀ

**ଆନନ୍ଦପୁର, ୨୦।୪(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ନିର୍ବାଚନୀ ହିଂସା ମଧ୍ୟ ବୃଦ୍ଧି ପାଉଛି। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ମଧ୍ୟରେ ଛକାପଞ୍ଝା ରାଜନୀତି ଲାଗି ରହିଛି। ଉଦ୍ଦେଶ୍ୟମୂଳକ ଅଭିଯୋଗକୁ ନେଇ ଅସନ୍ତୋଷ ତୀବ୍ର ହେଉଛି। ଏହିଭଳି ଏକ ଘଟଣା ଘସିପୁରା ନିର୍ବାଚନମଣ୍ଡଳୀରେ ଚର୍ଚ୍ଚାର ବିଷୟ ହୋଇଛି। ୧୮ ତାରିଖ ରାତି ୧୦ଟା ସମୟରେ ରାମଚନ୍ଦ୍ରପୁର ଥାନା ଅଙ୍ଗାରୁଆ ଗ୍ରାମର ରାଜନୈତିକ ମତଭେଦକୁ ନେଇ ବଚସା ହୋଇଥିଲା। ଏହି ଘଟଣାରେ ଗ୍ରାମର ରାଜେନ୍ଦ୍ର ସା ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ରାମଚନ୍ଦ୍ରପୁର ଥାନାରେ ଏକ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ. ୫୫/୧୯) ରୁଜୁ କରିଥିଲା। ଏହି ଅଭିଯୋଗ ପତ୍ରରେ ବିଜେଡିର ଜଣେ ସମର୍ଥକ ରାଜେନ୍ଦ୍ରଙ୍କ ପାଟିରେ ବନ୍ଧୁକ ପୂରାଇ ଧମକ ଦେଇଥିବା ଉଲ୍ଲେଖ ରହିଛି। ଏହି ଘଟଣାରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି।

ସାମାନ୍ୟ ବଚସା ହୋଇଥିବା ବେଳେ ସେଭଳି କୌଣସି ଗୁରୁତର ଗଣ୍ଡଗୋଳ ଘଟଣା ହୋଇ ନ ଥିବା ପୋଲିସ କହୁଛି। ଅନ୍ୟପକ୍ଷରେ ଅଭିଯୋଗକାରୀ ଉଦ୍ଦେଶ୍ୟମୂଳକ ଭାବେ ଘସିପୁରା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଓ ତାଙ୍କ ପୁଅଙ୍କ ସମେତ ଆଗଧାଡିର ବିଜେଡି କର୍ମୀଙ୍କ ସମ୍ପୃକ୍ତି ଦର୍ଶାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ଘସିପୁରା ନିର୍ବାଚନମଣ୍ଡଳୀର ବିଜେଡି କର୍ମୀମାନେ ଘୋର ବିରୋଧ କରିଛନ୍ତି। ଶନିବାର ସକାଳ ୧୧ଟା ସମୟରେ ବହୁ ସଂଖ୍ୟାରେ ବିଜେଡି କର୍ମୀ ରାମଚନ୍ଦ୍ରପୁର ଥାନା ଘେରାଉ କରି ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଆଇଆଇସି ସ୍ୱାଇଁ ତଦନ୍ତ ନିରପେକ୍ଷ ଭାବେ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ କର୍ମୀ ଘେରାଉ କାର୍ଯ୍ୟକ୍ରମରୁ ହଟିଥିଲେ।

DSPL - 05





## ପଶୁପକ୍ଷୀଙ୍କୁ ଅଂଶୁଘାତରୁ ରକ୍ଷା ପାଇଁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ

- ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟାଣ ଖରାରେ ଗୋରୁଙ୍କୁ ବାହାରକୁ ନଛାଡ଼ି ଗୁହାଳରେ କିମ୍ବା ଛାଇ ସ୍ଥାନରେ ରଖନ୍ତୁ।
- ପଶୁପକ୍ଷୀଙ୍କୁ ଆବଦ୍ଧ ଘରେ ନରଖି ମୁକ୍ତ ବାୟୁ ଚଳାଚଳ ଘରେ ରଖନ୍ତୁ ଏବଂ ଅଯଥାରେ ଗହଳି କରି ରଖିବାକୁ ଦିଅନ୍ତୁ ନାହିଁ।
- ପ୍ରାଣୀଙ୍କୁ ଖରା ସମୟରେ ହଳ କାର୍ଯ୍ୟ, ବେଙ୍ଗଳା ପକା, ତେଲ ଘଣା, ପରିବହନ ଆଦି କାର୍ଯ୍ୟରେ ନିୟୋଜିତ କରନ୍ତୁ ନାହିଁ।
- ପ୍ରାଣୀଙ୍କ ଖାଦ୍ୟରେ ଦୈନିକ ଧାତବ ଲବଣ ମିଶ୍ରିତ ଭିଟାମିନ୍ ଗୁଣ୍ଡ ୪ରୁ ୬ଚାମଚ ଓ ଲୁଣ ୫୦ ଗ୍ରାମ ଖାଇବାକୁ ଦିଅନ୍ତୁ।
- ପୋଷା ପଶୁପକ୍ଷୀଙ୍କୁ ନିବୁଜ ଗାଡ଼ି ବା କ୍ରେଟ୍ ମଧ୍ୟରେ ପରିବହନ ବା ସ୍ଥାନାନ୍ତରିତ କରନ୍ତୁ ନାହିଁ।
- ପଶୁପକ୍ଷୀମାନଙ୍କୁ ସ୍ୱଚ୍ଛ ଥଣ୍ଡା ପିଇବା ପାଣି ପିଇବାକୁ ଦିଅନ୍ତୁ ଏବଂ ବାହାରର ନାଳ, ନର୍ଦ୍ଦମା ବା ପୋଖରୀର ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ।
- ପ୍ରାଣୀଙ୍କ ବିଶ୍ରାମ ସ୍ଥାନ ବା ଗୋଠରେ ଜଳକୁଣ୍ଡର ବ୍ୟବସ୍ଥା କରନ୍ତୁ।
- ଗୁହାଳର ଆଜ୍‌ବେଷ୍ଟସ କିମ୍ବା ଟିଣ ଛପର ଉପରେ ନଡ଼ା କିମ୍ବା କଞ୍ଚା ଡ଼ାଳପତ୍ର ବିଛାଇ ରଖନ୍ତୁ।
- ଗୁହାଳ ଓ କୁକୁଡ଼ା ଘର କବାଟ ଝରକାରେ ଜାଲି ଥିବା ଓଦା ଅଖା ଝୁଲାନ୍ତୁ ଏବଂ ମଝିରେ ମଝିରେ ପାଣି ସିଞ୍ଚନ କରନ୍ତୁ।
- ପ୍ରାଣୀଙ୍କୁ ଦିନକୁ ଥରେ କମ୍ବା ଆବଶ୍ୟକସ୍ଥଳେ ୨ ରୁ ୩ଥର ଗାଧୋଇ ଦିଅନ୍ତୁ।
- କୁକୁଡ଼ା ଘରର ଲିଟରକୁ ଉପଯୁକ୍ତ ପରିଚାଳନା କରିବା ସଙ୍ଗେ ସଙ୍ଗେ ପିଇବା ପାଣି ପ୍ରତି ୨-୩ ଘଂଟା ବ୍ୟବଧାନରେ ବଦଳାନ୍ତୁ।
- ପ୍ରାଣୀଙ୍କୁ ସକାଳେ ଓ ସନ୍ଧ୍ୟାବେଳେ ପୁଷ୍ଟିକର ସନ୍ତୁଳିତ ଖାଦ୍ୟ ଖାଇବାକୁ ଦେବା ସହିତ ଦିନରେ ସବୁଜ ଘାସ, ନଡ଼ା, କୁଟା ଆଦି ଗାଈକୁ ଖାଇବାକୁ ଦିଅନ୍ତୁ।
- **ପ୍ରାଣୀଙ୍କୁ ଅଂଶୁଘାତ ହେବାର ଲକ୍ଷଣଗୁଡ଼ିକ ହେଲା :** ପଶୁପକ୍ଷୀମାନେ କିଛି ଖାଆନ୍ତି ନାହିଁ, କ୍ଷୀଣ ଦୁର୍ବଳ ଅବସନ୍ନ ଦେଖାଯାନ୍ତି, ଶ୍ୱାସକ୍ରିୟା ଓ ନାଡ଼ିର ବେଗ ବଢ଼ିଯାଏ, ପାଟି ବାଟେ ନିଶ୍ୱାସ ନେବା ସହିତ ଧକେଇ ହୁଅନ୍ତି, ଜିଭ ପଦାକୁ ସମୟେ ସମୟେ ବାହାରିଥାଏ, ପାଟିରୁ ଓ ନାକପୁଡ଼ାରୁ ଫେଣ ପରି ନିର୍ଗତ ହୁଏ, ଆଖିର ଶ୍ଳେଷ୍ମାଝିଲ୍ଲୀ ଲାଲ ଦିଶେ, ଫୁସ୍‌ଫୁସ୍‌ର ଗତି ବଦଳିଯାଏ, ଶରୀରର ଉତ୍ତାପ ୧୦୬-୧୧୦ ଡିଗ୍ରୀ ଫାରେନ୍‌ହାଇଟ ବୃଦ୍ଧି ପାଇ ସ୍ଥିର ରୁହେ, ଶ୍ୱାସକେନ୍ଦ୍ର ଏବଂ ସ୍ନାୟୁରେ ପକ୍ଷାଘାତ ବା ପାରାଲିସିସ୍ ହୁଏ, ଶେଷଆଡ଼କୁ ଶରୀରର ଉତ୍ତାପ କମିଯାଏ ଏବଂ ପ୍ରାଣୀମାନେ ମୃତ୍ୟୁବରଣ କରନ୍ତି।
- ପ୍ରାଣୀଙ୍କୁ ଅଂଶୁଘାତ ହେଲେ ଆକ୍ରାନ୍ତ ପ୍ରାଣୀଙ୍କୁ ତୁରନ୍ତ ଥଣ୍ଡା ଛାଇ ସ୍ଥାନକୁ ସ୍ଥାନାନ୍ତରିତ କରନ୍ତୁ, ପ୍ରଚୁର ଥଣ୍ଡା ପିଇବା ପାଣି ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ପରାମର୍ଶ ସହ ସ୍ଥାନୀୟ ନିୟୋଜିତ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ବ୍ୟବସ୍ଥାର ସାହାଯ୍ୟ ନିଅନ୍ତୁ।



"ମନେରଖନ୍ତୁ:ଅଂଶୁଘାତରୁ ପଶୁପକ୍ଷୀଙ୍କୁ ରକ୍ଷା କରିବା ଆପଣଙ୍କର ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ। ଏଥିରେ ଅବହେଳା କରନ୍ତୁ ନାହିଁ।"

ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

06042/13/0001/1920

## ଅଂଶୁଘାତ ପ୍ରତି ସାବଧାନ !

- ଟାଣ ଖରାରେ ପଦାକୁ ବାହାରନ୍ତୁ ନାହିଁ।
- କଠିନ ପରିଶ୍ରମ କରନ୍ତୁ ନାହିଁ।
- ଜରୁରୀ କାମରେ ବାହାରକୁ ଯିବାକୁ ହେଲେ ମୁଣ୍ଡରେ ଓଦା ଗାମୁଛା, ଛତା, ଚପଲ ଏବଂ କଳା ଚଷମା ବ୍ୟବହାର କରନ୍ତୁ।
- ବାହାରକୁ ଯିବା ସମୟରେ ପାଣି ବୋତଲ ସାଙ୍ଗରେ ନିଅନ୍ତୁ।
- ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଅଧିକ ପାଣି, ଓ.ଆର୍.ଏସ୍ ଦ୍ରବଣ, ପଣା, ତୋରାଣି, ଘୋଳଦହି ଓ ଆଖୁରସ ପିଅନ୍ତୁ। କାକୁଡ଼ି, ତରଭୁଜ ଆଦି ଖାଆନ୍ତୁ।
- ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ।
- ହାଲୁକା ଏବଂ ଢିଲା ପୋଷାକ ପରିଧାନ କରନ୍ତୁ।
- ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଯଥାଶୀଘ୍ର ଡାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ।
- ଗୃହପାଳିତ ପଶୁପକ୍ଷୀ ମାନଙ୍କୁ ଛାଇରେ ରଖନ୍ତୁ ଏବଂ ପ୍ରଚୁର ପରିମାଣରେ ପାଣି ପିଇବାକୁ ଦିଅନ୍ତୁ।






DSPL-506

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର
OSDMA

ସଚେତନତା ଓ ସତର୍କତା ହିଁ ସୁରକ୍ଷା!

24007/13/0020/1819